# ଧରିତ୍ରୀ
DHARITRI

Dharitri 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 15/2024 | Page 20 | ₹ 7.00

୫୦ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 112 | ମୂଲ୍ୟ ₹୭/-





# Education Empowerment

## Paving the Way for All, Delivering Excellence








## More than 1.92 Crore Students Enrolled in the School Chalo Campaign

- Enhancing infrastructure facilities in more than 1.40 lakh primary/upper primary schools under Operation Kayakalp
- Establishment of state universities in Azamgarh, Aligarh and Saharanpur
- Construction of the Uttar Pradesh State Institute of Forensic Science in Lucknow
- Establishment of 15 incubation centers under Startup Policy
- Construction in full swing of Rajendra Prasad Law University in Prayagraj
- Construction of Major Dhyanchand Sports University is underway in Meerut
- Laid the Foundation Stone of Mahatma Buddha University of Agriculture and Technology in Kushinagar
- Decision to establish state universities in Vindhyachal, Devipatan and Moradabad divisions
- Construction of 280 New Government Inter Colleges/High Schools and 65 girls' hostels
- Construction of 41 New Inter Colleges, 215 Government High Schools and 77 girls' hostels
- Expansion of government ITIs from 260 to 305 with seats increased from 1.25 lakh to 1.72 lakh
- 75 Government Polytechnic under construction



**Education for All**

**Double Engine Ki Sarkar**

Information and Public Relations Department, U.P.

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ Bhubaneswar, Friday, March 15/2024

# ମେଣ୍ଟ: ତଥାପି ଚିତ୍ର ଅସ୍ପଷ୍ଟ

ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

- ନବୀନ ନିବାସରେ ମେଣ୍ଟ ଉପରେ ହେଲାନି ଆଲୋଚନା
- ଜିଲାୱାରି ସାଙ୍ଗଠନିକ ତଥ୍ୟ ନେଲେ ମୁଖ୍ୟମନ୍ତ୍ରୀ
- ଏକାକୀ ଲଢ଼ିବୁ କହି ପରେ ମତ ବଦଳାଇଲେ ମନମୋହନ

ଦୀର୍ଘଦିନ ପରେ ନବୀନ ନିବାସରେ ବିଜେଡିର ପ୍ରମୁଖ ନେତାଙ୍କୁ ନେଇ ଗୁରୁବାର ବୈଠକ ବସିଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣ ଜଣ କରି ସବୁ ନେତାଙ୍କ ସହିତ ଆଲୋଚନା କରି ସମସ୍ତଙ୍କ କଥା ଗମ୍ଭୀରତା ସହ ଶୁଣିଛନ୍ତି। ମେଣ୍ଟକୁ ନେଇ କୌଣସି ବିଜେଡି ନେତା ଏ ଯାଏ ଆନୁଷ୍ଠାନିକ ଭାବେ ମୁହଁ ଖୋଲିନାହାନ୍ତି। ଗଣମାଧ୍ୟମ ଆଗରେ ମେଣ୍ଟ ସମ୍ପର୍କରେ ବୟାନ ରଖୁଥିବାରୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ବୈଠକରେ ତାଗିଦ କରାଯାଇଥିବା ଜଣାପଡ଼ିଛି।

ବିଜେଡି-ଭାଜପା ସମ୍ଭାବ୍ୟ ମେଣ୍ଟ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ଏନେଇ ଅଦ୍ୟାବଧି କିଛି ଚୂଡ଼ାନ୍ତ ହୋଇପାରି ନାହିଁ। ୪ ଦିନ ହେଲା ଦିଲ୍ଲୀରେ ଡେରା ପକାଇଥିବା ଭାଜପା ରାଜ୍ୟ ନେତୃବୃନ୍ଦ ଗୁରୁବାର ଓଡ଼ିଶା ଫେରିବା ପରେ ଚିତ୍ର ସ୍ପଷ୍ଟ ହୋଇପାରେ ବୋଲି ସମସ୍ତଙ୍କ ଧାରଣା ଥିଲା। ହେଲେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରୁ ଫେରି ଗଣମାଧ୍ୟମ ଆଗରେ ରଖିଥିବା ମତ ମେଣ୍ଟ ଚିତ୍ରକୁ ଆହୁରି ଅସ୍ପଷ୍ଟ କରିଦେଇଛି। ତେବେ ମେଣ୍ଟ ନ ହେବା କଥା ସେ ଦୃଢ଼ତାର ସହ କହୁନାହାନ୍ତି। ସମାନଭାବେ ଗୁରୁବାର ଅପରାହ୍ନରେ ନବୀନ ନିବାସରେ ବିଜେଡିର ବରିଷ୍ଠ ନେତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ମଧ୍ୟ ମେଣ୍ଟ ବିଷୟରେ କିଛି ସ୍ପଷ୍ଟ ହେବ ବୋଲି ଅନେକ ଭାବୁଥିଲେ। କିନ୍ତୁ ଏହି ପ୍ରସଙ୍ଗରେ ବୈଠକରେ କିଛି ଆଲୋଚନା ହୋଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବରିଷ୍ଠ ନେତା ଓ ଜିଲା ପର୍ଯ୍ୟବେକ୍ଷକମାନେ ଜିଲାୱାରି ସାଙ୍ଗଠନିକ କାର୍ଯ୍ୟକ୍ରମ ଏବଂ ନିର୍ବାଚନ ରଣକୌଶଳ ଆଦି ଉପରେ ସବିଶେଷ ରିପୋର୍ଟ ଦେଇଥିବା ବିଷୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ମେଣ୍ଟ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାରୁ ସେ ଏହାକୁ ଏଡ଼ାଇଯାଇଛନ୍ତି। କିନ୍ତୁ ବୈଠକରୁ ଫେରିଥିବା କେତେଜଣ ବିଜେଡି ନେତା ମେଣ୍ଟ ହେବା ନିଶ୍ଚିତ ବୋଲି ମତ ରଖିଛନ୍ତି। ଏଭଳି ସ୍ଥିତିରେ ଉଭୟ ଦଳର ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡକାଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ସହ ମେଣ୍ଟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏହା ପରଠାରୁ ମେଣ୍ଟ ନେଇ ଦଳୀୟ ନେତାମାନେ ☞ପୃଷ୍ଠା-୯

# ବଣ୍ଡ୍ ତଥ୍ୟ ସାର୍ବଜନୀନ ହେଲା

ନୂଆଦିଲ୍ଲୀ, ୧୪।୩ (ପି.ଟି.)

**ସର୍ବାଧିକ ୧,୩୬୮ କୋଟିର ବଣ୍ଡ କିଣିଛି ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍**

ନିର୍ବାଚନ କମିଶନ (ଇସି) ଗୁରୁବାର ଇଲେକ୍ଟୋରାଲ ବଣ୍ଡ ତଥ୍ୟ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗତ ୧୨ ତାରିଖରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିଥିଲେ। ମାର୍ଚ୍ଚ ୧୫ ଅପରାହ୍ନ ୫ଟା ସୁଦ୍ଧା ଉକ୍ତ ତଥ୍ୟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ଶୀର୍ଷ ଅଦାଲତ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସ୍‌ବିଆଇ ଦାଖଲ କରିଥିବା ସବିଶେଷ ବିବରଣୀକୁ ଇସି ଦୁଇ ଭାଗରେ ପ୍ରକାଶ କରିଛନ୍ତି।

ଅପ୍‌ଲୋଡ୍ ହୋଇଥିବା ତଥ୍ୟ ଅନୁଯାୟୀ ଇଲେକ୍ଟୋରାଲ ବଣ୍ଡ କ୍ରେତାଙ୍କ ମଧ୍ୟରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମାଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ୍, ଡିଏଲ୍‌ଏଫ୍ କମର୍ସିଆଲ ଡେଭେଲପର୍ସ, ବେଦାନ୍ତ ଲିଃ, ଆପୋଲୋ ଟାୟାର, ଲକ୍ଷ୍ମୀ ମିତ୍ତଲ, ଏଡେଲୱେଇସ୍, ପିଭିଆର୍, କେଭେଣ୍ଟର, ସୁଲା ୱାଇନ୍, ୱେଲ୍‌ସ୍ପନ୍, ସନ୍ ଫାର୍ମା ପ୍ରମୁଖ ରହିଛନ୍ତି। କିନ୍ତୁ ଦେଶର ଦୁଇ ବୃହତ୍ ଶିଳ୍ପଗୋଷ୍ଠୀ ଆଦାନୀ ଗ୍ରୁପ୍ କିମ୍ବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନାଁ ତାଲିକାରେ ନାହିଁ। ଇଲେକ୍ଟୋରାଲ ବଣ୍ଡ ଜରିଆରେ ସର୍ବାଧିକ ଚାନ୍ଦା ଦେଇଥିବା କମ୍ପାନୀ ମଧ୍ୟରେ ଫିଉଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ଲିଃ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ଯଥାକ୍ରମେ ୧,୩୬୮ କୋଟି ଏବଂ ୯୬୬ କୋଟି ଟଙ୍କାର ବଣ୍ଡ କିଣିଛନ୍ତି। ଏହା ବ୍ୟତୀତ ସର୍ବାଧିକ ଚାନ୍ଦା ପ୍ରଦାନକାରୀ ୧୦ କମ୍ପାନୀ ମଧ୍ୟରେ କ୍ୱିକ୍ ସପ୍ଲାଏ ଚେନ୍ ପ୍ରାଇଭେଟ୍ ଲିମିଟେଡ୍ ୪୧୦ କୋଟି ଟଙ୍କାର ବଣ୍ଡ କିଣି ତୃତୀୟ ସ୍ଥାନରେ ଥିବାବେଳେ ବେଦାନ୍ତ ଲିମିଟେଡ୍ ୪୦୦ କୋଟି, ହଳଦିଆ ଏନର୍ଜି ଲିମିଟେଡ୍ ୩୭୭ କୋଟି, ଭାରତୀ ଗ୍ରୁପ୍ ୨୪୭ କୋଟି, ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡସ ଲିମିଟେଡ୍ ୨୨୪ କୋଟି ଟଙ୍କାର ବଣ୍ଡ କିଣିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୱେଷ୍ଟର୍ନ ୟୁପି ପାୱାର ଟ୍ରାନ୍ସମିଶନ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ଆମେରିକାର ଆଧିପତ୍ୟ ପ୍ରତି ବିପଦ

# ୨ଟଙ୍କା କମିଲା ପେଟ୍ରୋଲ, ଡିଜେଲ ଦର




ନୂଆଦିଲ୍ଲୀ, ୧୪।୩

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଗୁରୁବାର କେନ୍ଦ୍ର ସରକାର ତୈଳ ଦର କମାଇଛନ୍ତି। ଏପରିକି ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ୨ଟଙ୍କା ଲେଖାଏ ହ୍ରାସ କରାଯାଇଛି। ଏହା ଫଳରେ ଖାଉଟି କିଛି ☞ପୃଷ୍ଠା-୯









**ଆଜିର ମନ୍ତବ୍ୟ**

“ ସିଏଏକୁ କେବେ ହେଲେ ପ୍ରତ୍ୟାହାର କରାଯିବ ନାହିଁ। ଏହି ଆଇନକୁ ଲାଗୁ କରି ମୋଦି ସରକାର ନିଜ ଘୋଷଣାପତ୍ରରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ସଂଖ୍ୟାଲଘୁ ଭୋଟ ପାଇଁ ବିରୋଧୀ ଏହାକୁ ନେଇ ତୁଷ୍ଟୀକରଣ ରାଜନୀତି କରୁଛନ୍ତି। —ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଇମ୍ପାକ୍ଟ ଅଫ୍ ଡିଜିଟାଲ ଇନୋଭେଶନ ଇନ୍ କମର୍ସ ଆଣ୍ଡ ମ୍ୟାନେଜମେଣ୍ଟ', ସ୍ଥାନ: ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଡମିନ୍‌ଷ୍ଟ୍ରେଟିଭ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଫେଇ କର୍ମଚାରୀ ସିଏଲ୍ଆର୍/ଡିଏଲ୍ଆର୍‌ଙ୍କ ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ବେତନ ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ ନିକଟ, ସମୟ: ପୂର୍ବାହ୍ନ ୧୧ଟା ୪୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀ ମିଳିତ ଆନୁକୂଲ୍ୟରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜନ୍ମଜୟନ୍ତୀ ପାଳନ ଏବଂ ଆଲୋଚନାଚକ୍ର, ସ୍ଥାନ: ରେଡକ୍ରସ ଭବନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ବାଗ୍‌ଦେବୀ ଥିଏଟର ଫେଷ୍ଟ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କଟକ ସଦର ବ୍ଲକ ଅଞ୍ଚଳର ୨ ପୋଲ ପାଇଁ ଶିଳାନ୍ୟାସ, ସ୍ଥାନ: ଦଧିବାମନପୁର ପଞ୍ଚାୟତର ଆଇତଳଙ୍ଗ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଟି-୨୦ କ୍ରିକେଟ୍ ମ୍ୟାଚ୍, ସ୍ଥାନ: କଟକ ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଓ ହରିହାଟ, ସ୍ଥାନ: ମା'ଜାଗେଶ୍ୱରୀଙ୍କ ପୀଠ, ବଡ଼ସିରିବିଲା, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବିଭିନ୍ନ ୱାର୍ଡରେ ୨୪ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନିମାପଡ଼ା, ସମୟ: ସକାଳ ୯ଟା।
- ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଏବଂ ବିବିଏ ବିଭାଗ ପକ୍ଷରୁ ଅଭିନନ୍ଦନ-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ସାହିତ୍ୟ ଆସର ଓ ଆଲୋଚନା ଚକ୍ର, ସ୍ଥାନ: ପୁରୀ ସର୍ବମଙ୍ଗଳା ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଖବରଦାତାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଅହମ୍ମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେରଙ୍ଗ ଫୁଟ୍‌ବଲ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ଓ ପାରାୟଣ, ସ୍ଥାନ: ଧବଳେଶର ପୀଠ ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- କର୍ମମନ୍ଦିର ଜଟଣୀ ପକ୍ଷରୁ ଯୁବ ଉତ୍ସବ-୨୦୨୪, ସ୍ଥାନ: ଟ୍ରାଫିକ କଲୋନୀସ୍ଥିତ ରେଲୱେ ଇନଷ୍ଟିଚ୍ୟୁଟ ପରିସର, ଜଟଣୀ, ସମୟ: ଅପରାହ୍ନ ୩ଟା ୩୦।
- ମା'ଦକ୍ଷିଣକାଳୀଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନିରଞ୍ଜନପୁର ଗ୍ରାମସ୍ଥିତ ପୀଠ ପରିସର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ମିଡ଼ିଆ କନକ୍ଲେଭ-୨୦୨୪, ସ୍ଥାନ: ପିଜିସି ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଓୟୁଜେ ପକ୍ଷରୁ ପ୍ରତିବାଦ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥର ଶୁଭାରମ୍ଭ, ସ୍ଥାନ:ଜଗନ୍ନାଥ ମନ୍ଦିର ବାରିପଦା,ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟତୋଳନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଚଣାବାଡ଼ିଆ, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗମାନଙ୍କୁ ସହାୟତା, ସ୍ଥାନ: ବାରିପଦା ପିଆର୍‌ଏମ୍ ମେଡିକାଲ ସନ୍ନିକଟ ଜିଲା ଭିନ୍ନକ୍ଷମ ସହାୟତା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- କମ୍ପ୍ୟୁଟେସନାଲ ଇଣ୍ଟେଲିଜେନ୍ସ ଇନ୍ ପ୍ୟାଟେର୍ଣ୍ଣ ରିକୋଗନିସନ ଶୀର୍ଷକ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦୃଷ୍ଟି ବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରାଣ ଭବନର ଉଦ୍‌ଘାଟନ, ସ୍ଥାନ: ବାରିପଦା ୱାର୍ଡ ନଂ.୨୨, ସମୟ: ଅପରାହ୍ନ ୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ବାହାଦୂରପୁର ଭାବବୃନ୍ଦାବନ, ସମୟ: ଅପରାହ୍ନ ୧ଟା।
- ଭେଣ୍ଡିଂ ଜୋନର ଶିଳାନ୍ୟାସ, ସ୍ଥାନ: ବାରିପଦା ୱାର୍ଡ ନଂ. ୧୨, ସମୟ: ଅପରାହ୍ନ ୩ଟା।
- ମା' ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ହୋଲି ଉପଲକ୍ଷେ ମା' ତାରିଣୀ ପୀଠରେ ଅନ୍ନଛତ୍ର ବଣ୍ଟନ ନେଇ ବୈଠକ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମାର୍କେଟସାହି,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ବରପଦା ବିକାଶ ମଞ୍ଚ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭଦ୍ରକ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ନିର୍ବାଚନୀ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପରିଚାଳନା ତାଲିମ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ ଅଧିକାରୀଙ୍କ ନିର୍ବାଚନ ପ୍ରଶିକ୍ଷଣ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ମତୋ ହାଇସ୍କୁଲ ଓ ସାରଳା ହାଇସ୍କୁଲ, ବଡ଼ଓପ୍ତିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମୁନି ସମାଜର ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷଣ୍ଡ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆନ୍ତଃ ସୀମା ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର,ସମୟ: ପୂର୍ବାହ୍ନ ୧୧ ଟା।
- ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପକ୍ଷରୁ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପୌରପାଳିକା ସ୍ପୋର୍ଟସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ଏସ୍ଏଫ୍ଆଇର ବିକ୍ଷୋଭ, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି, ସମୟ: ସକାଳ ୯ଟା।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ଭଞ୍ଜନଗର ଆରଏମ୍‌ସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଭେଜିପୁଟ କାଳଞ୍ଜି କୁଳଭବନ , ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡି, ସମୟ: ପୂର୍ବାହ୍ନ ୧୧ଟା।
- ଭତ୍ତା ବଣ୍ଟନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଶ୍ରାମ ଭବନ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା
- ବିଭିନ୍ନ ଜାତିର କର୍ମକର୍ତ୍ତାଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା, ସ୍ଥାନ: ଭଞ୍ଜନଗର ବନବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୫ଟା
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗିମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- କୃଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖଜୁରିପଡ଼ା ବ୍ଲକ ଆଡ଼ାସିପଡା ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ଦୂରସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା, ସ୍ଥାନ: ସଦ୍‌ଭାବନା ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମର ଶେଷ ଦିବସ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ୯ଟାରୁ ଅପରାହ୍ନ ୫ଟା।

## ମାଲକାନଗିରି

- ବନାଗ୍ନି ନିୟନ୍ତ୍ରଣ ସଚେତନତା କର୍ମଶାଳା, ସ୍ଥାନ: କାଳିମେଳା ବନାଞ୍ଚଳ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ସକାଶେ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିଏଡ୍ କଲେଜ, ସମୟ: ସକାଳ ୯ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିରର ତୃତୀୟ ଦିନ, ସ୍ଥାନ: କଲେଜ ଲେକଚରାର ହଲ, ସମୟ: ସକାଳ ୯ଟା୩୦।
- ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ରଙ୍କ ବାର୍ତ୍ତାଳାପ, ସ୍ଥାନ: ସାମ୍ବାଦିକ ଭବନ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା୪୫।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମ, ସମୟ : ସକାଳ ୬ଟା।
- ଯୁବ ବିଜେଡି ପକ୍ଷରୁ ବୀରମହାରାଜପୁରରୁ ବିନିକା ବାଇକ୍ ରାଲି, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ବିନିକାକୁ ଉପଖଣ୍ଡ ମାନ୍ୟତା ଦାବିରେ ୧୦ମ ଦିନରେ ଗଣଧାରଣା, ସ୍ଥାନ: ବିନିକା ତହସିଲ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜାବ୍ ପକ୍ଷରୁ ଧାରଣା, ସ୍ଥାନ: ଗାନ୍ଧୀ ଛକ ଗାନ୍ଧୀମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନାଇକେନପାଲି, ଅତାବିରା, ସମୟ: ସକାଳ ୯ଟା ୩୦।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିକିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମିନତୀ ଚୌଧୁରୀଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମାନବିକତା ପରିବାରର ଭୂମିଷ୍ଠ ପ୍ରଣାମ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତି ସମସ୍ୟା ନେଇ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱରରାଗିଣୀ ପକ୍ଷରୁ ମହିଳା ଦିବସ, ସ୍ଥାନ: ସେକ୍ଟର-୨୦, ସମୟ: ଅପରାହ୍ନ ୩ଟା।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ନିର୍ବାଚନ ପରିଚାଳନାରେ ପୋଲିସର ଭୂମିକା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ପୋଲିସ ରିଜର୍ଭ, ସମୟ: ସକାଳ ୭ଟା୩୦।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ୍ ,ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ବାରକୋଟ ବ୍ଲକ ସରୁଆଲି,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଭାରତୀୟ ମୁକ୍ତି ମୋର୍ଚ୍ଚାର ସମାବେଶ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ ୧୦ଟା।
- ଓୟୁଜେ ସଂଘ ପକ୍ଷରୁ ସାମାଜିକ ସୁରକ୍ଷା, ପେନସନ ଦାବିରେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚମ ଜୁନାଗଡ଼ ଟ୍ରଫି ଉଦ୍‌ଘାଟିତ, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଉଦନ୍ତୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଘିଆ ଗ୍ରାମମଣ୍ଡପ କୁଞ୍ଜଘର,ସମୟ: ସକାଳ ୯ଟା।
- ବୌଦ୍ଧରେ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ମିଶନ ଶକ୍ତି ଗୃହ ମୁରୁସୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ଦୋଳ ପୂର୍ଣ୍ଣିମା ଅବସରରେ ହରିହର ଭେଟ ଉତ୍ସବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ଲୀଳାମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ: ସକାଳ ୯ ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିସିସି ହାଇସ୍କୁଲ ଓ ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ତାଳଚେର ବିଧାୟକଙ୍କ ଦ୍ୱାରା ଫ୍ରିଜର ପ୍ରଦାନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ୬ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ:ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ନିମନ୍ତ୍ରଣ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଏନ୍ଏସି ମାନ୍ୟତା ଦାବିରେ ବାଲିକୁଦା ଜନ ସଚେତନ ମହାମଞ୍ଚ ତରଫରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ, ସ୍ଥାନ: ବାଲିକୁଦା ବଜାର ସମେତ ବିଭିନ୍ନ ସ୍ଥାନ, ସମୟ : ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ୩ ଦିନ ବ୍ୟାପି ନବନିର୍ମିତ ଶନି ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ବାନାମ୍ବର ମହାଦେବ ଘାଟ, ସମୟ: ସକାଳ ୭ଟା।
- ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସୁରକ୍ଷା ଅଭିଯାନ ତରଫରୁ, ଖାଉଟି ସୁରକ୍ଷା କର୍ମଶାଳା, ସ୍ଥାନ: ଆନନ୍ଦ ମଣ୍ଡପ ପରିସର, ତିର୍ତ୍ତୋଲ, ସମୟ: ଅପରାହ୍ନ ୩ଟା।
- ୩ ଦିନ ବ୍ୟାପି ଅଷ୍ଟପ୍ରହର ନାମଯଜ୍ଞ ଓ ନଗର କୀର୍ତ୍ତନ, ସ୍ଥାନ: ରଘୁନାଥପୁର ବ୍ଲକ ଗୋକୁଳପୁର ମଲ୍ଲିକେଶରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ: ନୟାଗଡ଼ ରତନପୁର, ସମୟ: ସକାଳ ୭ଟା ।
- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ:ନୟାଗଡ଼ ସହରର ମନୁଆ ମିଶ୍ର କଲୋନୀ, ସମୟ: ସକାଳ ୯ଟା ।
- କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ବ୍ଲକ୍ ନଡିଆଳି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଗ୍ରାହକ ଅଧିକାର ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ବିଡ଼ି ଶ୍ରମିକଙ୍କ ଆନ୍ଦୋଳନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ନିର୍ଦ୍ଦେଶକ ସଂଘ ଗୃହ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ବ୍ଲକର ଲଡୁକେଶ୍ୱରପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ,ନୟାଗଡ, ସମୟ: ଅପରାହ୍ନ ୫ଟା।
- ଅଡିଟୋରିୟମ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।
- ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ, ସମୟ: ସନ୍ଧ୍ୟା ୭ଟା ୧୫।

## କେନ୍ଦ୍ରାପଡ଼ା

- ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ମହିଳା ସମାବେଶ, ସ୍ଥାନ: ନିଆଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ କଣିପାଟିଆ ଗ୍ରାମ ଅଷ୍ଟପ୍ରହରୀ ମଣ୍ଡପ, ସମୟ: ସକାଳ ୬ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ:ନୀଳାଚଳ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ:କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ମହାବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ଯାଜପୁର, ସମୟ : ଅପରାହ୍ନ ୪ଟା।
- ବ୍ୟାସନଗର ପ୍ରିମିୟର ଲିଗ୍, ସ୍ଥାନ:ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ, ମ୍ୟାଚ୍: ମା' ହିଙ୍ଗୁଳା ଏମ୍‌ଏଚ୍‌ସିସି ବନାମ ଯାଜପୁର ରୋଡ ମା' ଦୁର୍ଗା ୱାରିୟର୍ସ, ସମୟ: ଅପରାହ୍ନ ୩ଟା୩୦, ମ୍ୟାଚ୍: ଢୁବୁରୀ ଫାଇଟର ବନାମ ଉମାପଦା ରାଇଜିଂ ଇଲେଭେନ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ। ଅଶ୍ୱିନୀ ନକ୍ଷତ୍ର ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସ୍ନେହ ଶ୍ରଦ୍ଧା ଅବଶ୍ୟ ପାଇବେ।

**ବୃଷ**

ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ଆଶା କରିପାରନ୍ତି। କୃତ୍ତିକା ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବେପରୁଆ କାର୍ଯ୍ୟକଳାପ ନିମନ୍ତେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟର ଭଲ ସକାଶେ ନିଜକୁ ଉତ୍ତରଦାୟୀ କରିପାରନ୍ତି।

**ମିଥୁନ**

ମୃଗଶିରା ନକ୍ଷତ୍ର ସକାଶେ ଆଜିର ସମୟଟି ବୃଥା ଭ୍ରମଣ ଓ ଅଯଥା ଖର୍ଚ୍ଚାନ୍ତ ମଧ୍ୟରେ ଅତିବାହିତ ହେବ। ଅଭାବ ଅସୁବିଧା ଲାଗିରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ପରୋକ୍ଷ ଶତ୍ରୁତା ଓ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ତିରସ୍କୃତ ହୋଇପାରନ୍ତି।

**କର୍କଟ**

ଏକାଦଶସ୍ଥ ଚନ୍ଦ୍ର ହେତୁ ମନୋବଳ ବୃଦ୍ଧି ପାଇବ। ଆଶା ପୂରଣ ହେବା ନେଇ ନିଶ୍ଚିତ ରହିବେ। ଅଶ୍ଳେଷା ନକ୍ଷତ୍ର ପାଇଁ କିଛି ସୁବିଧା ସାଙ୍ଗକୁ କିଛି ଅସୁବିଧା ରହିଥିବାରୁ ଦ୍ୱନ୍ଦ୍ୱ ଭିତର ଦେଇ ଗତିକରିବେ। ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣାଜନିତ ଜୀବନଯାତ୍ରା ମଧୁମୟ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ନିମଗ୍ନ ରହିବେ।

**ସିଂହ**

ନିଜ ଲୋକଙ୍କ ଭୁଲ୍ ଯୋଗୁ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଭିତରେ ରାଗରେ ଜଳୁଥିଲେ ମଧ୍ୟ ଉପରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟରେ ଆସିବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**କନ୍ୟା**

ଆଜି ହସ୍ତା ନକ୍ଷତ୍ର ସକାଶେ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ। କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରିନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ତୁଳା**

ବନ୍ଧୁଗହଣରେ ଖୁସି ଗପ ଓ ମଉଜ ମଜଲିସ୍ ପାଇଁ ମନ ବଳିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ସ୍ୱାତୀ ନକ୍ଷତ୍ର ପାଇଁ ପାରିବାରିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**ବିଛା**

ଝିନ୍‌ଝଟ୍ ମଧ୍ୟରେ ସମୟ ଚାଲୁଥିବାରୁ ମାନସିକ ଶାନ୍ତି ଦୁରୂହ ହୋଇପାରେ। ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଭିତରେ ଗତିକରିବେ। ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ସମସ୍ତଙ୍କୁ ସରଳ ଭାବେ ଗ୍ରହଣ କରିବା ଅସୁବିଧାର କାରଣ ହେବ। ତଥାପି ଅନୁରାଧା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ**

ସମସ୍ୟାବହୁଳ କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ମନକୁ ଅସ୍ଥିର କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବଢ଼ିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ସାମାଜିକ କାମରେ ପ୍ରଶଂସା ମିଳିବ।

**ମକର**

ବିବାଦୀୟ ପରିସ୍ଥିତି ଲାଗି ରହିଲେ ମଧ୍ୟ କାମ ହାସଲରେ ଅସୁବିଧା ହେବନାହିଁ। ଶ୍ରବଣା ନକ୍ଷତ୍ର କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ଆବଶ୍ୟକତା ପୂରଣ ଲାଗି କରଜ କରିବାକୁ ବାଧ୍ୟହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗିରଖି ଚଳିବା ଭଲହେବ, ନତୁବା କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ମିଳିପାରେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ ଏବଂ ଯାହା ଓ ଯେତିକି ପାଇବା କଥା ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସାମାଜିକ ସ୍ତରରେ ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି।

**ମୀନ**

ସମସ୍ୟା ମଧ୍ୟରେ କାଳାତିପାତ କରିବା ହେତୁ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥତା ରହିବ ନାହିଁ। ମିତ୍ରଙ୍କ ସାହାଯ୍ୟରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ହୋଇଯିବ ମାତ୍ର କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ବାସ୍ତବବାଦୀ ଚିନ୍ତାଧାରା ହେତୁ ଅନ୍ୟମାନଙ୍କ ସହ କମ୍ ସମ୍ପର୍କଜନିତ ସମାଲୋଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୮ମି. ଗତେ ଘ.୦୬।୪୬ମି. ମଧ୍ୟେ, ଘ.୦୭।୩୩ମି. ଗତେ ଘ.୦୮।୫୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୬ମି. ଗତେ ଘ.୧୧।୫୫ମି. ମଧ୍ୟେ ରାହୁକାଳ।

# ବାଳ ଶ୍ରମିକଙ୍କୁ ଚେଙ୍କ

**ଚାନ୍ଦବାଲି,୧୪।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ସହରର ଏକ ଫାଷ୍ଟଫୁଡ୍ ଦୋକାନରେ କାର୍ଯ୍ୟରତ ଜଣେ ବାଳ ଶ୍ରମିକଙ୍କୁ ମାଲିକ ମାଡ଼ ମାରିବା ସହ ଚେଙ୍କ ଦେଇଛନ୍ତି। ବୁଧବାର ରାତିରେ ଏହି ଘଟଣା ଘଟିଛି। ଗୁରୁବାର ନାବାଳକଜଣକ ଚାନ୍ଦବାଲି-ରାଜକନିକା ମୁଖ୍ୟ ରାସ୍ତାରେ କାନ୍ଦି କାନ୍ଦି ନିଜ ଗାଁକୁ ଯାଉଥିବା ବେଳେ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା କରାଇବା ସହ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅଧୀନ ଗୋପାଳପୁର ଗାଁର ୧୪ ବର୍ଷୀୟ ନାବାଳକଙ୍କୁ ଫାଷ୍ଟଫୁଡ୍ ଦୋକାନରେ କାମ କରିବା ପାଇଁ ମାଲିକ ରଖିଥିଲେ। କିଛିଦିନ ତଳେ କାମ ଠିକ୍‌ରେ କରୁ ନ ଥିବା କହି ଦୋକାନୀ ତାଙ୍କୁ ମାଡ଼ ମାରିବା ସହ ଏକ ଲୁହାରଡ୍‌କୁ ଗରମ କରି ଚେଙ୍କ ଦେଇଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। କାମ କରିଥିବା ୨୫ ଦିନର ପାଉଣା ବୁଧବାର ମାଗିବାରୁ ଦୋକାନୀ ପୁନର୍ବାର ତାଙ୍କୁ ମାଡ଼ ମାରିବା ସହ ଚେଙ୍କ ଦେଇଥିବା ନାବାଳକ ଜଣକ କହିଛନ୍ତି।

# ଏମ୍ସକୁ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ ପୁରସ୍କାର

**ଭୁବନେଶ୍ୱର,୧୪।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନ୍‌ସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର ୨୦୨୩ ମିଳିଛି। ହସ୍ପିଟାଲରେ ବ୍ୟବହୃତ ବିଭିନ୍ନ ଯାନ୍ତ୍ରିକ ଉପକରଣର ଗୁଣବତ୍ତା ଏବଂ ପ୍ରତିରୋପଣ ପ୍ରକ୍ରିୟାକରଣକୁ ନେଇ ହେଉଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଉଛି। ହସ୍ପିଟାଲର ସେଣ୍ଟ୍ରାଲ ଷ୍ଟେରାଇଲ ସେବା ବିଭାଗ (ସିଏସ୍ଏସ୍‌ଡି)ରେ ବିଭିନ୍ନ ଯନ୍ତ୍ର ଏବଂ ପ୍ରତିରୋପଣର ପୁନଃ ପ୍ରକ୍ରିୟାକରଣ ପାଇଁ ସର୍ବୋଚ୍ଚ ମାନ ନିର୍ଦ୍ଧାରଣ ଏବଂ ତଦାରଖ କରିବାର ପ୍ରକ୍ରିୟା ସ୍ୱରୂପ ଏମ୍ସକୁ ଏଥିପାଇଁ ଚୟନ କରାଯାଇଛି। ଏହି ପ୍ରକ୍ରିୟାରେ ଏସିଆ ମହାଦେଶରୁ ୨୮ ସୁପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ



କରିଥିଲେ। ମାତ୍ର ଏମ୍ସ ଭୁବନେଶ୍ୱର ସର୍ବୋତ୍ତମ ଡାକ୍ତରଖାନା ଭାବେ ପ୍ରଥମ ସ୍ଥାନ ଅଧିକାର କରିଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ, ଓଟି କମିଟି

**ଏସିଆର ୨୮ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନରେ ଭୁବନେଶ୍ୱର ଏମ୍ସ**

ଅଧ୍ୟକ୍ଷ, ଡିନ୍ ଅଧ୍ୟାପକ, ଅଧ୍ୟାପିକା, ସିଏସଏସ୍‌ଡିର କର୍ମଚାରୀ, ବିଭିନ୍ନ ଓଟିର ନର୍ସିଂ ଇନ୍ ଚାର୍ଜ ଏବଂ ସଂକ୍ରମଣ ନିୟନ୍ତ୍ରଣ କମିଟିର ସଦସ୍ୟମାନେ ପୁରସ୍କାର ଗ୍ରହଣ କରିଥିଲେ। ଭର୍ଚୁଆଲରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଫେସର ସେଟୋ ୱିଙ୍ଗ ହଙ୍ଗ, ପାଟ୍ରିସିଆ ସିଙ୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ | Bhubaneswar, Friday, March 15/2024





# ମଦ ପିଉଥିବାରୁ ସ୍ତ୍ରୀଙ୍କୁ ହତ୍ୟା

## ୨ ରାତି ଘରେ ଲୁଚାଇ ରଖିଥିଲେ ମୃତଦେହ

**ଭୁବନେଶ୍ୱର, ୧୪।୩ (ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀ ମଦ ପିଉଥିଲେ। ଘରର ରୋଜଗାରକୁ ନିଶାପାଣିରେ ଉଡାଉଥିଲେ। ଘରେ ବାହାରେ ପାଟିତୁଣ୍ଡ କରି ସମ୍ମାନ ହାନି କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ସ୍ତ୍ରୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କଲେ ସ୍ୱାମୀ। ଏପରିକି ମୃତଦେହକୁ ଘର ଭିତରେ ୨ରାତି ଧରି ତାଲା ପକାଇ ରଖିଥିଲେ। ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହି ତାରିଣୀନଗର ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଛି। ଗୁରୁବାର ଏହା ଜଣାପଡିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତା ମହିଳା ହେଲେ ଗଞ୍ଜାମ ପୋଲସରାର ସ୍ୱପ୍ନା ଜେନା ଓରଫ ରୀନା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏଥିସହ ଅଭିଯୁକ୍ତ ସ୍ୱାମୀ ଗୋଲଖ ବିହାରୀ ଜେନାଙ୍କୁ ଗିରଫ କରି ପଚରାଉଚରା କରୁଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଗୋଲଖ ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସ୍ୱପ୍ନାଙ୍କ ମୃତଦେହକୁ ପୁଅ ଜୀବନଙ୍କୁ ହସ୍ତାନ୍ତର କରାଯାଇଛି। ଅପରାଧରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ପୋଲିସ ଓ ସ୍ଥାନୀୟ ଲୋକଙ୍କ

### ଅଭିଯୁକ୍ତ ସ୍ୱାମୀ ଗିରଫ

ସୂଚନାନୁସାରେ, ଗୋଲଖ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଦିନ ମଜୁରିଆ ଭାବେ କାମ କରନ୍ତି। ସେମାନେ ୩ ପିଲାଙ୍କ ସହ ତାରିଣୀନଗର ବସ୍ତିରେ ଘର ଭଡା ନେଇ ରହୁଥିଲେ। ସ୍ୱପ୍ନା ମଦ, ହାଣ୍ଡିଆ ପିଉଥିଲେ। ଏଥିପାଇଁ ନିଜ ରୋଜଗାର ସହ ସ୍ୱାମୀଙ୍କଠାରୁ ଟଙ୍କା ନେଉଥିଲେ। ଏହାକୁ ନେଇ ବହୁ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିଲା। ଗତ ମଙ୍ଗଳବାର ସ୍ୱପ୍ନା କାମ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ସେ ମଦନିଶାରେ ସ୍ଥାନୀୟ ନୀଳଚକ୍ର ପଡିଆରେ ପଡିଥିବା ଖବର ପାଇ ଗୋଲଖ ତାଙ୍କୁ ଅଟୋରେ ଘରକୁ ଆଣିଥିଲେ।


ସ୍ୱପ୍ନା ଜେନା

ଘର ବାହାରକୁ ଆସି ସ୍ୱପ୍ନା ପଡ଼ୋଶୀ ଲୋକଙ୍କ ସମ୍ମୁଖରେ ଗୋଲଖଙ୍କୁ ଗାଳି କରିଥିଲେ, ଯେଉଁଥିପାଇଁ ଉଭୟଙ୍କ ଭିତରେ ଜୋର୍‌ରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଗୋଲଖ ତାଙ୍କୁ ଘର ଭିତରକୁ ଟାଣି ନେଇ କାଠ ଫାଳିଆରେ ପ୍ରବଳ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେ ମୃତଦେହକୁ ଗୋଟିଏ ଘରେ ଲୁଚାଇ ରଖିବା ସହ ଆଉଏକ ଘରେ ଅନ୍ୟ ଦୁଇ ପିଲାଙ୍କ ସହ ରହିଥିଲେ। ବାହାରକୁ ଗଲେ ମୃତଦେହ ଥିବା ଘରକୁ ତାଲା ପକାଇ ଯାଉଥିଲେ। ପିଲାମାନେ ମା'ଙ୍କୁ ଖୋଜିବାରୁ ସେ କେଉଁଆଡେ ପଳାଇଥିବା ଗୋଲଖ କହୁଥିଲେ। ଏପରିକି ମୃତଦେହ ଲୁଚାଇଥିବା ଘରକୁ ପିଲାଙ୍କୁ ଯିବାକୁ ବାରଣ କରିବା ସହ ନାନା କଥା କହି ଡରାଉଥିଲେ। ଫଳରେ ପିଲାମାନେ ଉକ୍ତ ଘରକୁ ଯାଉ ନ ଥିଲେ। ଅନ୍ୟପକ୍ଷରେ ଘଟଣା ପରଠାରୁ ସ୍ୱପ୍ନାଙ୍କ ପାଟି ଆଉ ଶୁଭି ନ ଥିଲା କି ପଡୋଶୀମାନେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ☞ପୃଷ୍ଠା-୯

# ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

**ଭୁବନେଶ୍ୱର, ୧୪।୩ (ଅନିଲ ଦାସ)**

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଉପକୃତ ହେବେ। ଘୋଷଣା ଅନୁଯାୟୀ, ଅଣକୁଶଳୀ ଶ୍ରମିକଙ୍କ ମଜୁରି ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରି ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଅତ୍ୟନ୍ତ କୁଶଳୀ ଶ୍ରମିକଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରି ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ଜ୍ଞାନେଶ କୁମାର, ସୁଖବୀର ସାନ୍ଧୁ ନୂଆ ଇସି


ଜ୍ଞାନେଶ କୁମାର


ସୁଖବୀର ସାନ୍ଧୁ

**ନୂଆଦିଲ୍ଲୀ, ୧୪।୩ (ପି.ଟି.)**

ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଏବଂ ସୁଖବୀର ସାନ୍ଧୁଙ୍କୁ ଗୁରୁବାର ନୂଆ ନିର୍ବାଚନ କମିଶନର (ଇସି) ନିଯୁକ୍ତ କରାଯାଇଛି। ଏନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଚୟନ କମିଟି ବୈଠକ ବସି ଇସି ନିଯୁକ୍ତି ପାଇଁ ଉଭୟଙ୍କ ନାମ ସୁପାରିସ କରାଯାଇଥିଲା।

ଫେବୃଆରୀ ୧୪ରେ ପୂର୍ବତନ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଗ୍ରହଣ ଏବଂ ଗତ ୮ ତାରିଖରେ ଅନ୍ୟତମ ଆୟୁକ୍ତ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ନିର୍ବାଚନ କମିଶନରେ ୨ଟି ପଦବୀ ଖାଲି ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି କେନ୍ଦ୍ର ଆଣିଥିବା ନୂଆ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଓ ତାଙ୍କ ଦ୍ୱାରା ମନୋନୀତ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଚୟନ କମିଟି ବୈଠକ ବସି ପୂର୍ବତନ ଆଇଏଏସ୍ ☞ପୃଷ୍ଠା-୯

# ଇ-ଗଭର୍ନାନ୍ସରେ ନୂଆ ଅଧ୍ୟାୟ




### ଅନ୍‌ଲାଇନ ପ୍ରୋତ୍ସାହନ ପ୍ରବନ୍ଧନ ପ୍ରଣାଳୀ, ନୂତନ ଜିଲା ୱେବ୍‌ସାଇଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୩ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ଦ୍ୱାରା ବିକଶିତ ଅନ୍‌ଲାଇନ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର ଲୋକାର୍ପଣ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଉଦ୍ୟୋଗୀ ସହଜରେ ଅନ୍‌ଲାଇନ ଆବେଦନ କରି ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଓ ଫାବ୍‌ଲେସ୍ ନୀତି ଆଧାରରେ ଆନୁଷଙ୍ଗିକ ପ୍ରୋତ୍ସାହନ ପାଇପାରିବେ।

ଏହି ଅନ୍‌ଲାଇନ ଦ୍ୱାରା ଉଦ୍ୟୋଗୀମାନେ ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମି କଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବ୍‌ଲେସ ପଲିସି ଅଧୀନରେ ପ୍ରୋତ୍ସାହନ ରାଶି ଅନୁମୋଦନ ପାଇପାରିବେ। ଏଥିରେ ବ୍ୟକ୍ତିଗତ ଆବେଦନପତ୍ର ଦେବା ବଦଳରେ ସହଜରେ ଆବେଦନପତ୍ର ଦାଖଲ କରିବା ସହ ଡକ୍ୟୁମେଣ୍ଟ ଅପ୍‌ଲୋଡ, ସିଙ୍ଗଲୱିଣ୍ଡୋ ପୋର୍ଟାଲ ସୁବିଧା, ଆବେଦନପତ୍ରର ଭୁଲ ଯାଞ୍ଚ ଏବଂ ମେସେଜ ଆଲର୍ଟ ଭଳି ସୁବିଧା ରହିବ। ଏହାଛଡ଼ା ଏଥିରେ ଅଣସ୍ୱୀକୃତି ☞ପୃଷ୍ଠା-୯

# ଆଜିଠୁ ମାଟ୍ରିକ୍ ଖାତାଦେଖା

**କଟକ, ୧୪।୩ (କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ୧୫,୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ପରୀକ୍ଷକମାନଙ୍କର ତାଲିମ ଶେଷ ହୋଇଛି। ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେଇସାରିଛନ୍ତି। ଜିଲା ଶିକ୍ଷାଧିକାରୀମାନେ ମୂଲ୍ୟାୟନ କେନ୍ଦ୍ର ପରିଚାଳନାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ରାଜ୍ୟରେ ମୋଟ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ଆରମ୍ଭ ହେବାର ୧୫ ଦିନ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭,୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩,୦୩୭ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ ୩,୦୪୭ଟି ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଥିଲା।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି

**ଭୁବନେଶ୍ୱର, ୧୪।୩ (ଅନିଲ ଦାସ)**

ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର କର୍ମଚାରୀମାନଙ୍କ ପାଇଁ ୪% ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬%ରୁ ୫୦%କୁ ବୃଦ୍ଧିପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ୨୦୨୪ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।

# ଫୋର୍ବ୍ସରେ ମାଲକାନଗିରିର ଜୟନ୍ତୀ

**ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଗାଜିନ୍ ଫୋର୍ବ୍ସ ପକ୍ଷରୁ ଦେଶର ୨୩ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଥିବାବେଳେ ଓଡ଼ିଶାରୁ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି। ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନ୍‌ଡବ୍ଲ୍ୟୁଏମ୍‌ଆଇରୁ ଫେଲୋଶିପ୍ ଗ୍ରହଣ କରିଥିଲେ। ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ ଟେକ୍ନୋଲୋଜି ଶିକ୍ଷା ଦେଉଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚିପାରିବ। ଏହାସହ ପ୍ରାୟ ୬ ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ୨୦୧୭ରେ ପ୍ରାୟ ୨୦ ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ବଡ ଦିଦି ସଂଗଠନ।



ଜୟନ୍ତୀ ବୁରୁଦା

ଦୁର୍ଗମ ବଣ୍ଡାଘାଟିର ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ଓ ସାନିଟାରି ପ୍ୟାଡ୍ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଆଭ୍ୟନ୍ତରୀଣ ଅଞ୍ଚଳରେ ସାନିଟାରି ପ୍ୟାଡ୍ ମିଳିପାରୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଘରେ ଘରେ ଏହା ବାଣ୍ଟିବା ଆରମ୍ଭ କଲେ ଜୟନ୍ତୀ; ଯାହାକି ତାଙ୍କୁ ଏକ ନୂତନ ପରିଚୟ ଦେଇଥିବା ବେଳେ ସେ ଫୋର୍ବସ ମାଗାଜିନ୍‌ରେ ସ୍ଥାନିତ ହୋଇପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।






# ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଉପକୃତ ହେବେ। ଘୋଷଣା ଅନୁଯାୟୀ, ଅଣକୁଶଳୀ ଶ୍ରମିକଙ୍କ ମଜୁରି ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରି ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଅତ୍ୟନ୍ତ କୁଶଳୀ ଶ୍ରମିକଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରି ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ମଦ ପିଉଥିବାରୁ ସ୍ତ୍ରୀଙ୍କୁ ହତ୍ୟା

## ୨ ରାତି ଘରେ ଲୁଚାଇ ରଖିଥିଲେ ମୃତଦେହ

**ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀ ମଦ ପିଉଥିଲେ। ଘରର ରୋଜଗାରକୁ ନିଶାପାଣିରେ ଉଡାଉଥିଲେ। ଘରେ ବାହାରେ ପାଟିତୁଣ୍ଡ କରି ସମ୍ମାନ ହାନି କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ସ୍ତ୍ରୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କଲେ ସ୍ୱାମୀ। ଏପରିକି ମୃତଦେହକୁ ଘର ଭିତରେ ୨ରାତି ଧରି ତାଲା ପକାଇ ରଖିଥିଲେ। ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହି ତାରିଣୀନଗର ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଛି। ଗୁରୁବାର ଏହା ଜଣାପଡିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତା ମହିଳା ହେଲେ ଗଞ୍ଜାମ ପୋଲସରାର ସ୍ୱପ୍ନା ଜେନା ଓରଫ ରୀନା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏଥିସହ ଅଭିଯୁକ୍ତ ସ୍ୱାମୀ ଗୋଲଖ ବିହାରୀ ଜେନାଙ୍କୁ ଗିରଫ କରି ପଚରାଉଚରା କରୁଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଗୋଲଖ ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସ୍ୱପ୍ନାଙ୍କ ମୃତଦେହକୁ ପୁଅ ଜୀବନଙ୍କୁ ହସ୍ତାନ୍ତର କରାଯାଇଛି। ଅପରାଧରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ପୋଲିସ ଓ ସ୍ଥାନୀୟ ଲୋକଙ୍କ

### ଅଭିଯୁକ୍ତ ସ୍ୱାମୀ ଗିରଫ

ସୂଚନାନୁସାରେ, ଗୋଲଖ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଦିନ ମଜୁରିଆ ଭାବେ କାମ କରନ୍ତି। ସେମାନେ ୩ ପିଲାଙ୍କ ସହ ତାରିଣୀନଗର ବସ୍ତିରେ ଘର ଭଡା ନେଇ ରହୁଥିଲେ। ସ୍ୱପ୍ନା ମଦ, ହାଣ୍ଡିଆ ପିଉଥିଲେ। ଏଥିପାଇଁ ନିଜ ରୋଜଗାର ସହ ସ୍ୱାମୀଙ୍କଠାରୁ ଟଙ୍କା ନେଉଥିଲେ। ଏହାକୁ ନେଇ ବହୁ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିଲା। ଗତ ମଙ୍ଗଳବାର ସ୍ୱପ୍ନା କାମ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ସେ ମଦନିଶାରେ ସ୍ଥାନୀୟ ନୀଳଚକ୍ର ପଡିଆରେ ପଡିଥିବା ଖବର ପାଇ ଗୋଲଖ ତାଙ୍କୁ ଅଟୋରେ ଘରକୁ ଆଣିଥିଲେ।



ସ୍ୱପ୍ନା ଜେନା

ଘର ବାହାରକୁ ଆସି ସ୍ୱପ୍ନା ପଡ଼ୋଶୀ ଲୋକଙ୍କ ସମ୍ମୁଖରେ ଗୋଲଖଙ୍କୁ ଗାଳି କରିଥିଲେ, ଯେଉଁଥିପାଇଁ ଉଭୟଙ୍କ ଭିତରେ ଜୋର୍‌ରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଗୋଲଖ ତାଙ୍କୁ ଘର ଭିତରକୁ ଟାଣି ନେଇ କାଠ ଫାଳିଆରେ ପ୍ରବଳ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେ ମୃତଦେହକୁ ଗୋଟିଏ ଘରେ ଲୁଚାଇ ରଖିବା ସହ ଆଉଏକ ଘରେ ଅନ୍ୟ ଦୁଇ ପିଲାଙ୍କ ସହ ରହିଥିଲେ। ବାହାରକୁ ଗଲେ ମୃତଦେହ ଥିବା ଘରକୁ ତାଲା ପକାଇ ଯାଉଥିଲେ। ପିଲାମାନେ ମା'ଙ୍କୁ ଖୋଜିବାରୁ ସେ କେଉଁଆଡେ ପଳାଇଥିବା ଗୋଲଖ କହୁଥିଲେ। ଏପରିକି ମୃତଦେହ ଲୁଚାଇଥିବା ଘରକୁ ପିଲାଙ୍କୁ ଯିବାକୁ ବାରଣ କରିବା ସହ ନାନା କଥା କହି ଡରାଉଥିଲେ। ଫଳରେ ପିଲାମାନେ ଉକ୍ତ ଘରକୁ ଯାଉ ନ ଥିଲେ। ଅନ୍ୟପକ୍ଷରେ ଘଟଣା ପରଠାରୁ ସ୍ୱପ୍ନାଙ୍କ ପାଟି ଆଉ ଶୁଭି ନ ଥିଲା କି ପଡୋଶୀମାନେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ☞ପୃଷ୍ଠା-୯

# ଜ୍ଞାନେଶ କୁମାର, ସୁଖବୀର ସାନ୍ଧୁ ନୂଆ ଇସି



ଜ୍ଞାନେଶ କୁମାର



ସୁଖବୀର ସାନ୍ଧୁ

**ନୂଆଦିଲ୍ଲୀ,୧୪।୩ (ପି.ଟି.)**

ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଏବଂ ସୁଖବୀର ସାନ୍ଧୁଙ୍କୁ ଗୁରୁବାର ନୂଆ ନିର୍ବାଚନ କମିଶନର (ଇସି) ନିଯୁକ୍ତ କରାଯାଇଛି। ଏନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଚୟନ କମିଟି ବୈଠକ ବସି ଇସି ନିଯୁକ୍ତି ପାଇଁ ଉଭୟଙ୍କ ନାମ ସୁପାରିସ କରାଯାଇଥିଲା।

ଫେବୃଆରୀ ୧୪ରେ ପୂର୍ବତନ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଗ୍ରହଣ ଏବଂ ଗତ ୮ ତାରିଖରେ ଅନ୍ୟତମ ଆୟୁକ୍ତ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ନିର୍ବାଚନ କମିଶନରେ ୨ଟି ପଦବୀ ଖାଲି ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି କେନ୍ଦ୍ର ଆଣିଥିବା ନୂଆ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଓ ତାଙ୍କ ଦ୍ୱାରା ମନୋନୀତ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଚୟନ କମିଟି ବୈଠକ ବସି ପୂର୍ବତନ ଆଇଏଏସ୍ ☞ପୃଷ୍ଠା-୯

# ଇ-ଗଭର୍ନାନ୍ସରେ ନୂଆ ଅଧ୍ୟାୟ




## ଅନ୍‌ଲାଇନ ପ୍ରୋତ୍ସାହନ ପ୍ରବନ୍ଧନ ପ୍ରଣାଳୀ, ନୂତନ ଜିଲା ୱେବ୍‌ସାଇଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ଦ୍ୱାରା ବିକଶିତ ଅନ୍‌ଲାଇନ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର ଲୋକାର୍ପଣ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଉଦ୍ୟୋଗୀ ସହଜରେ ଅନ୍‌ଲାଇନ ଆବେଦନ କରି ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଓ ଫାବ୍‌ଲେସ୍ ନୀତି ଆଧାରରେ ଆନୁଷଙ୍ଗିକ ପ୍ରୋତ୍ସାହନ ପାଇପାରିବେ।

ଏହି ଅନ୍‌ଲାଇନ ଦ୍ୱାରା ଉଦ୍ୟୋଗୀମାନେ ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମି କଣ୍ଡକ୍ଟର ମାନୁଫାକ୍ଚରିଂ ଆଣ୍ଡ ଫାବ୍‌ଲେସ ପଲିସି ଅଧୀନରେ ପ୍ରୋତ୍ସାହନ ରାଶି ଅନୁମୋଦନ ପାଇପାରିବେ। ଏଥିରେ ବ୍ୟକ୍ତିଗତ ଆବେଦନପତ୍ର ଦେବା ବଦଳରେ ସହଜରେ ଆବେଦନପତ୍ର ଦାଖଲ କରିବା ସହ ଡକ୍ୟୁମେଣ୍ଟ ଅପ୍‌ଲୋଡ, ସିଙ୍ଗଲ୍‌ୱିଣ୍ଡୋ ପୋର୍ଟାଲ ସୁବିଧା, ଆବେଦନପତ୍ରର ଭୁଲ ଯାଞ୍ଚ ଏବଂ ମେସେଜ ଆଲର୍ଟ ଭଳି ସୁବିଧା ରହିବ। ଏହାଛଡ଼ା ଏଥିରେ ଅଣସ୍ୱୀକୃତି ☞ପୃଷ୍ଠା-୯

# ଆଜିଠୁ ମାଟ୍ରିକ୍ ଖାତାଦେଖା

**କଟକ,୧୪।୩ (କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ୧୫,୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ପରୀକ୍ଷକମାନଙ୍କର ତାଲିମ ଶେଷ ହୋଇଛି। ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେଇସାରିଛନ୍ତି। ଜିଲା ଶିକ୍ଷାଧିକାରୀମାନେ ମୂଲ୍ୟାୟନ କେନ୍ଦ୍ର ପରିଚାଳନାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ରାଜ୍ୟରେ ମୋଟ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ଆରମ୍ଭ ହେବାର ୧୫ ଦିନ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭,୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩,୦୩୭ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ ୩,୦୪୭ଟି ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଥିଲା।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର କର୍ମଚାରୀମାନଙ୍କ ପାଇଁ ୪% ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬%ରୁ ୫୦%କୁ ବୃଦ୍ଧିପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ୨୦୨୪ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।




# ଫୋର୍ବ୍ସରେ ମାଲକାନଗିରିର ଜୟନ୍ତୀ

**ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଗାଜିନ୍ ଫୋର୍ବ୍ସ ପକ୍ଷରୁ ଦେଶର ୨୩ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଥିବାବେଳେ ଓଡ଼ିଶାରୁ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି। ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନ୍‌ଡବ୍ଲ୍ୟୁଏମ୍‌ଆଇରୁ ଫେଲୋଶିପ୍ ଗ୍ରହଣ କରିଥିଲେ। ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ ଟେକ୍ନୋଲୋଜି ଶିକ୍ଷା ଦେଉଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚିପାରିବ। ଏହାସହ ପ୍ରାୟ ୬ ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ୨୦୧୭ରେ ପ୍ରାୟ ୨୦ ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ବଡ ଦିଦି ସଂଗଠନ।




ଜୟନ୍ତୀ ବୁରୁଦା

ଦୁର୍ଗମ ବଣ୍ଡାଘାଟିର ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ଓ ସାନିଟାରି ପ୍ୟାଡ୍ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଆଭ୍ୟନ୍ତରୀଣ ଅଞ୍ଚଳରେ ସାନିଟାରି ପ୍ୟାଡ୍ ମିଳିପାରୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଘରେ ଘରେ ଏହା ବାଣ୍ଟିବା ଆରମ୍ଭ କଲେ ଜୟନ୍ତୀ; ଯାହାକି ତାଙ୍କୁ ଏକ ନୂତନ ପରିଚୟ ଦେଇଥିବା ବେଳେ ସେ ଫୋର୍ବସ ମାଗାଜିନ୍‌ରେ ସ୍ଥାନିତ ହୋଇପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

"ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ- ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କ'ଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? -ଶ୍ରୀଅରବିନ୍ଦ



# ଆମେରିକାର ଆଧିପତ୍ୟ ପ୍ରତି ବିପଦ



ମାଇକେଲ ଇଗ୍ନାଟିଫ୍

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସଂଘର୍ଷ ଜାରି ରହିଛି। ଆଉ ପ୍ରାୟ ମାସେ ଭିତରେ ୟୁକ୍ରେନ୍‌ର ଆର୍ଟିଲାରି ସେଲ୍ ସବୁ ଶେଷ ହେବାକୁ ଥିବାବେଳେ ଆମେରିକା କଂଗ୍ରେସ ଅଧିକ ପଠାଇବାକୁ ରାଜିହୋଇ ନ ପାରେ। ଇତିମଧ୍ୟରେ ରୁଷିଆର ବିରୋଧୀ ଦଳର ନେତା ଆଲେକ୍ସି ନାଭାଲ୍‌ନିଙ୍କର ମୃତ୍ୟୁ ଘଟିଛି। ଗାଜାରେ ନରସଂହାର ଶେଷ ହେବ ବୋଲି ଜଣାପଡୁନାହିଁ। ୟେମେନୀ ହୁତିମାନେ ଲୋହିତ ସାଗରରେ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଉତ୍ତର କୋରିଆବାସୀ ମହାଦେଶ ମଧ୍ୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରୁଛନ୍ତି। ୧୯୪୫ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥା, ଯାହା ଅନ୍ତର୍ଜାତୀୟ ଆଇନ ଭାବେ ଲିଖିତ ଓ ମିଳିତ ଜାତିସଂଘ ଦ୍ୱାରା ଅନୁମୋଦିତ , ତାହା ଏବେ ସୂତା ଖିଅରେ ଝୁଲୁଛି।

ଆମେରିକା ଏବେ ଏହାର ସାମର୍ଥ୍ୟର ସୀମା ବାହାରେ କାମ କରୁଛି। ୟୁରୋପ ମନେକରୁଛି , ଆସନ୍ତା ନଭେମ୍ବରରେ ନାଟୋ ଚୁକ୍ତିର ଧାରା ଅନୁଯାୟୀ ଆମେରିକା ଆଉ ସାମୂହିକ ପ୍ରତିରକ୍ଷା ଦାୟିତ୍ୱ ପୂରଣ କରିପାରିବ ନାହିଁ। ଏଭଳି ନୂଆ ଅନିଶ୍ଚିତତାକୁ ଲକ୍ଷ୍ୟକରି ୟୁରୋପ ଏହାର ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି କରୁଛି। ୟୁରୋପୀୟ ନେତାମାନେ ସେମାନଙ୍କ ଭୋଟରମାନଙ୍କୁ ବୁଝାଇବାକୁ ସାହସ କରୁନାହାନ୍ତି ଯେ, ସେମାନଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଜିଡିପିର ୨% ବ୍ୟୟ କରିବା ଦରକାର ପଡ଼ିବ। ସମଗ୍ର ଆଟ୍‌ଲାଣ୍ଟିକ୍‌ରେ ଏକତା ବଜାୟ ରଖିଥିଲେ ମଧ୍ୟ ଏହା ମଧ୍ୟପ୍ରାଚ୍ୟର ବିଭିନ୍ନ ଗୋଷ୍ଠୀ ଓ ଦେଶ ମଧ୍ୟରେ ଥିବା ରଣନୈତିକ ମେଣ୍ଟ ଓ ଭୂରାଜନୈତିକ ପ୍ରତିରୋଧର ସମ୍ମୁଖୀନ ହେଉଛି, ଯାହା ଏକ ନିରନ୍ତର ଆହ୍ୱାନ ସହିତ ପାଶ୍ଚାତ୍ୟ ଆଧିପତ୍ୟକୁ ବିପଦରେ ପକାଇପାରେ। ଏଭଳି ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚାଇନା ଓ ରୁଷିଆ ମେଣ୍ଟର ଅସୀମ ଭାଗୀଦାରି। ରୁଷିଆର ଅସ୍ତ୍ରଶସ୍ତ୍ର ଲାଗି ଚାଇନା ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ଯୋଗାଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶସ୍ତା ତେଲ ଚାଇନାକୁ ଦେଉଛନ୍ତି। ସେମାନେ ଏକାଠି ୟୁରୋପ ଓ ଏସିଆର ଅଧିକାଂଶ ଦେଶରେ ସେମାନଙ୍କ ଏକଚ୍ଛତ୍ରବାଦୀ ଶାସନ ଜାହିର କରିଛନ୍ତି।

ଯଦି ୟୁକ୍ରେନ୍‌ର କ୍ଳାନ୍ତ ଯୋଦ୍ଧାମାନେ କ୍ରିମିଆ ଏବଂ ଡୋନ୍‌ବାସ୍ ଅଞ୍ଚଳ ଉପରେ ରୁଷିଆର ସାର୍ବଭୌମତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି, ତେବେ ପାଶ୍ଚାତ୍ୟ ବିରୋଧୀ ଏସୀୟ(ରୁଷିଆ, ଚାଇନା ଓ ଇରାନ) ଏକଚ୍ଛତ୍ରବାଦୀ ମେଣ୍ଟ ସେମାନଙ୍କ ଶକ୍ତି ଦ୍ୱାରା ୟୁରୋପୀୟ ଭୂସୀମା ପରିବର୍ତ୍ତନ କରିବାରେ ସଫଳ ହେବ। ଏହା ହାସଲ କଲେ ୟୁରୋପ ଓ ଏସିଆରେ ବିପଜ୍ଜନକ ସ୍ଥିତିରେ ଥିବା ପ୍ରତ୍ୟେକ ଦେଶ



ଯଥା ତାଇୱାନ, ବଲ୍‌ଟିକ ଦେଶ (ଇଷ୍ଟୋନିଆ, ଲାଟ୍‌ଭିଆ ଲିଥୁଆନିଆ) ଏପରିକି ପୋଲାଣ୍ଡ ପ୍ରତି ବିପଦ ସୃଷ୍ଟି ହେବ। ଏହି ଉଭୟ ଏକଚ୍ଛତ୍ରବାଦୀ ଶାସନ ଅନ୍ତର୍ଜାତୀୟ ଆଇନକୁ ଭୁଲି ଜାତିସଂଘର ସୁରକ୍ଷା ପରିଷଦରେ ସେମାନଙ୍କର ଭିଟୋ ପ୍ରୟୋଗ କରିବେ। ଏକଚ୍ଛତ୍ରବାଦୀ ଶାସନର ଏହି ସହଭାଗିତା ଇରାନ ଏବଂ ଉତ୍ତର କୋରିଆର ନେତୃତ୍ୱରେ ଅଧିକାରର ଅପବ୍ୟବହାର କରୁଥିବା ଏକ ଗୋଷ୍ଠୀ ସହ ନିବିଡ଼ ଭାବେ କାର୍ଯ୍ୟ କରୁଛି। ଉତ୍ତର କୋରିଆ ପୁଟିନ୍‌ଙ୍କୁ ଆର୍ଟିଲେରି ସେଲ୍ ଯୋଗାଉଛି। ଇରାନର ଡ୍ରୋନ୍ ୟୁକ୍ରେନୀୟମାନଙ୍କୁ ସୁଡ଼ଙ୍ଗରେ ଆତଙ୍କିତ କରୁଛି। ଏହି ସମୟରେ ଇରାନର ଏଜେଣ୍ଟ ଭାବେ ହାମାସ, ହିଜ୍‌ବୁଲ୍ଲା ଓ ହୁତିମାନେ ସାହାଯ୍ୟ କରୁଛନ୍ତି। ଆମେରିକା ଏବଂ ଇସ୍ରାଏଲକୁ ଦବାଇଦେବା ଲାଗି ରୁଷିଆ ଓ ଚାଇନା ଚେଷ୍ଟା କରୁଛନ୍ତି।

ଏକଚ୍ଛତ୍ରବାଦୀ ଧମକ ବିରୋଧରେ ସମଗ୍ର ବିଶ୍ୱରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ଆମେରିକା ଏବଂ ୟୁରୋପ ସହ ଯୋଗଦେବେ ବୋଲି ଯାହା ମନେକରାଯାଉଛି ତାହା ଭ୍ରମ ମନେହୁଏ। ଗ୍ଲୋବାଲ ନର୍ଥର ଯୁଦ୍ଧରେ ଜଡିତ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ସହିତ ଯୋଗଦେବା ପରିବର୍ତ୍ତେ ଗ୍ଲୋବାଲ ସାଉଥର ବିକାଶଶୀଳ ଗଣତନ୍ତ୍ରିକ ଦେଶଗୁଡ଼ିକ (ବ୍ରାଜିଲ, ଭାରତ ଏବଂ ଦକ୍ଷିଣ ଆଫ୍ରିକା) ଗଣଦମନ, ଗୋଟିଏ ଅଞ୍ଚଳରେ ସବୁ ଲୋକଙ୍କୁ ନିର୍ଯାତନା (ଚାଇନାର ଉଇଗର ଘଟଣା) ଏବଂ ଲଜ୍ଜାଜନକ ତଥା ନିଷ୍ଠୁର ହତ୍ୟା (ନାଭାଲ୍‌ନିଙ୍କ ହତ୍ୟା) ଜାରି ରଖିଥିବା ଶାସନ ସହ ରହିବାକୁ ଲଜ୍ଜାବୋଧ କରୁନାହାନ୍ତି।

ଏହା ନିଶ୍ଚିତ ଯେ, ଏକଚ୍ଛତ୍ରବାଦୀ ମେଣ୍ଟ ବର୍ତ୍ତମାନ ଆମେରିକାର ଶକ୍ତିକୁ ବିରୋଧ କରିବାକୁ ଏକାଠି ହୋଇଛି। ଅନ୍ୟପକ୍ଷରେ ନିଜର ଚରମ ସ୍ୱାର୍ଥକୁ ନେଇ ଏହି ଗୋଷ୍ଠୀ ବିଭାଜିତ। ଆମେରିକାର ମେଣ୍ଟ ଓ ଅବରୋଧ ଦ୍ୱାରା ପରିଚାଳିତ ଏକ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ଉଭୟ ରୁଷିଆ ଓ ଚାଇନା ପରାଶ୍ରୟୀ ହିତାଧିକାରୀ ଭାବେ ରହିଆସିଛନ୍ତି। ସେଥିପାଇଁ ସେମାନେ ସିଧାସଳଖ ଆଧିପତ୍ୟକୁ ଚ୍ୟାଲେଞ୍ଜ କରିବାକୁ ଆଗପଛ ହେଉଛନ୍ତି। ତଥାପି, ସେମାନେ ଜଟିଳ ସ୍ଥିତିରୁ ଲାଭ ଉଠାଇବାକୁ ଚାହାନ୍ତି। ସେମାନେ କେବଳ ଆମେରିକାର କଟକଣାରୁ ରକ୍ଷା ପାଇନାହାନ୍ତି, ବରଂ ପ୍ରତିବନ୍ଧିତ ବଜାର ଉପରେ ନିର୍ଭର ନ କରି ତା' ବଦଳରେ ଲାଟିନ ଆମେରିକା, ଏସିଆ ଏବଂ ଭାରତର ନୂତନ ବଜାରକୁ ନେଇ ଉନ୍ନତି ଜାରି ରଖିଛନ୍ତି। ଉଭୟ ରୁଷିଆ ଓ ଚାଇନା ଜାଣିପାରିଛନ୍ତି ଯେ, ଆମେରିକା ନିୟନ୍ତ୍ରିତ ବିଶ୍ୱ ଅର୍ଥ ବ୍ୟବସ୍ଥା ପୂର୍ବେ ଯାହା ଥିଲା ଏବେ ଆଉ ସେମିତି ନାହିଁ। ତେବେ ସାମ୍ପ୍ରତିକ ସ୍ଥିତିରେ ଆମେରିକାର କୂଟନୀତି ଏବଂ ପ୍ରତିରୋଧ ସଫଳତାର ସହିତ ଏକଚ୍ଛତ୍ରବାଦୀ ମେଣ୍ଟକୁ ବିଭକ୍ତ କରି ରଖିଛି। ସିଆଇଏ ନିର୍ଦ୍ଦେଶକ ୱିଲିୟମ୍ ବର୍ନସ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସଲିଭାନ୍ ଚାଇନା ପାଇଁ ସମ୍ପର୍କର ବାଟ ଖୋଲା ରଖିଛନ୍ତି। ଇରାନ ବିରୋଧରେ ଆମେରିକାର ଆକ୍ରମଣ ବୋଧହୁଏ ହିଜ୍‌ବୁଲ୍ଲା ଏବଂ ଇରାକରେ ଥିବା ଉଗ୍ରବାଦୀଙ୍କ ଉପରେ ନିର୍ଭର କରିବାର ଫଳ ଧର୍ମୀୟ ଶାସକଙ୍କୁ ଚେତାଇ ଦେଇଛି। ଏହି ରଣନୀତିକ କୌଶଳକୁ ଚାଇନା ଓ ରୁଷିଆ ଏକ ସୁଯୋଗ ଭାବି ଲାଭ ଉଠାଇବାକୁ ବିଚାର କରିବା ଠିକ୍ ହୋଇ ନ ପାରେ। ଯଦି ସେମାନେ ୟୁକ୍ରେନ୍ ଏବଂ ତାଇୱାନ ବିରୋଧରେ ଏକ ସମନ୍ୱିତ, ଏକକାଳୀନ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇ ଆମେରିକା ପ୍ରତି ଅତ୍ୟଧିକ ଚ୍ୟାଲେଞ୍ଜ ସୃଷ୍ଟି କରନ୍ତି, ତେବେ ଆମେରିକା ଅସ୍ତ୍ରଶସ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାକୁ ଚେଷ୍ଟା କରିବ।

ଆଣବିକ ଅସ୍ତ୍ରଗୁଡିକ ଚାଇନା ଏବଂ ରୁଷିଆକୁ ତାଇୱାନ ଓ ଅବଶିଷ୍ଟ ୟୁକ୍ରେନ୍‌କୁ ନେବା ପାଇଁ ଏକ ସମନ୍ୱିତ ପ୍ରୟାସରୁ ନିବୃତ୍ତ କରିପାରିବ ନାହିଁ। ସବୁ ପକ୍ଷ ଏକ ଭୟଙ୍କର ମୂଲ୍ୟ ଦେବେ। କିନ୍ତୁ ରୁଷିଆ ୟୁକ୍ରେନ୍‌ରେ ନିବେଶ କରିବାକୁ ଇଚ୍ଛୁକ ବୋଲି ଦର୍ଶାଇଛି। ଉଭୟ ଚାଇନା ଓ ରୁଷିଆ ବିଶ୍ୱାସ କରିପାରନ୍ତି ଯେ ଆମେରିକାର ଆଧିପତ୍ୟକୁ ହଟାଇବା ପାଇଁ ଆଉ ଅଧିକ ସୁବିଧାଜନକ ମୁହୂର୍ତ୍ତ ଆସିବ ନାହିଁ। ତେବେ ବର୍ତ୍ତମାନର ଏପରି ସଂଘର୍ଷର ପରିଣାମ କ'ଣ ହେବ ତାହା କାହାରି ଧାରଣା ନାହିଁ। ଆମେ ଅନୁମାନ ମଧ୍ୟ କରିପାରିବୁ ନାହିଁ, ଯେପରି ଆମେ ସର୍ବଦା କରିଛୁ, ଦୁଇଟି ଭୟଙ୍କର ଶକ୍ତିରୁ ଏକକାଳୀନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଲେ ଆମେରିକା ବିଜୟୀ ହେବ ବୋଲି। ତେବେ ଏକଚ୍ଛତ୍ରବାଦୀ ମେଣ୍ଟକୁ ଏକ ପୂର୍ଣ୍ଣକାଳୀନ ମେଣ୍ଟ ନ କରାଇବା ହିଁ ଆମେରିକାର ପ୍ରାଥମିକତା ହେବା ଉଚିତ।

**ପ୍ରାଧ୍ୟାପକ(ହିଷ୍ଟ୍ରି ଆଣ୍ଡ ରେକ୍ଟର ଏମରିଟସ୍),**
**ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି( ଭିଏନା)**

# ମହିଳା କଲ୍ୟାଣ ପାଇଁ ପ୍ରତିଯୋଗିତା



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ଲୋକ ସଭା ସହ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମହିଳା ଭୋଟ ହାତେଇବା ପାଇଁ ଦଳଗୁଡ଼ିକ ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଘୋଷଣା ନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆର୍ଥିକ ସହାୟତାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପ୍ରତିଶ୍ରୁତି ଏବେ ରାଜନୈତିକ ଦଳଗୁଡ଼ିକର ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଗୃହିଣୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗତ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ହଠାତ୍ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କରିଦେଇଥିଲେ। ସେହିପରି ମହିଳା ତୁଷ୍ଟୀକରଣ ଯୋଜନା ଭାବେ ପରିଚିତ 'ଉଜ୍ଜ୍ୱଳା'ର ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍‌ରେ ୩୦୦ଟଙ୍କାର ସ୍ୱତନ୍ତ୍ର ରିହାତି ଘୋଷଣା କରିଥିଲେ। ଏବେ ଦେଶରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ମହିଳା ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ଦର ଆଉ ୧୦୦ଟଙ୍କା କମାଇ ଦେଇଛନ୍ତି। କହିବା ବାହୁଲ୍ୟ ଯେ ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବାବେଳେ ଦେଶରେ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ମାତ୍ର ୪୮୦ଟଙ୍କା ରହିଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହାର ମୂଲ୍ୟ ୧୧୫୦ଟଙ୍କା ଅତିକ୍ରମ କରିଥିଲା। କେବଳ ଭାଜପା ନୁହେଁ କଂଗ୍ରେସ ସମେତ ବହୁ ଦଳ ମଧ୍ୟ କ୍ଷମତାକୁ ଆସିଲେ ୫୦୦ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇସାରିଲେଣି। କେବଳ ଏତିକି ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦମୀ ପାର୍ଟି (ଆପ୍) ସରକାର ଚଳିତ ବଜେଟରେ ୧୮ବର୍ଷରୁ ଊର୍ଦ୍ଧ୍ୱ ମହିଳା ଯେଉଁମାନେ ସରକାରୀ କର୍ମଚାରୀ କିମ୍ବା ଆୟକରଦାତା ନୁହନ୍ତି, ସେମାନଙ୍କୁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ଲାଗି ଘୋଷଣା କରିଛନ୍ତି। ଏଥିଲାଗି ବଜେଟରେ ମଧ୍ୟ ବ୍ୟୟ ବରାଦ କରିଛନ୍ତି। ପୂର୍ବରୁ ଆପ୍ ସରକାର ଦିଲ୍ଲୀରେ ସରକାରୀ ବସ୍ ଏବଂ ମେଟ୍ରୋରେ ମାଗଣା ଯାତାୟାତ ସୁବିଧା ପ୍ରଦାନ କରିଛନ୍ତି। କେବଳ ଦିଲ୍ଲୀରେ ନୁହେଁ କଂଗ୍ରେସ କ୍ଷମତାସୀନ ଥିବା କର୍ନାଟକ, ତେଲଙ୍ଗାନା, ହିମାଚଳ ପ୍ରଦେଶରେ ଗରିବ, ଅସହାୟ, ବିଧବା, ଭିନ୍ନକ୍ଷମ ମହିଳାଙ୍କ ପାଇଁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା(ଭତ୍ତା) ପ୍ରଦାନ କରୁଛନ୍ତି। ଲୋକ ସଭା ନିର୍ବାଚନରେ ଦଳ ଯଦି କ୍ଷମତାକୁ ଆସେ ତେବେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସୁବିଧା ସୁଯୋଗ ଦେବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି।

ଆମ ରାଜ୍ୟ ସରକାର 'ଲକ୍ଷ୍ମୀବସ୍'ରେ ମହିଳାମାନେ ଗ୍ରାମଠାରୁ ବ୍ଲକ ପର୍ଯ୍ୟନ୍ତ ମାତ୍ର ୫ଟଙ୍କାରେ ଯାତାୟାତ ଯୋଜନା ଓ କାର୍ଯ୍ୟକାରୀ କରିଥିବାବେଳେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଯୋଜନାରେ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିଛନ୍ତି। ସେହିପରି ମିଶନ ଶକ୍ତି ଯୋଜନାରେ ୭୦ଲକ୍ଷ ସ୍ୱୟଂ ସହାୟକଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ, ସରକାରୀ ଖର୍ଚ୍ଚରେ ଦୁବାଇ ଯାତ୍ରା ଆଦି ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ସ୍ନାତକ ଓ ପିଜି ଛାତ୍ରୀଙ୍କୁ ବାର୍ଷିକ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର ମଧ୍ୟ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ଦ୍ୱିଗୁଣିତ କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନିକଟରେ ନାରୀ ଶକ୍ତି ଅଧିନିୟମ ଗୃହୀତ କରାଇ ଲୋକ ସଭା ଓ ବିଧାନସଭାରେ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି। ଏହା ନିଃସନ୍ଦେହ ଯେ ମହିଳାଙ୍କ ଭୋଟ ହାତେଇବା ଲାଗି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମହିଳା ସଶକ୍ତୀକରଣ, ଆର୍ଥିକ ସଶକ୍ତୀକରଣ ଏବଂ ବିଭିନ୍ନ ମହିଳାକୈନ୍ଦ୍ରିକ ଯୋଜନା ପାଇଁ ପ୍ରତିଯୋଗିତା ଚାଲିଥିବାବେଳେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥା ହେଉଛନ୍ତି ମହିଳାକୈନ୍ଦ୍ରିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବାରେ ଅଗ୍ରଦୂତ। ଏହା ନିଶ୍ଚିତ ଯେ, ମହିଳା ସଶକ୍ତୀକରଣ ତଥା ମହିଳାଙ୍କ ଉନ୍ନତି ପାଇଁ ମହିଳାକୈନ୍ଦ୍ରିକ ଯୋଜନା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଥିବାବେଳେ ଦେଶରେ ଲିଙ୍ଗଗତ ଭେଦଭାବର ଶିକାର ଏବେ ବି ହେଉଛନ୍ତି। କିନ୍ତୁ ଆମ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ଏଥିପ୍ରତି ରାଜନୈତିକ ଦଳଗୁଡ଼ିକ ଧ୍ୟାନ ଦେବା ଜରୁରୀ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

କିନ୍ନରଙ୍କ ଜୀବନ ସଂଘର୍ଷମୟ। ସମାଜରେ ବଞ୍ଚିରହିବା ଲାଗି ସେମାନେ ବିଭିନ୍ନ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଏମିତି ଜଣେ କିନ୍ନର ହେଉଛନ୍ତି ପଶ୍ଚିମବଙ୍ଗର ସୁମି ଦାସ, ଯିଏ ବଞ୍ଚିବାକୁ ସଂଗ୍ରାମ କରି ସଫଳ ହୋଇ ଏବେ ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ସୁମି ୧୪ ବର୍ଷ ବୟସରେ ଘର ଛାଡ଼ି ଆସିଥିଲେ। ସେ ଜଲପାଇଗୁଡ଼ି ଷ୍ଟେଶନରେ ରହି ଭିକ୍ଷା କରି ଜୀବନ ବିତାଉଥିଲେ। କିନ୍ତୁ ଟ୍ରାନ୍ସଜେଣ୍ଡରଙ୍କ ପାଇଁ କାମ କରୁଥିବା ଏକ ସଂସ୍ଥା ତାଙ୍କୁ ଉଦ୍ଧାର କରିଥିଲା ଓ ତା'ସାହାଯ୍ୟରେ ସେ ଶିକ୍ଷାଲାଭ କରିଥିଲେ। ପ୍ରଥମେ ସେ ମୈତ୍ରୀ ସଂଯୋଗ ନାମକ ସୋସାଇଟି ଗଠନ କରି ଟ୍ରାନ୍ସଜେଣ୍ଡରଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ଗରିବ ପିଲାଙ୍କୁ ଶିକ୍ଷିତ କରିବା ଜରୁରୀ ବୋଲି ମନେକରି ସେ ମୈତ୍ରୀ ସଂଯୋଗ ଗୁରୁକୁଳ ଖୋଲି ସେଠାରେ ଏବେ ୨୯ ପିଲାଙ୍କୁ ପଢ଼ାଉଛନ୍ତି। ପିଲାମାନେ ସେଠାରେ ରହୁଛନ୍ତି। ସେମାନଙ୍କ ସବୁ ଖର୍ଚ୍ଚ ମଧ୍ୟ ସୁମି ବହନ କରୁଛନ୍ତି। ସେମାନେ ବଡ଼ ହେଲେ ଜଣେ ଟ୍ରାନ୍ସଜେଣ୍ଡର ତାଙ୍କୁ ପଢ଼ାଇ ମଣିଷ କରିଛନ୍ତି ବୋଲି ଗର୍ବରେ କହିପାରିବେ ବୋଲି କୁହନ୍ତି ସୁମି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

**୧୫ ମାର୍ଚ୍ଚ ୧୯୭୫**

- ରାଜ୍ୟର ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ସିଂହରୀ ଶ୍ୟାମସୁନ୍ଦର କରଙ୍କ ୬୮ ବର୍ଷ ବୟସରେ ପରଲୋକ।
- ତାମିଲନାଡୁର ଓରକୋଟ୍ ଜିଲାର ଏକ ପୁରୁଣା ମନ୍ଦିରର ମଣ୍ଡପ ଓ କାନ୍ଥ ଭାଙ୍ଗିପଡ଼ିବା ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ଥାଇଲାଣ୍ଡର ନୂତନ ପ୍ରଧାନମନ୍ତ୍ରୀ ରୂପେ ୬୩ ବର୍ଷୀୟ କୁକ୍ରିଟ ପ୍ରମୋଦ ନିର୍ବାଚିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 3 | | 1 | 7 | | | |
| 1 | | | | | | | | |
| | | | | | | 9 | 3 | |
| 9 | | | | | | 3 | | |
| | | | | | 6 | | | 9 |
| | | 1 | 4 | | | | 5 | |
| | 4 | | | | | | 8 | |
| 7 | | | 2 | 6 | | | | |
| | 5 | | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 8 | 6 | 7 | 4 | 2 | 3 |
| 8 | 6 | 2 | 9 | 3 | 4 | 7 | 5 | 1 |
| 3 | 7 | 4 | 1 | 5 | 2 | 6 | 8 | 9 |
| 6 | 8 | 5 | 7 | 1 | 9 | 2 | 3 | 4 |
| 1 | 2 | 9 | 4 | 8 | 3 | 5 | 6 | 7 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 1 | 3 | 6 | 4 | 8 | 9 | 7 | 5 |
| 7 | 4 | 6 | 3 | 9 | 5 | 8 | 1 | 2 |
| 5 | 9 | 8 | 2 | 7 | 1 | 3 | 4 | 6 |

ଗତକାଲିର ଉତ୍ତର

# ବିଚାର ବ୍ୟବସ୍ଥାରେ ସଂସ୍କାର ଲୋଡ଼ା



ଡ. ଜୟଦେବ ସାହୁ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବିଶ୍ୱର ଏକ ଶକ୍ତିଶାଳୀ ନ୍ୟାୟାଳୟ ଭାବରେ ପରିଗଣିତ। ଏକ ଶକ୍ତ ବିଚାର ବ୍ୟବସ୍ଥା ପାଇଁ ହିଁ ବିଶ୍ୱରେ ଭାରତ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର। ସବୁବେଳେ ନ୍ୟାୟାଳୟ ଚେଷ୍ଟା କରି ଆସିଛି ନିରପେକ୍ଷ ହୋଇ ମାମଲାଗୁଡ଼ିକର ଫଇସଲା କରିବା ପାଇଁ। ତେବେ ଭାରତୀୟ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ନୁହେଁ। ସେଥିପାଇଁ ବିଭିନ୍ନ ସମୟରେ ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରାଯାଇଛି। ନିକଟରେ ମାନ୍ୟବର ସୁପ୍ରିମ କୋର୍ଟ ବିଚାର ବ୍ୟବସ୍ଥାରେ ଥିବା ତ୍ରୁଟିକୁ ନେଇ ବିଶେଷ ଚିନ୍ତା ପ୍ରକଟ କରିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ଜଣେ କାରାବାସ କଲାପରେ ସେ ନିର୍ଦ୍ଦୋଷରେ ଖଲାସ ହେଲା ଶୀର୍ଷ ଅଦାଲତ ଦ୍ୱାରା। ଅଦାଲତ ନିଜେ ବ୍ୟଥିତ ହୋଇ ପଡ଼ିଛନ୍ତି ଏହି ମାମଲାରେ। ଏହା କେବଳ ଗୋଟିଏ ଘଟଣା ନୁହେଁ, ଏଭଳି ଅନେକ ସଂଖ୍ୟାରେ ଲୋକମାନେ ବିନା ଦୋଷରେ କାରାଗାରର ଅନ୍ଧାର କୋଠରିରେ ନିଜ ଜୀବନ ଦୀପକୁ ନିର୍ବାପିତ କରୁଛନ୍ତି। ଅନେକ କାରଣ ଯୋଗୁ ନ୍ୟାୟ ଠିକ୍ ସମୟରେ ମିଳୁ ନ ଥିବାରୁ ଦୋଷୀ ଖସି ଯିବାରେ ସଫଳ ହେଉଛି ଏବଂ ବିଳମ୍ବିତ ନ୍ୟାୟ ନିର୍ଦ୍ଦୋଷଙ୍କ ପାଇଁ ଏକ ଶାସ୍ତି ସଦୃଶ। କଥାରେ ଅଛି ବିଳମ୍ବିତ ନ୍ୟାୟ ଅନ୍ୟାୟ। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ନ୍ୟାୟ ବ୍ୟବସ୍ଥାରେ ଥିବା ଫାଙ୍କ ଯୋଗୁ ଖଲାସ ହେବାର ଅନେକ ନଜିର ରହିଛି।

ଏକ ତଥ୍ୟ ଅନୁସାରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ମାଲଦା ଅଦାଲତରେ ୧୯୫୨ ଏପ୍ରିଲ ୪ ତାରିଖରେ ଜାବେନ୍ଦ୍ର ନାରାୟଣ ଚୌଧୁରୀ ଓ ଆଶୁତୋଷ ଚୌଧୁରୀ ଏକ ଜମି ବିଭାଜନ ମାମଲା ଦାଏର କରିଥିଲେ। କିନ୍ତୁ ତା'ର ପ୍ରଥମ ଶୁଣାଣି ଅଗଷ୍ଟ ୧୧ ତାରିଖ ୨୦୧୭ ମସିହାରେ ହୋଇଥିଲା। ଏମିତି ଅନେକ ମାମଲା ୫୦ ବର୍ଷରୁ ଅଧିକ ବର୍ଷ ଶୁଣାଣି ନ ହୋଇ ପଡି ରହିଛି। କେନ୍ଦ୍ର ଆଇନମନ୍ତ୍ରୀ ସ୍ୱୀକାର କରି କହିଲେ ଯେ, ସୁପ୍ରିମ କୋର୍ଟରେ ୫୦ ବର୍ଷ ପୁରୁଣା ବେଶି ମାମଲା ନାହିଁ, କିନ୍ତୁ ଉଚ୍ଚ ନ୍ୟାୟାଳୟମାନଙ୍କରେ ଅନେକ ମାମଲାର ବୟସ ୫୦ ବର୍ଷରୁ ଅଧିକ। ଏତେ ବର୍ଷ ପରେ ଯଦି ଜଣେ ନିର୍ଦ୍ଦୋଷ ପ୍ରମାଣିତ ହୁଏ, ତେବେ ତା'ର ଅର୍ଥ କ'ଣ ? ମୁଦେଇ ବା ମୁଦାଲା ସେତେବେଳେ ହୁଏତ ଏ ପୃଥିବୀରେ ନ ଥିବେ। ଏଇ ନିକଟରେ ଓ ମୟୂରଭଞ୍ଜ ଜିଲାର ବଳରାମପୁର ଗ୍ରାମର ହାବିଲ ସିନ୍ଧୁ ୩ ଜଣ ପଡ଼ୋଶୀଙ୍କୁ ହତ୍ୟା କରିଥିବା ମାମଲାରେ ଛନ୍ଦି ହୋଇ ଦୀର୍ଘ ୧୯ ବର୍ଷ କାରଗାରରେ ରହିବା ପରେ ନିର୍ଦ୍ଦୋଷରେ ମୁକ୍ତ ହେଲେ। ଏତେ ବର୍ଷ ପରେ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହେଲା ପରେ ସମାଜ ତାକୁ ଠିକ୍ ଭାବେ ଗ୍ରହଣ କରିବ ତ ? ତା'ର ହଜି ଯାଇଥିବା ଅମୂଲ୍ୟ ୧୯ ବର୍ଷ ଭରଣା ହୋଇପାରିବ କି ? ଥରେ ସମ୍ମାନ ହରେଇ ସାରିବା ପରେ ସେ ସମ୍ମାନର ସହିତ ବଞ୍ଚିପାରିବ ତ ? ଜବଲପୁର ସେସନ୍ସ ଜଜ୍ ଏକ ହତ୍ୟା ମାମଲାରେ ଓମ୍‌ପ୍ରକାଶ ଯାଦବ ଓ ଅନ୍ୟ ଦୁଇ ଜଣଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କଲେ ଏବଂ ଉଚ୍ଚ ନ୍ୟାୟାଳୟ ମଧ୍ୟ ଏହି ଦଣ୍ଡକୁ କାଏମ ରଖିଲେ। କିନ୍ତୁ ଉଚ୍ଚତମ ନ୍ୟାୟାଳୟ ମୃତ୍ୟୁ ଦଣ୍ଡ ପାଇଥିବା ଏହି ତିନି ଜଣଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ। ପ୍ରଶ୍ନ ଉଠେ ଜଣେ ସାଧାରଣ ବ୍ୟକ୍ତି ଯାହା ପାଖରେ ଅର୍ଥ ନାହିଁ ସେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଯାଇ ପାରିବ କି । ଏତେ ଦିନର ନ୍ୟାୟିକ ସଂଘର୍ଷ ପରେ ତା'ର ମାନସିକ ଓ ଆର୍ଥିକ ଅବସ୍ଥା କିପରି ଥିବ । ଏମିତି ଅନେକ ମାମଲାରେ ତଳ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଉପର ଅଦାଲତ ନିର୍ଦ୍ଦୋଷ ବୋଲି ଦଣ୍ଡ ମୁକ୍ତ କରିଥିବାର ନଜିର ଅଛି। ତଳ କୋର୍ଟର ଯେଉଁ ବିଚାରପତି ଦୋଷୀ ସାବ୍ୟସ୍ତ କରି ଥାଆନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଖୁବ୍ କମ୍ ଉଦାହରଣ ଅଛି। ଅବଶ୍ୟ ଦଣ୍ଡ ବିଧାନ ଯଦି ଉଦ୍ଦେଶ୍ୟମୂଳକ ହୋଇଥିବ ତେବେ ଭାରତୀୟ ପିଙ୍ଗଳ ଆଇନ ୨୧୯ ଧାରା ଲାଗୁ କରାଯାଇପାରେ।



କଶ୍ମୀରର ଜାମାରୁଦ ହବିବ ନାମ୍ନୀ ଜଣେ ମହିଳା ତାଙ୍କ ପୁସ୍ତକ 'କଏଦୀ ନମ୍ବର ୧୦୦'ରେ ବିନା ଦୋଷରେ କାରାଗାରରେ କଟାଇଥିବା ଯନ୍ତ୍ରଣାମୟ ପାଞ୍ଚ ବର୍ଷର ତାଙ୍କ ଅନୁଭୂତି ବର୍ଣ୍ଣନା କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଦୀର୍ଘ ପାଞ୍ଚ ବର୍ଷ ସେ ଯେଉଁ ମାନସିକ ଯନ୍ତ୍ରଣାରେ ଛଟ ପଟ ହୋଇଛନ୍ତି, ତା'ର ଭରଣା ହୋଇପାରିବ କି? ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାର ବିଶେଷ ବ୍ୟବସ୍ଥା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ନାହିଁ। ସେଥିପାଇଁ ବ୍ୟକ୍ତି ଜଣକ ଅସହାୟ ହୋଇ ପଡ଼େ।

୨୦୧୮ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ଆକଳନ ଅନୁସାରେଦାଏର ହୋଇଥିବା ୩୩.୧୫ ଲକ୍ଷ ମାମଲାରୁ ମାତ୍ର ୮.୬୪ ଲକ୍ଷ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଲେ। ହତ୍ୟା ମାମଲାଗୁଡ଼ିକରେ ୩୮.୧ ପ୍ରତିଶତ ଓ ବଳାତ୍କାର ପାଇଁ ମାତ୍ର ୨୫.୪ ପ୍ରତିଶତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଛନ୍ତି। ମାମଲାରୁ ଅନେକ କାରଣ ପାଇଁ ଦୋଷୀମାନେ ମଧ୍ୟ ନିର୍ଦ୍ଦୋଷରେ ଖଲାସ ହୋଇଯାଆନ୍ତି। ଏଥିପାଇଁ ନ୍ୟାୟାଳୟକୁ ସମ୍ପୂର୍ଣ୍ଣ ଦୋଷାରୋପ କରାଯାଇ ନ ପାରେ। ଆଇନରେ ଥିବା ଫାଙ୍କ, ତଦନ୍ତରେ ପୋଲିସ ଅଫିସରଙ୍କ ଅବହେଳା, ସାକ୍ଷୀମାନଙ୍କ ଭୁଲ୍ ବୟାନ ଯୋଗୁ ବହୁ ଅପରାଧୀ ଦଣ୍ଡ ମୁକ୍ତ ହୁଅନ୍ତି। ଏଇଥିପାଇଁ ବିଚାର ବ୍ୟବସ୍ଥାର ସଂସ୍କାର ପାଇଁ ୨୦୦୦ ମସିହାରେ ଗଠିତ କମିଟିର ନ୍ୟାୟମୂର୍ତ୍ତି ଭି.ଏସ. ମାଲିମଠ କହିଲେ, ପ୍ରଚଳିତ ନ୍ୟାୟ ବ୍ୟବସ୍ଥା ଦୋଷୀ ସପକ୍ଷରେ ରହିଥିବା ବେଳେ ପୀଡ଼ିତଙ୍କ ନ୍ୟାୟ ପାଇଁ ବିଶେଷ ବ୍ୟବସ୍ଥା ନାହିଁ । ତେଣୁ ସଂସ୍କାରର ଆବଶ୍ୟକତା ରହିଛି। ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ରାମନା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାର ସଂସ୍କାର ସପକ୍ଷରେ ଥିଲେ। ସେ ବିଚାର ବ୍ୟବସ୍ଥାର ଭାରତୀୟ କରଣ ଉପରେ ଗୁରୁତ୍ୱାରୋପ କଲେ। ନ୍ୟାୟ ବ୍ୟବସ୍ଥା ଲୋକକୈନ୍ଦ୍ରିକ ହେଲେ ହିଁ ଲୋକେ ଉପକୃତ ହେବେ। ତାଙ୍କ ମତ ଅନୁସାରେ ଗାଁରୁ ଆସିଥିବା ଜଣେ ବ୍ୟକ୍ତି ପାଇଁ ନ୍ୟାୟାଳୟ ଅପରିଚିତ ଜାଗା। ସେ କୋର୍ଟରେ ଇଂଲିଶରେ ଜବାବ ସୁଆଲ ବୁଝିପାରେ ନାହିଁ। ମାମଲାର ବିଚାର ପ୍ରକ୍ରିୟା ଲମ୍ବା ହେଉଥିବାରୁ ସେ ତଳିତଳାନ୍ତ ହୋଇଯାଏ।

ମାମଲାର ଶୀଘ୍ର ଫଇସଲା ପାଇଁ ଅଧିକ ବିଚାରପତି ନିଯୁକ୍ତି, ଅଧିକ ଫାଷ୍ଟ୍ରାକ କୋର୍ଟ ପ୍ରତିଷ୍ଠା, ଆଇନକାନୁନ୍‌ରେ ଯୁଗୋପଯୋଗୀ ସଂଶୋଧନ, ନ୍ୟାୟିକ ପଦ୍ଧତିର ସରଳୀକରଣ, କୋର୍ଟରେ ମାତୃଭାଷାର ପ୍ରଚଳନ, ଅଧିକ ଦେୟମୁକ୍ତ ନ୍ୟାୟିକ ସାହାଯ୍ୟ ଯୋଗାଇ ଦେଲେ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ଓ ଆସ୍ଥାଭାଜନ ହୋଇପାରିବ। ବହୁ ଦିନରୁ ପ୍ରଚଳିତ ଉପନିବେଶବାଦୀ ନିୟମ କାନୁନ୍‌ର ସଂଶୋଧନ ଜରୁରୀ।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,**
**ଭବାନୀପାଟଣା**
**ମୋ:୭୯୭୮୯୯୦୦୧୬**

## ପାଠକ ଶ୍ରେଷ୍ଠ ବିଚାରକ

### ଏକାଧିକ ରେଳ ଷ୍ଟେଶନ କାର୍ଯ୍ୟକାରୀ ହେଉ

ମହାଶୟ,

ଅଧିକାଂଶ ସମୟରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ ଏବଂ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରୁ ଆରମ୍ଭ ହୋଇ ଦକ୍ଷିଣ କିମ୍ବା ପଶ୍ଚିମ ଦିଗକୁ ଯାତ୍ରା କରୁଥିବା କିଛି ଦୂରଗାମୀ ଟ୍ରେନ ଓ ପୁନର୍ବାର ଭୁବନେଶ୍ୱର ମୁଖ୍ୟ ଷ୍ଟେଶନକୁ ଶେଷ ଗନ୍ତବ୍ୟସ୍ଥଳ ଭାବେ ଫେରୁଥିବା ଉକ୍ତ ଟ୍ରେନକୁ ଲିଙ୍ଗରାଜ ରେଳ ଷ୍ଟେଶନ ଏକ ବିକଳ୍ପ ମୁଖ୍ୟ ଷ୍ଟେଶନ ଭାବରେ କାର୍ଯ୍ୟକାରୀ କରାଯାଇପାରିବ । ସେହିଭଳି ପୂର୍ବ ଓ ଉତ୍ତର ଦିଗ ପାଇଁ ବାଣୀବିହାର ଷ୍ଟେଶନକୁ ଚୟନ କରାଯାଇପାରିବ । ଉପରୋକ୍ତ ଷ୍ଟେଶନଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଆଧୁନିକୀକରଣ/ନବୀକରଣ କରାଯାଇପାରିବ। ଆମ ଦେଶରେ ଅନେକ ବଡ଼ ବଡ଼ ସହରରେ ଏହିଭଳି ଏକାଧିକ ଷ୍ଟେଶନ କାର୍ଯ୍ୟକାରୀ ହୋଇ ସୁଫଳ ପରିଲକ୍ଷିତ ହୋଇଛି ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଗୀତ ତୋ ଆଗେ ଗାଇବି କହରେ ଶିମୁଳିପାଳ !
ରକତ ମୋହର ବରଫ, ହାଡ଼ ଯେ ହୋଇଛି ପାଣି।
କଣ୍ଠେ ଶୁଖିଛି ରସନା ବାସନା ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ ପତାଇ ଥାଳ।
-(ପାସୋରି ଦେଲିରେ ଶିମୁଳିପାଳ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**





# ଚିନ୍ତାଧାରା ବଦଳାଇବାକୁ ପ୍ରୟାସ



ରାଉରକେଲାରେ ପିଲାଦିନ ଅତିବାହିତ କରିଥିବାବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଶିକ୍ଷା ଶେଷକରି ଏକ ପ୍ରତିଷ୍ଠିତ ଘରୋଇ ସଂସ୍ଥା (ଏଚ୍‌ଏସ୍‌ବିସି)ରେ କର୍ମନିଯୁକ୍ତି ପାଇଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସହ ଅନ୍ୟାନ୍ୟ ସଂସ୍ଥାରେ ମଧ ଦୀର୍ଘଦିନର କାର୍ଯ୍ୟ ଅଭିଜ୍ଞତା ସହ ସବୁ କ୍ଷେତ୍ର ପ୍ରତି ଆଗ୍ରହ ରଖୁଥିବାବେଳେ ନିଜସ୍ୱ କିଛି କରିବାର ଆଶା ଓ ଉଦ୍ଦୀପନାରୁ ଆରମ୍ଭ ହୋଇଥିବା ଏକ କୃଷି ଉଦ୍ୟୋଗକୁ ନୂଆ ଦିଶା ଓ ସମାଜର ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରି ଅନେକ ସଫଳତା ସହ ବିଭିନ୍ନ ପ୍ଲାଟ୍‌ଫର୍ମରେ ପୁରସ୍କୃତ ହୋଇଥିବା ସଫଳ ଯୁବୋଦ୍ୟୋଗୀ ଏବଂ ମାନିକ୍ସ୍ଟୁ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ସିଇଓ ଜୟନ୍ତୀ ଏମ୍‌ଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....

ଜୟନ୍ତୀ ଏମ୍




**ପ୍ର– ବ୍ୟାଙ୍କିଙ୍ଗ୍ କ୍ଷେତ୍ରରୁ ବ୍ୟବସାୟର ଯାତ୍ରା କିଭଳି ରହିଛି?**

ଉ– ଦୀର୍ଘ ବର୍ଷର ବ୍ୟାଙ୍କିଙ୍ଗ୍ ସେବାର ଅଭିଜ୍ଞତା ଓ ନୂଆ କିଛି କରିବାର ଆଶା ସହ ବଜାର ଆବଶ୍ୟକତା ଓ ସ୍ଥାନୀୟ ଅଞ୍ଚଳର ଚାହିଦା ପୂରଣ କରିବା ଲକ୍ଷ୍ୟରେ ବ୍ୟବସାୟର ଯାତ୍ରା ଜାରି ରହିଛି। ବିଶେଷକରି ବ୍ୟାଙ୍କିଙ୍ଗ୍ ସେବାରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଏକ ପ୍ରମୁଖ ଅଂଶ ହୋଇଥିଲାବେଳେ ଉକ୍ତ ଅଂଶର ଭାଗୀଦାରି ସହ ସବୁ ବର୍ଗର ଲୋକଙ୍କ ସହିତ ସମୟ ଅତିବାହିତ କରିବାର ବ୍ୟାପକ ସୁଯୋଗ ମିଳିଥିଲା। ଉକ୍ତ ସମୟ ମଧ୍ୟରେ ଲୋକଙ୍କର ଆବଶ୍ୟକତା ଓ ବଜାର ଚାହିଦା ସମ୍ପର୍କରେ ଅବଗତ ହୋଇ କୃଷିଜାତ ବ୍ୟବସାୟରେ ପ୍ରବେଶ ଓ ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ସହ କିଛି ନୂଆ କରିବାର ଭାବନାରୁ ଛେଳି ଚାଷ ପ୍ରତି ମନ ବଳାଇଥିଲି।

**ପ୍ର – କୃଷିଭିତ୍ତିକ ବ୍ୟବସାୟକୁ ଆପଣ କିଭଳି ଦେଖୁଛନ୍ତି?**

ଉ– ପୂର୍ବରୁ କୃଷି ଏକମାତ୍ର ମାଧ୍ୟମ ଥିଲାବେଳେ ବିଗତ କିଛି ବର୍ଷ ହେଲା ବିଭିନ୍ନ କାରଣରୁ କୃଷିକ୍ଷେତ୍ରରୁ ଦୂରେଇଯାଉଥିବା ଲୋକ ଓ ଯୁବବର୍ଗ ବର୍ତ୍ତମାନ କୃଷିକ୍ଷେତ୍ର ସହ ଜଡ଼ିତ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି ଉପଯୁକ୍ତ କୃଷି ଓ କୃଷି ଉଦ୍ୟୋଗ ସହ କଠିନ ପରିଶ୍ରମ ଏବଂ ସଚ୍ଚୋଟତା ସହିତ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ହେବ। କୃଷି କ୍ଷେତ୍ର ଓ କୃଷି ଉଦ୍ୟୋଗ ଜରିଆରେ ଆମେ ଆମର ଆବଶ୍ୟକତା ପୂରଣ ସହ ଆର୍ଥିକ ସ୍ଥିତିକୁ ମଧ୍ୟ ବଦଳାଇପାରିବା। ସେଥିପାଇଁ କଠିନ ପରିଶ୍ରମ ଓ ମନୋବଳର ଆବଶ୍ୟକତା ରହିଛି।

**ପ୍ର– ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ବ୍ୟବସାୟର ଚାହିଦା କିଭଳି ରହିଛି?**

ଉ– ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ସବୁ କ୍ଷେତ୍ରରେ ରହିଥାଏ। ହେଲେ ତା'ର ଆବଶ୍ୟକତା ଆମର ବ୍ୟବହାର ଓ ନିଷ୍ପତ୍ତି ଏବଂ ଚିନ୍ତାଧାରା ଉପରେ ନିର୍ଭର କରିଥାଏ। ଆମେ କାହାକୁ ଆମର ପ୍ରତିଦ୍ୱନ୍ଦ୍ୱୀ କିମ୍ବା କାହା ସହ ପ୍ରତିଯୋଗିତା ନ କରି ନିଜ ସହିତ କରିବାକୁ ପସନ୍ଦ କରିଥାଉ। କାରଣ ଆମେ ଯେତେ ପରିଶ୍ରମ କରିବା ବ୍ୟବସାୟ ତିଷ୍ଠିରହିବା ସହିତ ସଫଳତା ହାସଲ ଦିଗରେ ସେତେ ମାତ୍ରାରେ ଅଗ୍ରସର ହୋଇପାରିବା।

**ପ୍ର–ଆଶାୟୀ ଉଦ୍ୟୋଗୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**

ଉ– ବର୍ତ୍ତମାନ ସମୟରେ ସବୁ ବର୍ଗର ଲୋକ କୃଷି ଉଦ୍ୟୋଗ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ସହ ସଚ୍ଚୋଟତା ଅବଲମ୍ବନକୁ ପ୍ରାଧାନ୍ୟ ଦେବାକୁ ହେବ। ଏପରିକି ବ୍ୟବସାୟୀ ସହଯୋଗୀ ଓ ନୀତି ନିୟମକୁ ମଧ୍ୟ ଠିକ୍ ଭାବେ ପାଳନ କଲେ ବ୍ୟବସାୟରେ ସଫଳତା ମିଳିପାରିବ।

**ପ୍ର–ସରକାରୀ ସହାୟତା କୃଷି ଉଦ୍ୟୋଗ ପାଇଁ କେତେଦୂର ସହାୟକ ହୋଇପାରିଛି?**

ଉ– ବର୍ତ୍ତମାନ ସମୟରେ ସରକାର ସବୁ କ୍ଷେତ୍ରକୁ ସହାୟତା ଓ ସହଯୋଗ ପ୍ରଦାନ କରୁଛନ୍ତି। ଏପରିକି ନେଇ ଆଣି ଥୋଇ ପାରିଲେ, ସବୁ ସ୍ତରର ସହାୟତା ମୂଲ୍ୟ ରହିବ। ବିଶେଷକରି ସରକାର ଉଦ୍ୟୋଗ ପାଇଁ ସହଯୋଗ କରୁଥିବାବେଳେ ଉଦ୍ୟୋଗୀ ସମୟ, ପରିଶ୍ରମ, ଲୋକସମ୍ପର୍କ ଏବଂ ଉପଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିବାକୁ ହେବ। ସରକାରୀ ସହାୟତାର ସଦୁପଯୋଗ କରି ବ୍ୟବସାୟ ବୃଦ୍ଧି ପାଇଁ ଉଭୟ ପକ୍ଷ ମଧ୍ୟରେ ସାଧୁତା ଓ ସହଭାଗିତାର ଆବଶ୍ୟକତା ରହିଛି।

**ପ୍ର– ବ୍ୟବସାୟ ବୃଦ୍ଧିରେ ସହଯୋଗୀଙ୍କ ଭୂମିକା କିଭଳି ରହିଛି?**

ଉ– ପ୍ରତି ବ୍ୟବସାୟରେ ମାଧ୍ୟମ ରହିଥିଲାବେଳେ ଆମ ବ୍ୟବସାୟରେ ସହଯୋଗୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶେଷକରି ବିଶ୍ୱାସ ଓ ଭରସାରେ ସବୁ କିଛି ଚାଲିଥିଲାବେଳେ ସାଧୁତା ଓ କଠିନ ପରିଶ୍ରମ ଉଭୟ ପକ୍ଷର ମଙ୍ଗଳ ସହ ବ୍ୟବସାୟ ଅଭିବୃଦ୍ଧି କରିଥାଏ। ଏପରିକି ଆମ ବ୍ୟବସାୟରେ ଭିନ୍ନ କିଛି ଅଭ୍ୟାସ ଓ ନୀତି ନିୟମ ରହିଥାଏ। ନୀତି ନିୟମ ଓ ସମ୍ପର୍କ ସହିତ ବିଶ୍ୱାସଭାଜନ ଜରିଆରେ ବ୍ୟବସାୟ ଜାରି ରହିଛି।

**ପ୍ର– ଗୋଟ୍ ବ୍ୟାଙ୍କର ଚିନ୍ତାଧାରା ଓ କାର୍ଯ୍ୟକାରିତାକୁ କିପରି ପରିଚାଳନା କରୁଛନ୍ତି?**

ଉ– ଗୋଟ୍ ବ୍ୟାଙ୍କ ମୋର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାରୁ ଆସିଥିଲାବେଳେ ଏଭଳି ଏକ ଭିନ୍ନ ଚିନ୍ତାଧାରା ବର୍ତ୍ତମାନ ସମୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ମାନସିତାକୁ ବଦଳାଇ ଦେଇଛି। ଏହା ଜରିଆରେ ଉଭୟ ପକ୍ଷ ଲାଭ ପାଉଥିବାବେଳେ ଗ୍ରାହକ ମଧ୍ୟ ଗୁଣାତ୍ମକ ମାନର ଖାଦ୍ୟ (ମଟନ) ଘରୋଇ ବଜାରରୁ ପାଇ ପାରୁଛନ୍ତି। ଏପରିକି ସ୍ଥାନୀୟ ବଜାରର ଆବଶ୍ୟକତା ଓ ଚାହିଦାକୁ ମଧ୍ୟ ଏହା ଜରିଆରେ ମେଣ୍ଟାଇ ପାରୁଛୁ। ପ୍ରାଥମିକ ପର୍ଯ୍ୟାୟରେ ଲୋକଙ୍କ ଚିନ୍ତାଧାରା ଭିନ୍ନ ଥିଲାବେଳେ ବର୍ତ୍ତମାନ ଲୋକଙ୍କର ନଜର ମଧ୍ୟ ବଦଳିଛି।

# ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା

## ବଡ଼ପଡ଼ାରେ ନୂତନ ଶିକ୍ଷା ସୌଧ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ମାଲକାନଗିରି/ଚିତ୍ରକୋଣ୍ଡା,୧୪।୩(ଅନିଲ ଦାସ/ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)



ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ(ଏଜୁକେଶନ କମ୍ପ୍ଲେକ୍ସ) ଉଦ୍‌ଘାଟନ କରିଛନ୍ତି। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ(ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷାଲାଭ କରିପାରିବେ। ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୧ ହଜାରରୁ ଅଧିକ ପିଲା ପାଠ ପଢ଼ିବେ। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହିଆସିଛି। ଟଙ୍କିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ଲକ୍ଷ୍ମୀ ଯୋଜନା– ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏହିଠାରୁ ହିଁ ଆରମ୍ଭ କରିଆସିଛି। ବଡ଼ପଡ଼ା ଶିକ୍ଷା ସୌଧ ପିଲାମାନଙ୍କ ପାଠପଢ଼ାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଗଢ଼ାଯାଇଥିବା ସେ କହିଛନ୍ତି। ନବୀନ ଓଡ଼ିଶା ଅଧ୍ୟକ୍ଷ ଯୋଗଦେଇ କହିଛନ୍ତି ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ।

# ଉତ୍କର୍ଷ କେନ୍ଦ୍ର ଯୁବବର୍ଗଙ୍କ ଦକ୍ଷତା ବଢ଼ାଇବ: ଧର୍ମେନ୍ଦ୍ର




**ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)**

ନୂଆଦିଲ୍ଲୀସ୍ଥିତ କୌଶଳ ଭବନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ସ୍କିଲ୍ ପରିସଂସ୍ଥାନକୁ ମଜଭୁତ କରିବା ପାଇଁ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ଷ୍ଟ୍ରାଟେଜିକ୍ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି। ଆଜିର ବୁଝାମଣାପତ୍ର ଓ ଲୋକାର୍ପିତ ପଦକ୍ଷେପଗୁଡ଼ିକ ସ୍କିଲ୍ ଇଣ୍ଡିଆ ମିଶନର ପରିସରକୁ ଅଧିକ ସମ୍ପ୍ରସାରଣ କରିବା ସହ ଦେଶର ଅଧିକାଂଶ ଜନସଂଖ୍ୟାକୁ ଦକ୍ଷତା ପରିସରକୁ ଆଣିବ। ଆମ ଯୁବବର୍ଗ ଏବଂ କର୍ମଚାରୀଙ୍କୁ ବିକଶିତ ନୂତନ ବିଶ୍ୱ ବ୍ୟବସ୍ଥାରେ ଅଗ୍ରଣୀ ଭାବେ ଉଭାହେବା ପାଇଁ ଠିକ୍ ଦକ୍ଷତା ପ୍ରଦାନ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରମନ୍ତ୍ରୀ ଏନ୍‌ଏସ୍‌ଡିସି ସହଯୋଗରେ ଦକ୍ଷତା ବିକାଶ କେନ୍ଦ୍ର(ଏସ୍‌ଡିଆଇ), ଭୁବନେଶ୍ୱରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ୨ଟି ଅତ୍ୟାଧୁନିକ କେନ୍ଦ୍ର ଯଥା ଏଚ୍‌ଭିଏସି ଏବଂ ମିଡିଆ ଓ ମନୋରଞ୍ଜନ ପାଇଁ ଉତ୍କର୍ଷ କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ସେ କହିଛନ୍ତି, ଏସ୍‌ଡିଆଇ, ଭୁବନେଶ୍ୱରରେ ଲୋକାର୍ପିତ ହୋଇଥିବା ଉତ୍କର୍ଷ କେନ୍ଦ୍ର ଯୁବବର୍ଗଙ୍କୁ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରରେ ଅଧିକ ଦକ୍ଷ କରିବ। ଏସ୍‌ଡିଆଇ ଭୁବନେଶ୍ୱରରେ ଏଚ୍‌ଭିଏସି ଏବଂ ମିଡିଆ ଆଣ୍ଡ୍ ମନୋରଞ୍ଜନ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟନ ଓଡ଼ିଶାର ଦକ୍ଷତାକୁ ଆଗକୁ ବଢ଼ାଇବା ଦିଗରେ ଅଧିକ ଶକ୍ତି ପ୍ରଦାନ କରିବ। ମିଡିଆ ଏବଂ ମନୋରଞ୍ଜନ ପାଇଁ ଉକ୍ତ କେନ୍ଦ୍ରରେ ଗ୍ରାଫିକ୍ ଡିଜାଇନ, ସୋସିଆଲ ମିଡିଆ ମ୍ୟାନେଜର, ଡିଜିଟାଲ ମାର୍କେଟିଂ ମ୍ୟାନେଜର, ଭିଡିଓ ଏଡିଟିଂ, ସାଉଣ୍ଡ ଏଡିଟିଂ, ଭିଡିଓ ବ୍ଲଗର ଏବଂ ଡିଜିଟାଲ/ଷ୍ଟିଲ୍ ଫଟୋଗ୍ରାଫି ଇତ୍ୟାଦି ପାଠ୍ୟକ୍ରମ ପ୍ରଦାନ କରାଯିବ। ଏହି ପଦକ୍ଷେପ ଦ୍ୱାରା ସେମାନେ ରୋଜଗାରକ୍ଷମ ହେବା ସହ ଜୀବିକା ବୃଦ୍ଧି ହେବ। ସେମାନେ ଉଦ୍ୟୋଗୀ ହେବା ପାଇଁ ସମର୍ଥ ହୋଇପାରିବେ। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ନିଜବଡ୍ ଏବଂ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ, ଶ୍ରମ ମନ୍ତ୍ରଣାଳୟ ଓ ଇପିସିଏଚ୍, ଡାଇରେକ୍ଟରେଟ୍ ଜେନେରାଲ ଅଫ୍ ଟ୍ରେନିଂ(ଡିଜିଟି) ଓ ଫ୍ୟୁଚର୍ ରାଇଟ୍ସ ସ୍କିଲ୍ ନେଟ୍‌ୱର୍କ ସହ ପୃଥକ୍ ପୃଥକ୍ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା

**ଧାମନଗର,୧୪।୩ (ସନ୍ତୋଷ କୁମାର ମହାପାତ୍ର)**

ପିଲାଟି ବେଳୁ ଚିତ୍ରକଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା। ଧୀରେ ଧୀରେ ଏଥିପ୍ରତି ଆଗ୍ରହ ବଢ଼ିବା ସହ ଜୀବନ୍ତ ଚିତ୍ର ଆଙ୍କି ପ୍ରଶଂସା ସାଉଣ୍ଟିଥିଲେ। ଆଉ ଏହି ପ୍ରତିଭା ତାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବ୍ଲକସ୍ତରରୁ ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାଗ ନେଇ ମଧ୍ୟ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଭା ଯୋଗୁ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍–୨୦୨୪ରେ ସ୍ଥାନ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡା।(୧୯)।ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରମାନାଥ ପଣ୍ଡାଙ୍କ ଅଣନାତୁଣୀ, ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ ବଡ଼ଝିଅ କ୍ରୀତିକ୍ରିଷ୍ଣା। ସେ ଏବେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଡିଗ୍ରୀର ଦ୍ୱିତୀୟ ବର୍ଷ ଛାତ୍ରୀ। ଜଣେ ସଫଳ ଚିତ୍ରଶିଳ୍ପୀ ହେବା ପାଇଁ ସେ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ସମୟରେ ଶ୍ରୀରାମଙ୍କ ଚିତ୍ର ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବାବେଳେ ଗତ ୧୨ ତାରିଖରେ ହରିୟାଣା ଫରିଦାବାଦରୁ ଡାକ ଯୋଗେ ଆସିଥିବା ମେଡାଲ ତାଙ୍କ ପାଖରେ ପହଞ୍ଚିଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଆଗକୁ ଚିତ୍ର ମାଧ୍ୟମରେ କୁସଂସ୍କାର, ନାରୀ ନିର୍ଯାତନା ଆଦିକୁ ରୋକିବା ନେଇ ଚେଷ୍ଟା କରିବେ ବୋଲି କ୍ରୀତିକ୍ରିଷ୍ଣା କହିଛନ୍ତି।







# ଲୋଗୋ ନ ଲାଗିବାରୁ ଅନୁଦାନ ବନ୍ଦ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର)**



GOVERNMENT OF ODISHA
FINANCE DEPARTMENT
***

No. 6473 /F., FIN-BUD3-PD-0001-2023 Date: 12/03/2024

From
Vishal Kumar Dev, IAS
Principal Secretary to Government.

To
The Additional Chief Secretary,
H&UD Department.

Sub: Violation of mandatory condition regarding branding guidelines of Centrally Sponsored Schemes

Ref: GoI O.M F No. 44(1)/PF-S/2023-24 (CAPEX)-Odisha

Sir,

In inviting a kind reference to the subject cited above, I am directed to say that the DoE, MoF, Government of India have raised certain observation in their O.M. dated 12.03.2024 related to violation of mandatory condition regarding branding guidelines of Centrally Sponsored Schemes. Ministry of Housing & Urban Affairs (MoHUA), GoI has reported instances of violation of branding guidelines/ instructions in respect of the Scheme "Pradhan Mantri Awas Yojana (Urban)".

I would, therefore, request you to provide status of compliance directly to the Ministry of Housing & Urban Affairs at the earliest for consideration of release of 2nd installment under Part-I (Untied) of the Scheme for Special Assistance to States for Capital Investment 2023-24.

This may be treated as MOST URGENT.

Encl: Copy enclosed

Yours faithfully,
Principal Secretary to Government

**ଯାଜପୁର,୧୪।୩(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ଅଦ୍ୟାବଧି ୧ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କ ମୁଣ୍ଡ ଉପରେ ପକ୍କା ଛାତ ନାହିଁ। ତେଣୁ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବାସଗୃହ ଯୋଗାଇ ଦେବା ଲକ୍ଷ୍ୟରେ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର) ଅନ୍ୟତମ। ହେଲେ ଏହି ଯୋଜନାରେ ନିର୍ମାଣ ହୋଇଥିବା କେତେକ ଘରେ ଗାଇଡ୍ ଲାଇନର ଉଲ୍ଲଂଘନ କରାଯାଇଛି । ଉପଯୁକ୍ତ ଯୋଜନାର ଲୋଗୋ ନ ଲାଗିବା, ହିତାଧିକାରୀଙ୍କ ସବିଶେଷ ତଥ୍ୟ କିମ୍ବା ବ୍ରାଣ୍ଡିଂ(ଛାପ ନାମ) ହୋଇ ନ ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପ୍ରଦାନ ବନ୍ଦ କରାଯାଇଛି। ଫଳରେ ଭବିଷ୍ୟତରେ ଏହି କେନ୍ଦ୍ରୀୟ ଅନୁଦାନ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶିକା ଅଞ୍ଜଳି ମୌର୍ଯ୍ୟ ୧୨।୩।୨୦୨୪ରେ ଏକ କାର୍ଯ୍ୟାଳୟ ସ୍ମାରକ(ଅଫିସ ମେମୋରାଣ୍ଡମ) ଜାରି କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ସୂଚିତ କରାଯାଇଛି। ଉକ୍ତ ସ୍ମାରକ ଆଧାରରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ବିଶାଳ କୁମାର ଦେବ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ମାୟାଧର ପଟ୍ଟାୟତ ତାଙ୍କ ପତ୍ରସଂଖ୍ୟା ୪୩୧/୧୪।୩।୨୦୨୪ରେ ରାଜ୍ୟର ସମସ୍ତ ସହରାଞ୍ଚଳର ମ୍ୟୁନିସିପାଲ କମିଶନର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ଉପରୋକ୍ତ ଯୋଜନାରେ ନିର୍ମାଣ ହୋଇଥିବା ଘରଗୁଡିକରେ ଗାଇଡ୍ ଲାଇନ ଅନୁସାରେ ଲୋଗୋ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ହିତାଧିକାରୀମାନଙ୍କୁ ଏଥିପାଇଁ ସଚେତନ କରିବାକୁ ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଗୃହ ନିର୍ମାଣ ଯୋଜନା ପ୍ରଣୟନ କରିଛନ୍ତି। ୨୦୨୩ ମାର୍ଚ୍ଚ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯-୨୦୧୫ ମଧ୍ୟରେ ବେସିକ ସର୍ଭିସ ଟୁ ଅର୍ବାନ ପୋଅର(ସହରାଞ୍ଚଳରେ ବାସ କରୁଥିବା ଗରିବଙ୍କୁ ମୌଳିକ ସୁବିଧା ଯୋଗାଇବା) ଯୋଜନାରେ ୧,୬୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିରେ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯାଇ ୪୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୦୯ରୁ ୨୦୧୫ ମଧ୍ୟରେ ଇଣ୍ଟିଗ୍ରେଟେଡ ହାଉସିଂ ଆଣ୍ଡ ସ୍ଲମ ଡେଭଲପମେଣ୍ଟ ପ୍ରୋଗ୍ରାମରେ ୧୧,୨୯୬ ଘର ଯୋଗାଇ ଦିଆଯାଇଥିବାବେଳେ ଏଥିରେ ୧୭୧.୭୨ କୋଟି ଖର୍ଚ୍ଚ ହୋଇଛି। ୨୦୧୩-୨୦୨୨ ମଧ୍ୟରେ ରାଜୀବ ଆବାସ ଯୋଜନାରେ ୪,୭୭୩ ବାସଗୃହ ଯୋଗାଇ ଦିଆଯାଇଥିବାବେଳେ ୩୫୯ କୋଟି ଖର୍ଚ୍ଚ ହୋଇଛି। ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ୨୦୧୫ରୁ ୨୦୨୨ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ୬୧,୦୯୧ ବାସଗୃହ ଯୋଗାଇ ଦିଆଯାଇଛି। ଏଥିପାଇଁ ୧,୪୫୯ କୋଟି ଖର୍ଚ୍ଚ ହୋଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି। ଅବଶିଷ୍ଟ ଲୋକମାନଙ୍କୁ ଘର ଯୋଗାଇ ଦେବାକୁ ସହରାଞ୍ଚଳଦ୍ୱାରା(ପୌରାଞ୍ଚଳ) ତଥ୍ୟ ସଂଗ୍ରହ କରାଯାଇଛି। ଏଥିପାଇଁ ଗତ ବଜେଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୭.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରଗୁଡ଼ିକରେ ଗାଇଡ୍‌ଲାଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଥିବା କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିପାଇଁ ଅଫିସ ମେମୋରାଣ୍ଡମ ଜାରି କରାଯାଇଛି। ଉକ୍ତ ମେମୋରାଣ୍ଡମରେ ୨୦୨୩-୨୪ ବର୍ଷରେ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ଲୋଗୋ ଦେବାରେ ଅବହେଳା ହୋଇଛି। ଏଥିପାଇଁ ଦ୍ୱିତୀୟ କିସ୍ତି ଅନୁଦାନ ବନ୍ଦ କରାଯାଇଛି। ତେଣୁ ଗାଇଡ୍‌ଲାଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସଦ୍ୟତମ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରାଗଲେ ଦ୍ୱିତୀୟ କିସ୍ତି ପ୍ରଦାନ କରିବାକୁ ବିଚାର କରାଯିବ ବୋଲି ମେମୋରାଣ୍ଡମରେ ଦର୍ଶାଯାଇଛି।




# କପିଳାସ ଉଦ୍ଧାର କେନ୍ଦ୍ରରେ ହାତୀ ମୃତ

- ୨ ମାସରେ ଗଲାଣି ୪ ଜୀବନ
- ଅଭିଜ୍ଞ ଚିକିତ୍ସକ, କର୍ମଚାରୀ ଅଭାବ

**ଢେଙ୍କାନାଳ,୧୪।୩(ରତନ ନାୟାର)**

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୨ଦିନ ତଳେ ଚିକିତ୍ସାଧୀନ ଅବସ୍ଥାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗତ ୨ ମାସ ମଧ୍ୟରେ ଏଠାରେ ଚିକିତ୍ସିତ ଅବସ୍ଥାରେ ୪ ହାତୀଙ୍କ ମୃତ୍ୟୁ ଘଟିବା ଉଦ୍‌ବେଗର ବିଷୟ ହୋଇଛି। କପିଳାସ ପ୍ରାଣୀ ଉଦ୍ୟାନରେ ୮ ହାତୀଙ୍କ ସମେତ ବିଭିନ୍ନ ପ୍ରଜାତିର ୨୫୦ରୁ ଅଧିକ ବନ୍ୟପ୍ରାଣୀ ଓ ପକ୍ଷୀ ରହୁଥିବା ବେଳେ ଅଭିଜ୍ଞ ଚିକିତ୍ସକ, କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯିବା ଏବଂ ସ୍ଥାୟୀ ଚିକିତ୍ସାକେନ୍ଦ୍ର ଖୋଲା ନ ଯିବା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଏପରିକି ହାତୀ ଚିକିତ୍ସା ସମ୍ପର୍କରେ କୌଣସି ସୂଚନା ପ୍ରଘଟ ନ କରିବା ପାଇଁ ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଉଚ୍ଚପଦସ୍ଥ ଅଧିକାରୀମାନେ ତାଗିଦ୍ କରିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗତ ୪ ତାରିଖରେ ହିନ୍ଦୋଳ ରେଞ୍ଜ ପଞ୍ଚପଡା ସଂରକ୍ଷିତ ଜଙ୍ଗଲରେ ଆହତ ଅବସ୍ଥାରେ ବୁଲୁଥିବା ୨୪ ବର୍ଷର ମାଈ ହାତୀକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା ପାଇଁ ଏକ ଟ୍ରକ୍ ମାଧ୍ୟମରେ କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ହାତୀଟିର ଦୁଇ ଗୋଡ଼ରେ ଗଭୀର କ୍ଷତ ଥିବା ଜଣାପଡିଥିଲା। ପ୍ରାୟ ଦେଢ଼ ସପ୍ତାହ ଧରି ଚିକିତ୍ସା କରାଯିବା ପରେ



ଶେଷରେ ହାତୀର ଜୀବନ ରକ୍ଷା କରାଯାଇପାରି ନ ଥିଲା। ଏଥିପୂର୍ବରୁ ଗତ ୫ ତାରିଖରେ ଢେଙ୍କାନାଳ ସଦର ରେଞ୍ଜ୍ ଲୋଚାପଲି ଗ୍ରାମରୁ ଅସୁସ୍ଥ ଅବସ୍ଥାରେ ଆସିଥିବା ୧୧ ବର୍ଷର ମାଈ ହାତୀର ମଧ୍ୟ ହାତୀ ଉଦ୍ଧାର କେନ୍ଦ୍ରରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ହାତୀଟିର କ୍ଷତ ଗୁରୁତର ଥିଲା। ବଞ୍ଚାଇବା ପାଇଁ ବହୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହେଲାନାହିଁ।

# ବ୍ରାହ୍ମଣୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ନିଖୋଜ

**ପରଜଙ୍ଗ,୧୪।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଗାଁ ସ୍ଥିତ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣଙ୍କ ହେଲେ ବାଲେଶ୍ୱରର ସନତ କୁମାର ମହାଳିକ। ସନତ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନର ବି.ଟେକ ଶେଷ ବର୍ଷର ଛାତ୍ର। ଗୁରୁବାର ଅପରାହ୍ନରେ କଲେଜ ପଛ ପାଖ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ଅସାବଧାନତା କାରଣରୁ ସେ ନଦୀର ଜଳସ୍ରୋତରେ ଭାସି ଯାଇଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।




# ବିଜେପୁର ଆସନ ଉପରେ ସଭିଙ୍କ ଆଖି

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନମଣ୍ଡଳୀ କୁହାଯାଉଥିବା ବରଗଡ଼ ଜିଲା ବିଜେପୁର ଆସନ ପ୍ରତି ଏବେ ସଭିଙ୍କ ଆଖି ରହିଛି। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଏହି ଆସନ ହାତେଇବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଭାଜପା-ବିଜେଡି ମେଣ୍ଟ ଚର୍ଚ୍ଚା ଉଭୟ ଦଳକୁ ଅଡୁଆରେ ପକାଇଛି। ଖୋଦ ମୁଖ୍ୟମନ୍ତ୍ରୀ ଏହି ଆସନକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଘୋଷଣା କରିସାରିଥିବାରୁ ମେଣ୍ଟ ହେଲେ ମଧ ଭାଗବଣ୍ଟାରେ ଏହି ଆସନକୁ ବିଜେଡି ଭାଜପା ହାତକୁ ଠେଲିଦେବ, ସେହି ଆଶା କ୍ଷୀଣ ରହିଛି। ମେଣ୍ଟ ହେଲେ, କଂଗ୍ରେସ ହିଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସାଜିବ ବୋଲି ସ୍ପଷ୍ଟ ଦେଖାଯାଉଛି। କିନ୍ତୁ ଆଗାମୀ ନିର୍ବାଚନରେ କଂଗ୍ରେସ ପୂର୍ବସ୍ଥିତିକୁ ଫେରିବା ପାଇଁ କେତେଦୂର ସଫଳ ହେବ, ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

ବିଜେପୁର ଆସନ କଂଗ୍ରେସର ଗଡ଼ ଥିଲା। ୧୯୯୫ ସାଧାରଣ ନିର୍ବାଚନରେ ସ୍ୱର୍ଗତ ରିପୁନାଥ ସେଠ ଏଠାରେ କଂଗ୍ରେସରୁ ଲଢ଼ି ବିଜୟୀ ହେବା ସହିତ ଶକ୍ତି, କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରିପୁନାଥ ୨୦୦୦ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଠାରୁ ସେ ପରାଜିତ ହୋଇଥିଲେ। ସେତେବେଳେ ବିଜେପୁର ଆସନ ମଧ୍ୟ କଂଗ୍ରେସ ହାତରୁ ବିଜେଡିକୁ ଚାଲିଯାଇଥିଲା ଏବଂ ତତ୍କାଳୀନ ବିଜେଡି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ବିଜୟୀ ହୋଇ ଦଳର ଖାତା ଖୋଲିଥିଲେ।

ଅପରପକ୍ଷେ ୨୦୦୪ରୁ ୨୦୧୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଆଉ କଂଗ୍ରେସ ସହିତ ସମକକ୍ଷ ହୋଇ ପାରି ନ ଥିଲା। ସେହି ୩ ସାଧାରଣ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ସୁବଳ ସାହୁ ବାଜିମାତ୍ କରିଥିଲେ। ସେ ନିର୍ବାଚନରେ ହ୍ୟାଟ୍ରିକ ବିଜୟ ହାସଲ ସହିତ ବିଜେଡିର ଆଗଧାଡ଼ିର ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ପରାଜିତ କରିଥିଲେ। ୨୦୧୮ରେ ସୁବଳଙ୍କ ଦେହାନ୍ତ ପରେ ହୋଇଥିବା ଉପନିର୍ବାଚନ ପୂର୍ବରୁ କଂଗ୍ରେସ ଦଖଲରେ ରହିଥିବା ବରପାଲି ଏନ୍ଏସିକୁ ବିଜେଡି ନିଜ ଦଖଲକୁ ନେବା ସହିତ ସୁବଳଙ୍କ ସ୍ତ୍ରୀ ରୀତାଙ୍କୁ ୨୦୧୮ ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଭାବେ ଛିଡ଼ା କରାଇ ବିଜୟର ସ୍ୱାଦ ଚାଖିଥିଲା। ଏହାର କିଛିମାସ ପରେ ୨୦୧୯ ସାଧାରଣ ନିର୍ବାଚନ ହୋଇଥିଲା। ନିର୍ବାଚନ ମଇଦାନକୁ ବିଜେଡି ରୀତାଙ୍କୁ ଛାଡ଼ି ନ ଥିଲା



ରୀତା ସାହୁ



ଅଭିଷେକ ସେଠ



ସନତ ଗଡ଼ତିଆ

ଏବଂ ନିଜର ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ଆସନରୁ ସେ ଇସ୍ତଫା ଦେବାରୁ ପୁଣିଥରେ ଉପନିର୍ବାଚନ ହୋଇଥିଲା ଏବଂ ସେଥିରେ ରେକର୍ଡ ସଂଖ୍ୟକ ଭୋଟ ପାଇ ରୀତା ପୁଣି ବିଧାୟିକା ନିର୍ବାଚିତ ହୋଇଥିଲେ। ଏପରିକି ରୀତାଙ୍କ ପ୍ରତି ଭରସା ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନିତ କରିଛନ୍ତି।

ଆଗକୁ ନିର୍ବାଚନ ଥିବା ବେଳେ ଦଳୀୟ କନ୍ଦଳ କାହାକୁ ଅଛପା ନାହିଁ। ବିରୋଧୀ ଦଳଙ୍କ ବିରୋଧ ନଜରକୁ ଆସୁ ନ ଥିବାବେଳେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିରେ ଚାଲିଥିବା ବିଦ୍ରୋହ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ବିଜେଡି ଆଶାୟୀ ତାଲିକାରେ ସଂଖ୍ୟା ବଢ଼ିଚାଲିଛି। ରୀତାଙ୍କ ସମେତ ଡ. ପ୍ରଭାସ ସିଂ, ନୀହାରିକା ଗିରି, କିଶୋର ଦେବତା, ଲାଲ ବିକ୍ରମ ସିଂ ଦେଓଙ୍କ ସମେତ ଅନେକ ଦଳୀୟ ଆଶାୟୀ ରହିଛନ୍ତି। ତେବେ ବିଜେଡି ବିଦ୍ରୋହକୁ ହାତଛଡ଼ା କରିବା ପାଇଁ ବିରୋଧୀ କଂଗ୍ରେସ ଓ ଭାଜପା ଚାହୁଁ ନ ଥିବା ଦେଖାଯାଉଛି।

ମନେପକାଇ ଦିଆଯାଇପାରେ ଯେ, ଉକ୍ତ ନିର୍ବାଚନମଣ୍ଡଳୀରେ କଂଗ୍ରେସର ୨ଟାଣୁଆ ନେତା ସ୍ୱର୍ଗତ ରିପୁନାଥ ସେଠ ଏବଂ ସ୍ୱର୍ଗତ ସୁବଳ ସାହୁଙ୍କ ବହୁତ ପ୍ରଭାବ ରହିଥିଲା। ସାହୁଙ୍କ ଦେହାନ୍ତ ଯୋଗୁ ସ୍ତ୍ରୀ ରୀତା ବିଜେଡିରେ ଯୋଗଦାନ କରିବା ପରେ ଦଳର ପୁରୁଖା ନେତା ସ୍ୱର୍ଗତ ସେଠଙ୍କ ପୁଅ ଅଭିଷେକଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସ ଏଠାରୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଛାଡ଼ିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପିତାଙ୍କ ପ୍ରେରଣାରୁ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିକୁ ଓହ୍ଲାଇଥିବା ଅଭିଷେକ ୨୦୧୯ରେ ଦଳର ଜିଲା ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାସହ ବିଜେପୁର ନିର୍ବାଚନମଣ୍ଡଳୀର ସ୍ଥାନୀୟ ସମସ୍ୟା ନେଇ ଅଞ୍ଚଳବାସୀଙ୍କ ସହିତ ସେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳିଛି। ତେବେ ଅଭିଷେକଙ୍କ ସହିତ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ଦିଲୀପ ପଣ୍ଡା ଏବଂ ଦୁଷ୍ମନ୍ତ ମେହେରଙ୍କ ସମେତ ଅନେକ ଆଶାୟୀ ଟିକେଟ ଦୌଡ଼ରେ ଅଛନ୍ତି।

ଭାଜପାରେ ଆଶାୟୀଙ୍କ ତାଲିକା ଆହୁରି ଲମ୍ବା। ସେମାନଙ୍କ ମଧ୍ୟରୁ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆ, ହଳପାଣି ମାଝି, ସୁରେନ୍ଦ୍ର ପାତ୍ର, ଝରଣା ପାଣିଗ୍ରାହୀ, ଡା. ସୁନୀଲ ଶର୍ମା, ଗୋବର୍ଦ୍ଧନ ଭୁଏ, ପ୍ରମୋଦ ଛତରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତାଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ଏହି ଆସନରେ ଏପର୍ଯ୍ୟନ୍ତ ଭାଜପା ଖାତା ଖୋଲିପାରି ନ ଥିବାବେଳେ କେଉଁ ଆଶାୟୀଙ୍କ ପ୍ରତି ଅଧିକ ଭରସା ରଖି ନିର୍ବାଚନୀ ମଇଦାନକୁ ଛାଡ଼ିବ, ପ୍ରାର୍ଥୀ ତାଲିକା ପ୍ରକାଶ ପରେ ତାହା ଜଣାପଡ଼ିବ।

## ନିର୍ବାଚନ ସାମଗ୍ରୀ ବିଷୟରେ ସମୀକ୍ଷାକଲେ ସିଇଓ




ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସାମଗ୍ରୀ ସଂକ୍ରାନ୍ତ ସମୀକ୍ଷା ବୈଠକ।

**ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)**

ଓଡ଼ିଶାରେ ଆଗାମୀ ନିର୍ବାଚନର ସୁପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ ଓ ମିହିର ମହାନ୍ତି ଏହି ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟର ସମସ୍ତ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଗଦେଇ ନିଜ ଜିଲାର ପ୍ରସ୍ତୁତି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ବୁଥ୍ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ସାମଗ୍ରୀ ଆବଶ୍ୟକ ହୋଇଥାଏ। ସେହି ସମସ୍ତ ସାମଗ୍ରୀ ଯେପରି ରାଜ୍ୟର ସବୁ ବୁଥ୍ ପାଇଁ ଉପଯୁକ୍ତ ଭାବେ ପ୍ରାପ୍ତ ହୋଇପାରିବ ସେସବୁ ବିଷୟରେ ସମୀକ୍ଷା କରାଯାଇଛି। ଭୋଟିଂ କମ୍ପାର୍ଟମେଣ୍ଟ, ବ୍ୟାକ୍ପେକ୍, ଏଲ୍ଇଡି ଲ୍ୟାମ୍ପ, ବାକ୍ସ, ଲୁହା ର୍ୟାକ୍, ଏକଜଷ୍ଟ ଫ୍ୟାନ୍, ସିଲ୍, କାଳି, କାର୍ବନ ପେପର, ଗୁଳିସୂତା, ପିନ୍, ମହମବତି, ଷ୍ଟାମ୍ପପ୍ୟାଡ୍ ଭଳି ବିଭିନ୍ନ ସାମଗ୍ରୀ ପ୍ରତିଟି ବୁଥ୍‌ରେ ବ୍ୟବହାର ହେବ। ଜିଲାସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜ୍ୟର ପ୍ରାୟ ଜିଲାଗୁଡ଼ିକରେ ଅତିରିକ୍ତ ଜିଲାପାଳମାନେ ଏହି ନିର୍ବାଚନ ସାମଗ୍ରୀଗୁଡ଼ିକର ନୋଡାଲ ଅଧିକାରୀ ରୂପେ କାର୍ଯ୍ୟ କରୁଛନ୍ତି। ଗୁରୁବାର ଅନୁଷ୍ଠିତ ହୋଇଥିବା ଆଭାସି ବୈଠକରେ ଏହି ସମସ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ବିଭିନ୍ନ ଜିଲାର ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ବିଭିନ୍ନ ଜିଲାରେ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସାମଗ୍ରୀର ବ୍ୟବହାର ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ସମସ୍ତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ଉକ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହେବେ। ଏହାଦ୍ୱାରା ସେମାନେ ବୁଥ୍ସ୍ତରରେ ସମସ୍ତ ସାମଗ୍ରୀର ସୁବ୍ୟବହାର କରିପାରିବେ। ଆସନ୍ତା ସାଧାରଣ ନିର୍ବାଚନକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ରୂପେ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ନୋଡାଲ ଅଫିସରଙ୍କ ସହ ଏ ସମସ୍ତ ବିଷୟରେ ସବିଶେଷ ଆଲୋଚନା କରିଛନ୍ତି।

## ଭାଜପାରେ ଭବାନୀପାଟଣା ପୂର୍ବତନ ବିଧାୟକ ଅନାମ ନାଏକ

**ଭବାନୀପାଟଣା,୧୪।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ ବିଜେଡି ଛାଡି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ସେ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ନାଏକ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୨୦୧୪ରୁ ୨୦୧୯ ଯାଏଁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ତାଙ୍କୁ ଟିକେଟ ନ ଦେଇ ତାଙ୍କ ସ୍ଥାନରେ କଂଗ୍ରେସରୁ ଆସିଥିବା ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କୁ ଟିକେଟ ଦେଇଥିଲା। ହେଲେ ବିଜେଡିରୁ ଛିଡା ହୋଇଥିବା ଦୁଷ୍ମନ୍ତ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କଠାରୁ ପରାଜିତ ହୋଇଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତନ ବିଧାୟକ ଅନାମ ଭିଜିଲାନ୍ସ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ଉପସ୍ଥିତିରେ ଅନାମ ନାଏକ ଓ ଅନ୍ୟମାନେ।

## ମନୀଷା, ଜଗଦାନନ୍ଦଙ୍କୁ ମୁଖପାତ୍ର ନିଯୁକ୍ତକଲା କଂଗ୍ରେସ

**ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନୂତନ ମୁଖପାତ୍ର ଭାବେ ଜଗଦାନନ୍ଦ ପ୍ରଧାନ ଓ ମନୀଷା ଦାସ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଜଗଦାନନ୍ଦ ଏବଂ ମନୀଷା ନିଜ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି ପିସିସି ସଭାପତି ଆଶା ପ୍ରକାଶ କରିଥିବା ଜଣାଇଛନ୍ତି।



## ସଂକ୍ଷେପରେ

### ପେନ୍‌ସନ୍ ଲାଗୁ ପାଇଁ ବିଡିଏ କର୍ମଚାରୀଙ୍କ ଦାବି

ଭୁବନେଶ୍ୱର,୧୪।୩(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିଭିନ୍ନ ବର୍ଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଅବସର ପରେ କୌଣସି ପେନ୍‌ସନ୍ ପାଉ ନାହାନ୍ତି। ଏହି ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକରେ ପେନ୍‌ସନ୍ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟରତ କର୍ମଚାରୀ ତଥା କର୍ମଚାରୀ ସଙ୍ଘ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରିଆସୁଛନ୍ତି। ହେଲେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର କିମ୍ବା ଉନ୍ନୟନ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଡିଏ କର୍ମଚାରୀ ୟୁନାଇଟେଡ୍ ଫୋରମର ଅଭିଯୋଗ ଅନୁସାରେ ଏହା ମଧ୍ୟରେ ବହୁ ଅବସରପ୍ରାପ୍ତ କର୍ମଚାରୀ ଆର୍ଥିକ ଦୁର୍ଦ୍ଦଶାକୁ ସହ୍ୟ କରି ନ ପାରି ମୃତ୍ୟୁବରଣ କରିସାରିଛନ୍ତି। ଉନ୍ନୟନ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ନିମନ୍ତେ ସରକାରୀ ପେନ୍‌ସନ୍‌ଯୋଜନା ଲାଗୁକରିବା ପାଇଁ ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପିସି-୧୮୫୫୯/୨୦୧୫ ରାଜ୍ୟ ସରକାର ଏବଂ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆଦେଶ ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକରେ କାର୍ଯ୍ୟକରୁଥିବା କର୍ମଚାରୀ ତଥା ସେମାନଙ୍କ ପରିବାରର ସୁରକ୍ଷା ପାଇଁ ସରକାରୀ ପେନସନ ଯୋଜନାକୁ ତୁରନ୍ତ ଲାଗୁ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

### ଶ୍ରୀମନ୍ଦିରରେ ପଡ଼ି ବୋଝିଆ ଆହତ

ପୁରୀ, ୧୪।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଗୁରୁବାର ଏକ ଅଘଟଣ ଘଟିଛି। ମହାପ୍ରସାଦ କାଢ଼ିବା ବେଳେ ଗୋଡ଼ ଖସିଯିବାରୁ ଜଣେ ବୋଝିଆ ଆହତ ହୋଇଛନ୍ତି। ତାଙ୍କ ନାମ ଦୁର୍ଗାଚରଣ ନାୟକ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବୋଝିଆ ନାୟକ ମହାପ୍ରସାଦ ବାହାର କରିବା ସମୟରେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ବିଦେଶ ମାଟିରେ ଚିତ୍ର ଆଙ୍କୁଛନ୍ତି ୧୫ ଜନଜାତି ଶିଳ୍ପୀ

### ଦୁବାଇରେ ଓଡ଼ିଶା ଜନଜାତି ଚିତ୍ରକଳା ଶିବିର ଆରମ୍ଭ

ଭୁବନେଶ୍ୱର,୧୪।୩(ଶର୍ମିଷ୍ଠା ପାଣିଗ୍ରାହୀ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦୁବାଇରେ ୩ଦିନିଆ ଓଡ଼ିଶା ଜନଜାତି ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୧୫ଜଣ ଜନଜାତି ଶିଳ୍ପୀ ଯୋଗଦେଇ ଆଦିବାସୀ ଜୀବନୀ ଓ ଚାଲିଚଳଣିକୁ ଚିତ୍ର ମାଧ୍ୟମରେ ଅବଗତ କରାଉଛନ୍ତି। ଭାରତର କନ୍‌ସଲ୍ ଜେନେରାଲ ସତିଶ କୁମାର ଶିବମ୍, ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମଥର ପାଇଁ ବିଦେଶ ମାଟିରେ ଦୁବାଇଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ପ୍ରଦର୍ଶନ କରିଥିବା ଶିଳ୍ପୀମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ସେମାନେ ହେଲେ ବିନୋଦିନୀ ସିଂହ, ସୁଜନ୍ତି ଏକା, ଇନ୍ଦିରା ଗମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରଓ୍ୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, ଜୁନେଶ ଗମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀ ଶବର, ସାମସନ୍ ଗମାଙ୍ଗ ଏବଂ ଅନିଲ କେରକେଟା। ଶିଳ୍ପୀମାନେ ହ୍ୟାଟ ପ୍ଲେସ ଦୁବାଇ ଅଲରିଗାଠାରେ ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ପରଜା, ହୋ ଓ କୋହ୍ଲ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି। ଏକାଡ଼େମୀ ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି।

# ସଫେଇ କର୍ମଚାରୀଙ୍କ ଦରମା ବଢ଼ିଲା



ଭୁବନେଶ୍ୱର,୧୪।୩(ଅନୁରାଧା ମହାରଣା)

ଦରମା ବୃଦ୍ଧି ସହ ୨ଦଫା ଦାବୀରେ ସଫେଇକର୍ମଚାରୀ ଦାବୀ କରିବା ସହ ଆନ୍ଦୋଳନ ଚଲାଇଥିଲେ। ମେୟରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ସଫେଇ କର୍ମଚାରୀ ଓହରିଥିଲେ। ତେବେ ଗୁରୁବାର ସଫେଇ କର୍ମଚାରୀଙ୍କ ଦରମା ୯ ହଜାରୁ ୧୩ ହଜାର ୫ଶହ କୁ ବୃଦ୍ଧି ପାଇଛି। ମାତ୍ର ଦ୍ୱିତୀୟ ଦାବୀରେ ଏବେ ବି ସଫେଇ କର୍ମଚାରୀ ଅଟଳ। ମହାନଗର ନିଗମାଞ୍ଚଳରୁ ଅଳିଆ ସଂଗ୍ରହ କରିବେ ମାତ୍ର ପୃଥକ କରିବେ ନାହିଁ ବୋଲି ସଫେଇ କର୍ମଚାରୀଙ୍କ ଦାବୀ ରହିଥିଲା।ସୂଚନା ଥାଉକି, ଆନ୍ଦୋଳନ ହେବା ପରେ ମେୟରଙ୍କ ବାସଭବନରେ ବୈଠକ ବସିଥିଲା। ଏହି ବୈଠକରେ ଉଭୟ ଦାବୀ ସମ୍ପର୍କରେ ଆଲୋଚନା ହୋଇଥିଲା। ୧୫ ହଜାର ଟଙ୍କା ଦରମା ପାଇଁ ଦାବୀ କରୁଥିଲେ ମଧ୍ୟ ବର୍ତ୍ତମାନ ବର୍ଦ୍ଧିତ ଦରମାରେ ସଫେଇ କର୍ମଚାରୀ ସନ୍ତୁଷ୍ଟ ଥିବାବେଳେ ବିଏମସି କମିଶନରଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି।

# କିଡ୍‌ନୀ ରୋଗ ପ୍ରତି ସତର୍କତା ରହିବା ଜରୁରୀ




ଭୁବନେଶ୍ୱର,୧୪।୩(ଶର୍ମିଷ୍ଠା ପାଣିଗ୍ରାହୀ)

### କିମ୍ସରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସେସ (କିମ୍ସ) ପକ୍ଷରୁ ଗୁରୁବାର ବିଶ୍ୱ କିଡନୀ ଦିବସ ପାଳିତ ହୋଇଯାଇଛି। କିଡନୀ ରୋଗ ସଂକ୍ରାନ୍ତରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ, କିସ୍ ଏବଂ କିମ୍ସର ଶତାଧିକ ଛାତ୍ରୀଛାତ୍ର, ଡାକ୍ତର, ପ୍ରଫେସର ଏବଂ ହସ୍ପିଟାଲ କର୍ମଚାରୀ ସାମିଲ ହୋଇଥିଲେ। ଚଳିତବର୍ଷ ଏହି ଦିବସର ବିଷୟ ବସ୍ତୁ ରହିଛି 'କିଡ୍‌ନୀ ହେଲଥ ଫର୍ ଅଲ'। ଏହି ଅବସରରେ କିମ୍ସ କଲେଜ ଅଧକ୍ଷ/ଡିନ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି ଯୋଗଦେଇ କହିଲେ, କିଡ୍‌ନୀ ରୋଗରେ ଥରେ ଆକ୍ରାନ୍ତ ହେଲେ ଏଥିରୁ ମୁକ୍ତି ପାଇବା କଷ୍ଟକର। ତେଣୁ ସମସ୍ତେ ଏଥିପ୍ରତି ସତର୍କ ହେବା ଜରୁରୀ। କିମ୍ସ ମେଡିକାଲ ଅଧୀକ୍ଷକ ପ୍ରଫେସର ରାମଚନ୍ଦ୍ର ଦାସ ଲୋକମାନେ କିପରି କିଡ୍‌ନୀ ରୋଗରେ ଆକ୍ରାନ୍ତ ନ ହେବେ ଓ ଏହାର ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ ସମସ୍ତଙ୍କ ମଧ୍ୟରେ ସଚେତନ ବୃଦ୍ଧି କରାଯିବା ନେଇ ଗୁରୁତ୍ୱାରୋପ କରିଥିଲେ। ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. ନିକୁଞ୍ଜ କିଶୋର ରାଉତ କହିଲେ, କିଡନୀ ରୋଗ ଏକ ଗମ୍ଭୀର ରୋଗ। ସମଗ୍ର ବିଶ୍ୱରେ ୮୫୦ ନିୟୁତ ଲୋକ ଏଥିରେ ଆକ୍ରାନ୍ତ। ଏଥିରେ ବାର୍ଷିକ ୩.୧ ନିୟୁତ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଠିକ୍ ସମୟରେ ଏହି ରୋଗ ନିରୂପଣ ଓ ଚିକିତ୍ସା ଆବଶ୍ୟକ ବୋଲି ସେ କହିଥିଲେ।

# ଅଙ୍ଗ, ଶରୀର ଦାନ କଲେ ୧୫ ମହିଳା

ପୁରୀ,୧୪।୩(ଅଜିତ୍ ମହାନ୍ତି)

ରକ୍ତଦାନ କ୍ଷେତ୍ରରେ ମହିଳାଙ୍କୁ ସଚେତନ କରାଇବା ଓ ସେମାନଙ୍କ ଭାଗିଦାରିତା ବଢ଼ାଇବା ପାଇଁ ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ମହିଳା ସପ୍ତାହ ପାଳନ ଅବସରରେ 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେହିପରି ଅଙ୍ଗ ଓ ଶରୀର ଦାନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ର ସହଯୋଗିତାରେ ଚକ୍ରତୀର୍ଥ ରୋଡସ୍ଥିତ ଷ୍ଟେଟ ବ୍ୟାଙ୍କ ହୋଲିଡେ ହୋମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସୌରଭ ରଥ, ଯୁବ ସେବାୟତ ହରେକୃଷ୍ଣ ସିଂହାରୀ ଓ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୧୫ ଜଣ ଅଙ୍ଗ ଓ ଶରୀର ଦାନ କରିଥିଲେ। ରକ୍ତଦାତାଙ୍କୁ ପ୍ରଶଂସାପତ୍ର, ଶରୀର ଓ ଅଙ୍ଗଦାନ କରିଥିବା ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

# ଡକାୟତି ଯୋଜନା, ୫ ଗିରଫ



ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)

ପଟିଆ ଷ୍ଟେଶନ ରୋଡ୍‌ସ୍ଥିତ ଖେଳପଡିଆ ଫାଟକ ନିକଟରେ ଡକାୟତି ପାଇଁ ଯୋଜନା ଚାଲିଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଚଢ଼ାଉ କରି ଏକ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରୋମି ନାୟକ, କାର୍ତ୍ତିକ ବେହେରା, ଜିତେନ୍ଦ୍ର ସାମଲ, ସେକ ଇସଲାମ ଓ କେ ଶିବାଜୀ। ସେମାନଙ୍କଠାରୁ ଖଣ୍ଡା, ଛୁରି, ଲଙ୍କାଗୁଣ୍ଡ, ରଡ ଆଦି ଜବତ ହୋଇଛି। ପଚରାଉଚରା ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଥିବା ବିଦେଶୀ ମଦ ଦୋକାନରୁ ଡକାୟତି କରିବାକୁ ଯୋଜନା କରୁଥିଲେ। ଏଥିସହ ଓ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କଠାରୁ ଲୁଟ୍‌ପାଟ କରିଥାନ୍ତେ। ସେମାନେ ମାରଣାସ୍ତ୍ର ପାଖରେ ରଖି ଖେଳପଡ଼ିଆରେ ଏକାଠି ହୋଇଥିବା ଖବର ପାଇବା ପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ତେବେ ଅଭିଯୁକ୍ତ କଦମଙ୍କ ନାମରେ ବିଭିନ୍ନ ଥାନାରେ ୪୮ରୁ ଅଧିକ ମାମଲା ରହିଥିବାବେଳେ ଅନ୍ୟମାନଙ୍କ ନାମରେ ମଧ୍ୟ ୧୭ଟି ମାମଲା ରହିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

# ବିଦଗ୍ଧ କବିଙ୍କ ଲେଖାରେ ରାଧାକୃଷ୍ଣଙ୍କ ପ୍ରେମ

ଭୁବନେଶ୍ୱର,୧୪।୩(ଶର୍ମିଷ୍ଠା ପାଣିଗ୍ରାହୀ)

### ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସ

ରାଧାକୃଷ୍ଣଙ୍କ ନାମ ଓ ପ୍ରେମର ମଧୁର ରସାମୃତ ପରିବେଷଣରେ ବିଚକ୍ଷଣ ଥିଲେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର। ଗୁରୁବାର ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ସୂଚନା ଭବନଠାରେ ତ୍ରିଦିବସୀୟ ଓଡିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସ 'ସିଂହାର ଶୃଙ୍ଗାର' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଓଡିଆ ସାହିତ୍ୟରେ ବିଦଗ୍ଧକବି ଅଭିମନ୍ୟୁଙ୍କ ସାଙ୍ଗୀତିକ-ଚମତ୍କାରିତା ଓ ଭାଷା- ବିନ୍ୟାସର ସ୍ୱତନ୍ତ୍ରତା ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଭାବେ ସୂଚନା-ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଅଭିମନ୍ୟୁ ସାହିତ୍ୟର ଆଧୁନିକ ପ୍ରାସଙ୍ଗିକତା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ବରେଣ୍ୟ ବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଞ୍ଜିତା ମିଶ୍ର ଉପସ୍ଥିତ ରହି ଅଭିମନ୍ୟୁ ସାହିତ୍ୟର ସମୃଦ୍ଧ ଦିଗଦିଗନ୍ତ ଉପରେ ସମୀକ୍ଷାତ୍ମକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. କୃଷ୍ଣକେଶବ ଷଡଙ୍ଗୀ ଅଭିମନ୍ୟୁ ରଚନାରେ ନାମ ଓ ପ୍ରେମ ଉପରେ ବିଶଦ ଆଲୋଚନା କରିଥିଲେ। ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ ମହାପାତ୍ର ମିନତି ଭଞ୍ଜ ଓ ମର୍ଦ୍ଦଳବାଦକ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଅଭିମନ୍ୟୁ ସଙ୍ଗୀତ ପରିବେଷିତ ହୋଇଥିଲା। ଅନୁଷ୍ଠାନର ସଦସ୍ୟ ପ୍ରସନ୍ନ କୁମାର ବେହେରା ସଙ୍ଗୀତ କାର୍ଯ୍ୟକ୍ରମକୁ ସଂଯୋଜିତ କରିଥିବା ବେଳେ ବରିଷ୍ଠ ସଦସ୍ୟ ପବିତ୍ର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଆଇଆର୍‌ବି, ଓଏସ୍‌ଏପି, ପିଏମ୍‌ଟି ଡ୍ରାଇଭର, ଏସ୍‌ଆଇ ଆଦି ପଦରେ ନିଯୁକ୍ତି ନୋଟିଫିକେଶନ ସହ ବିଭିନ୍ନ ଦାବି ନେଇ ଅନ୍‌ଏମ୍ପ୍ଲୟମେଣ୍ଟ ଆସୋସିଏଶନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋ।

# ଦୟା ନଦୀରୁ ବସ୍ତାରେ ବନ୍ଧା କଙ୍କାଳ ଉଦ୍ଧାର

ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଉପକଣ୍ଠ ଧଉଳୀ ଥାନା ଅନ୍ତର୍ଗତ ଖଟୁଆପଡା ନିକଟ ଦୟା ନଦୀରୁ ଏକ ଅଖା ବସ୍ତା ଭିତରୁ ଗୁରୁବାର ସକାଳେ କଙ୍କାଳ ଉଦ୍ଧାର ହୋଇଛି। ତେବେ ଉଦ୍ଧାର କଙ୍କାଳ ପୁରୁଷର ନା ମହିଳା ତାହା ଏଯାବତ ସ୍ପଷ୍ଟ ହୋଇନାହିଁ। କଙ୍କାଳ କେଉଁଠୁ ଆସିଲା ଏବଂ କିଭଳି ଆସିଲା ତାହା ମଧ୍ୟ ଜଣାପଡିନାହିଁ। ଖବର ପାଇ ଧଉଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଶି ବନ୍ଧା ହୋଇଥିବା ବସ୍ତା ଭିତରୁ କଙ୍କାଳ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବିଏମ୍‌ସି ମେଡିକାଲରେ ଅବ୍ୟବସ୍ଥା ଅଭିଯୋଗ




ପୁରୁଣା ଭୁବନେଶ୍ୱର,୧୪।୩(ସୁବାସ ଚନ୍ଦ୍ର ପ୍ରଧାନ)

ବିଏମ୍‌ସି ମେଡିକାଲରେ ଅବ୍ୟବସ୍ଥା ନେଇ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୧୫୬ଶଯ୍ୟା ବିଶିଷ୍ଟ ଏହି ମେଡିକାଲରେ ଡାକ୍ତର, ନର୍ସ ସମେତ ବିଭିନ୍ନ ପଦବୀ ଖାଲିପଡ଼ିବା ସହିତ ଏହା ୫୦ ଶଯ୍ୟାରେ ସୀମିତ ରହିଯାଇଛି। ବିଭିନ୍ନ ସମୟରେ ଉପକରଣ ଅଭାବ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମାଧାନ ହୋଇନାହିଁ। ସେହିଭଳି କଲେରା ୱାର୍ଡ ଭଙ୍ଗା ଯାଇ ସେଠାରେ ହୃଦରୋଗ ଉପଶମ ପାଇଁ ନିର୍ମାଣ ଦୀର୍ଘ ବର୍ଷ ହେବ ସରିଥିଲେ ମଧ୍ୟ ସେ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଯୋଗଦେଇଥିଲେ।

# ନୂଆ ରୂପ ନେବ ମୈତ୍ରୀବିହାର ଥାନା




ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)

### ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ

ନୂଆ ରୂପ ନେବ ଭୁବନେଶ୍ୱରର ମୈତ୍ରୀ ବିହାର ଥାନା। ଏହାର ନୂଆ କୋଠା ନିର୍ମାଣ ପାଇଁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ଅତିରିକ୍ତ ପୋଲିସ କମିଶନର ଅବିନାଶ କୁମାର,ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ । ଉଲ୍ଲେଖଯୋଗ୍ୟ, ୨୦୨୨ ନଭେମ୍ବର ୧୬ରେ ମୈତ୍ରୀବିହାର ଫାଣ୍ଡି ଥାନା ମାନ୍ୟତା ପାଇଥିଲା। ୨୦୨୩ ଜାନୁୟାରୀ ୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଥାନାକୁ ଉଦଘାଟନ କରିଥିଲେ।

# ୪୫ଟି ଦକ୍ଷତାରେ ପ୍ରତିଭା ଦେଖାଇଲେ ୭ଶହ ଛାତ୍ରୀଛାତ୍ର

### ଶେଷ ହେଲା ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା

ଭୁବନେଶ୍ୱର,୧୪।୩(ଅନୁରାଧା ମହାରଣା)



ଭୁବନେଶ୍ୱର ଓ କଟକର ୮ଟି କେନ୍ଦ୍ରରେ ଦୁଇଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ 'ଓଡ଼ିଶା ସ୍କିଲ୍ସ' ପ୍ରତିଯୋଗିତା ଶେଷ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ, ପଲିଟେକ୍‌ନିକ ଏବଂ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନର ୭୦୦ରୁ ଅଧିକ ଛାତ୍ରଛାତ୍ରୀ ମୋଟ ୪୫ଟି ଦକ୍ଷତାରେ ସେମାନଙ୍କ ପ୍ରତିଭା ଦେଖାଇଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର 'ଇଣ୍ଡିଆ ସ୍କିଲ୍ସ' ଏବଂ 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତାରେ ଦକ୍ଷତା ଦେଖାଇବା ଲାଗି ସୁଯୋଗ ପାଇବେ। ମାର୍ଚ୍ଚ ୧୨ରୁ ପ୍ରାରମ୍ଭିକ ପର୍ଯ୍ୟାୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଭାଗ ନେଇଥିବା ପ୍ରତିଯୋଗୀଙ୍କ ଭିତରୁ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଥିଲେ। ସେମାନଙ୍କୁ ନେଇ ଗୁରୁବାର ଫାଇନାଲ ରାଉଣ୍ଡ ପ୍ରତିଯୋଗିତା କରାଯାଇଥିଲା। ପ୍ରତି ବିଷୟରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଗୁରୁବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ସିଇଓ ରେଘୁ ଜି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକଙ୍କ ସହିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପ୍ରତିଯୋଗିତାର ପରିଚାଳନା ଅନୁଧ୍ୟାନ କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ଯୋଗ ଦେଇ ପ୍ରତିଯୋକ୍ତୁ ଉତ୍ସାହିତ କରିଥିଲେ।




୧୪।୩।୨୦୨୪

| | |
|---|---|
| ୩,୩୫,୨୩୨ ଟଙ୍କା | |
| ସୁନା | ୫.୬୦୦ ଗ୍ରାମ |
| ରୁପା | ୫.୨୦୦ ଗ୍ରାମ |

## ସଂକ୍ଷେପରେ

### ସିଆର୍‌ପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ

ଚାରିଛକ, ୧୪।୩(ଶିଶିର ସ୍ୱାଇଁ): ଆଗାମୀ ସାଧାରଣ ନିର୍ବାଚନରେ କଡ଼ା ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେନେଇ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଭୋଦର ଓ ତୁଳସୀପୁର ପଞ୍ଚାୟତ ସମେତ ଚାରିଛକ ବଜାରରେ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଇନ୍‌ସପେକ୍ଟର ଉଷାରାଣୀ, ଏଏସ୍‌ଆଇ ଉମାକାନ୍ତ ବିଶ୍ୱାଳ, ୪୫ ଜଣ ମହିଳା ଯବାନ ଏହି ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ଥିଲେ।

### ୩ ବସ୍ତିରେ ଶୌଚାଳୟ ନିର୍ମାଣ ପାଇଁ ଦାବି

ପୁରୀ, ୧୪।୩(ଅଜିତ୍ ମହାନ୍ତି)

ପୁରୀ ପୌରପାଳିକା ଅନ୍ତର୍ଗତ ହରଚଣ୍ଡୀ ବସ୍ତି, ବିଜୁନଗର ବସ୍ତି ଓ ତାରିଣୀ ବସ୍ତିର ବାସିନ୍ଦା ସେମାନଙ୍କ ବସ୍ତିରେ ଶୌଚାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ନେଇ ବସ୍ତିବାସିନ୍ଦା ଗୁରୁବାର ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ପେଣ୍ଟକଟା ଆଇଟିଆଇ ନିକଟରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ୩ଟି ବସ୍ତି ଗଢ଼ିଉଠିଛି। ଏଠାରେ ୭୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ତନ୍ମଧ୍ୟରେ ଦେଢ଼ ହଜାରରୁ ଅଧିକ ମହିଳା ଓ ଶିଶୁ ରହିଛନ୍ତି। କିନ୍ତୁ ଦୁଃଖର ବିଷୟ ଦୈନନ୍ଦିନ ଶୌଚ କାର୍ଯ୍ୟ ପାଇଁ ପଡ଼ିଆରେ ବାହ୍ୟ ମଳତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ବସ୍ତିର ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ଋତୁସ୍ରାବ ସମୟରେ ମହିଳାମାନଙ୍କୁ ଅଧିକ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ତେଣୁ ସମସ୍ୟାକୁ ଦୃଷ୍ଟିରେ ରଖି ଶୌଚାଳୟ ନିର୍ମାଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବସ୍ତିବାସିନ୍ଦା ଦାବି କରିଛନ୍ତି।

# ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

## ଅଞ୍ଜୁ ପ୍ରଧାନ, ରେଣୁ ବିଶ୍ୱାଳ ସମ୍ମାନିତ

ପୁରୀ, ୧୪।୩(ଅଜିତ ମହାନ୍ତି)


କାର୍ଯ୍ୟକ୍ରମରେ ଦୁଇଜଣ ମହିଳାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

ସାମାଜିକ ସଙ୍ଗଠନ 'ସୁଶ୍ରୀ' ଓ 'ଭବ୍ୟ ନାରୀଶକ୍ତି ଫାଉଣ୍ଡେଶନ୍'ର ମିଳିତ ଆନୁକୂଲ୍ୟରେ ସପ୍ତାହେବ୍ୟାପୀ ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ଉଦ୍‌ଯାପନୀ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସମାଜସେବୀ ବସନ୍ତ କୁମାର ମହାନ୍ତି ଏବଂ ସାଂସ୍କୃତିକ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସୁଶ୍ରୀ ଅନୁଷ୍ଠାନର ସମ୍ପାଦିକା ଅରୁଣିମା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ପୂର୍ବତନ ପୌର ସଦସ୍ୟା ଅଞ୍ଜୁ ପ୍ରଧାନ ଏବଂ ନାରୀଶକ୍ତି ସଭାନେତ୍ରୀ ରେଣୁ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ନୃତ୍ୟ, କୁଇଜ୍, ମ୍ୟୁଜିକ ଚେୟାର, କବିତାପାଠ ଆଦି ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କଳ୍ପନା ମୁଦୁଲି ଧନ୍ୟବାଦ ଦେଇଥିଲେ। ଲଲାଟେନ୍ଦୁ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରଚିତା ରାଉତରାୟ, ବିଚିତ୍ରା ମିଶ୍ର, କାଞ୍ଚନ ଶୁକ୍ଳା, ପଦ୍ମିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ମା' ଦକ୍ଷିଣକାଳୀ ଏବଂ ବେଲବାଇ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ। ଏଥିରେ ଅନେକ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ ।



ପୁରୀ ବସ୍ତି ଅଞ୍ଚଳରେ ଶୌଚାଳୟ ନିର୍ମାଣ ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବସ୍ତି ସୁରକ୍ଷା ମଞ୍ଚ ଏବଂ ତ୍ରିଶକ୍ତି ଉନ୍ନୟନ କମିଟିର ସଦସ୍ୟା ସଦସ୍ୟମାନେ ।

# ଅଙ୍ଗ, ଶରୀର ଦାନ କଲେ ୧୫ ମହିଳା


ଜଣେ ମହିଳାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି ।

ପୁରୀ, ୧୪।୩(ଅଜିତ୍ ମହାନ୍ତି)

## ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ କାର୍ଯ୍ୟକ୍ରମରେ ୫୦ ୟୁନିଟ ରକ୍ତ ସଂଗ୍ରହ

ରକ୍ତହୀନତା, କୁପୋଷଣ ତଥା ଗର୍ଭଧାରଣ ସମୟରେ ମହିଳାମାନଙ୍କ ରକ୍ତର ଆବଶ୍ୟକତା ଅଧିକ ଥାଏ। ତେଣୁ ରକ୍ତଦାନ କ୍ଷେତ୍ରରେ ମହିଳାଙ୍କୁ ସଚେତନ କରାଇବା ଓ ସେମାନଙ୍କ ଭାଗିଦାରିତା ବଢ଼ାଇବା ପାଇଁ ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ 'ଦି ବେଲ୍' ତରଫରୁ ମହିଳା ସପ୍ତାହ ପାଳନ ଅବସରରେ 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେହିପରି ଅଙ୍ଗ ଓ ଶରୀର ଦାନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ର ସହଯୋଗିତାରେ ଚକ୍ରତୀର୍ଥ ରୋଡସ୍ଥିତ ଷ୍ଟେଟ ବ୍ୟାଙ୍କ ହୋଲିଡେ ହୋମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସୌରଭ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସ୍‌ବିଆଇ ସର୍ବଦା ସାମାଜିକ କାର୍ଯ୍ୟରେ ନିଜ ସହଭାଗିତା ରଖିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ସେବାୟତ ହରେକୃଷ୍ଣ ସିଂହାରୀ ଓ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୧୫ ଜଣ ଅଙ୍ଗ ଓ ଶରୀର ଦାନ କରିଥିଲେ। ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଇନର ହୁଇଲ କ୍ଲବ ଶ୍ରୀକ୍ଷେତ୍ରର ସମ୍ପାଦିକା ରାଜଲକ୍ଷ୍ମୀ ଦାସ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଶରୀର ଓ ଅଙ୍ଗଦାନ କରିଥିବା ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତ ପଣ୍ଡା, ରାଜ କିଶୋର ପାତ୍ର, ବ୍ରଜ କିଶୋର ସାହୁ, ବନିତା ଦୀକ୍ଷିତ, ପାର୍ବତୀ ରାଭା, ପ୍ରୀତି ପ୍ରିୟଦର୍ଶିନୀ ସ୍ୱାଇଁ, ଅର୍ପିତା ନାୟକ, ବିଭୂତି ସାହୁ, ଦୀପା ସାହୁ, ସୁନିଲ ସ୍ୱାଇଁ, ରାହୁଲ ପଡ଼ିଆରୀ ଏବଂ ମିନତି ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବନ୍ଧୁମିଳନ

ଅସ୍ତରଙ୍ଗ, ୧୪।୩(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ନିକଟ ଗଙ୍ଗା ଦେବୀ ମନ୍ଦିର ପରିସରରେ ପଞ୍ଚାନନ ସ୍ୱାଇଁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପୁରୁଣା ପେନସନ ଲାଗୁ କରିବା, ଚିକିତ୍ସା ଭତ୍ତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପ୍ରଚଳନ, ସେବା ନିବୃତ୍ତ ଶିକ୍ଷକଙ୍କୁ ଅଗ୍ରାଧିକାର ଭିତ୍ତିରେ ସାମାଜିକ ସୁରକ୍ଷା, ମଙ୍ଗଳାଙ୍କ ପୀଠକୁ ମୋ ବସ୍ ଚଳାଚଳ ଓ ବରିଷ୍ଠ ନାଗରିକଙ୍କ ପାଇଁ ଅଧିକ ସ୍ଥାନ ସଂରକ୍ଷଣ ନେଇ ଆଲୋଚନା କରାଯାଇଥିଲା। ପ୍ରକାଶ ଚନ୍ଦ୍ର ଜେନା, ଭାଗ୍ୟଧର ପ୍ରଧାନ, ମାଧବ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକଙ୍କ ସମେତ ପୁରୀ, କଟକ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗର ବହୁ ଅବସରପ୍ରାପ୍ତ ଶିକ୍ଷକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଶାନ୍ତନୁ କୁମାର ପରିଡ଼ା, ସାଧୁ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅବସରପ୍ରାପ୍ତ ଶିକ୍ଷକମାନେ ।

# ଶିକ୍ଷକ ଅଭାବ ସମସ୍ୟା ନେଇ ସ୍କୁଲ ଫାଟକରେ ତାଲା

ସାକ୍ଷୀଗୋପାଳ, ୧୪।୩ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଅଳଗୁମ ମଧ୍ୟଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ଫଳରେ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେଉଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ ପ୍ରଧାନ ଓ ସଭ୍ୟ ବିକଶେନ୍ଦୁ କେସୋରି ଜେନାମଣି ଗୁରୁବାର ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏଥିଯୋଗୁ ଛାତ୍ରୀଛାତ୍ରମାନେ ସ୍କୁଲ ଗେଟ ସମ୍ମୁଖରେ ଦୀର୍ଘ ସମୟ ଛିଡ଼ା ହୋଇ ରହିଥିଲେ। ଖବର ପାଇ ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ କମିଟି ସହିତ ଆଲୋଚନା ନିମନ୍ତେ ସିଆର୍‌ସିସି ସନ୍ତୋଷ କୁମାର ସାହୁଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଆଲୋଚନା ପରେ ବ୍ଲକ ଶିକ୍ଷାଧିକାରୀ ପ୍ରଧାନ ଖୁବଶୀଘ୍ର ବିଦ୍ୟାଳୟର ଶିକ୍ଷକ ଅଭାବ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଫାଟକରୁ ତାଲା ଖୋଲାଯାଇଥିଲା ଓ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୨୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ୮ଶିକ୍ଷକଙ୍କ ଆବଶ୍ୟକତା ରହିଥିବାବେଳେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ଏ ନେଇ କମିଟି ସଦସ୍ୟ ଏବଂ ଅଭିଭାବକମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇ ନିରାଶ ହୋଇଥିଲେ।

## ଶ୍ରୀମନ୍ଦିରରେ ପଡ଼ି ବୋଝିଆ ଆହତ

ପୁରୀ, ୧୪।୩(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପରିସରରେ ଗୁରୁବାର ଏକ ଅଘଟଣ ଘଟିଛି। ମହାପ୍ରସାଦ କାଢ଼ିବା ବେଳେ ଗୋଡ଼ ଖସିଯିବାରୁ ଜଣେ ବୋଝିଆ ଆହତ ହୋଇଛନ୍ତି। ତାଙ୍କ ନାମ ଦୁର୍ଗାଚରଣ ନାୟକ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ବୋଝିଆ ନାୟକ ମହାପ୍ରସାଦ ବାହାର କରିବା ସମୟରେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ପୁରୀ ବଜାରରେ ନୂଆ ବାଇକ୍ 'ଏକ୍ସଟ୍ରିମ୍ ୧୨୫ ଆର୍'



ଏକ୍ସଟ୍ରିମ୍ ୧୨୫-ଆର୍ ବାଇକ୍‌ର ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି ।

ପୁରୀ, ୧୪।୩(ଅଜିତ୍ ମହାନ୍ତି):

ହିରୋ ମୋଟୋକର୍ପର ନୂଆ ବାଇକ୍ ଏକ୍ସଟ୍ରିମ୍ ୧୨୫-ଆର୍ ଗୁରୁବାର ପୁରୀ ବଜାରରେ ପ୍ରବେଶ କରିଛି। ଏଥିପାଇଁ ସ୍ଥାନୀୟ ଟାଉନ ହଲ୍ ଛକସ୍ଥିତ ହିରୋ ମୋଟୋକର୍ପର ଅଧିକୃତ ଶୋ'ରୁମ୍ ସଞ୍ଜୀବ ହିରୋ ପକ୍ଷରୁ ବେଳାଭୂମିରେ ସ୍ୱତନ୍ତ୍ର ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ ଯୋଗଦେଇ ଏହି ନୂଆ ବାଇକ୍‌କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶୋ'ରୁମ୍ ମ୍ୟାନେଜର ବିସ୍ମୟ ପରିଡ଼ା ଉପସ୍ଥିତ ଥିଲେ। ବାଇକ୍ ପ୍ରତି ଚାଳକଙ୍କ ଆଗ୍ରହକୁ ନଜରରେ ରଖି ହିରୋ ମୋଟକର୍ପ ଜବରଦସ୍ତ ଫିଚର ସହ 'ଏକ୍ସଟ୍ରିମ୍ ୧୨୫ ଆର୍'କୁ ବଜାରକୁ ଛାଡ଼ିଛି। ଏହାର ଡିଜାଇନ ବେଶ୍ ଆକର୍ଷଣୀୟ ଓ ସ୍ପୋର୍ଟି କ୍ୟାରେକ୍ଟର ଫ୍ୟୁଚରଷ୍ଟିକ୍ ଷ୍ଟ୍ରକ୍ଚର ଗ୍ରାହକଙ୍କୁ ପସନ୍ଦ ଆସିବ। ଏଥିରେ ବୃହତ୍ ଓ ଚଉଡ଼ା ଟାୟାର, କମ୍ପାକ୍ଟ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ରିଅର ମନୋଶକ୍, ୟୁଏସ୍‌ବି ଚାର୍ଜର, ଏଲ୍‌ସିଡି ଡିସ୍‌ପ୍ଲେ, ମୋବାଇଲ ଚାର୍ଜିଂ, ଏଲ୍‌ଇଡି ୱିଙ୍କର୍ସ ଡିଜାଇନ ଭଳି ବହୁ ଫିଚର ରହିଛି। ଏହା ୩ଟି ସ୍ପୋର୍ଟି ରଙ୍ଗ (ନୀଳ, କଳା ଓ ନାଲି)ରେ ଉପଲବ୍ଧ। ଏହାର ଏକ୍ସ ଶୋ ରୁମ୍ ମୂଲ୍ୟ ୯୮,୦୦୬ ଟଙ୍କା ରହିଛି। ଯୁବବର୍ଗଙ୍କ ମଧ୍ୟରେ ବାଇକ୍ ପ୍ରତି ଆଗ୍ରହ ବଢୁଛି। ବିଶେଷକରି ସେମାନେ ଯେଉଁଭଳି ବାଇକ୍ ପସନ୍ଦ କରିଥାନ୍ତି, ଏକ୍ସଟ୍ରିମ୍ ୧୨୫ ଆର୍ ସେହିଭଳି ଫିଚର୍ ସହ ବଜାରକୁ ଆସିଛି। ନିଶ୍ଚିତ ପୁରୀ ବଜାରରେ ଏହି ବାଇକ୍ ସମସ୍ତଙ୍କ ଆକର୍ଷଣ ରହିବ ବୋଲି ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ ମଲ୍ଲିକ କହିଛନ୍ତି।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲେ ଖବରଦାତା

କୋଣାର୍କ/ନିମାପଡ଼ା/ଗୋପ/କାକଟପୁର/ପିପିଲି, ୧୪।୩(ଜ୍ୟୋତିରାଜ ମହାନ୍ତି/ରଞ୍ଜନ ପଟ୍ଟନାୟକ/ ଭାରତୀ ଭୂଷଣ ଉପାଧ୍ୟାୟ/ଶୁଭଦର୍ଶନ ମିଶ୍ର/ଦୁର୍ଗାମାଧବ ମିଶ୍ର):




ପିପିଲି ପ୍ରେସ୍ କ୍ଲବ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି । ଗୋପ ସାମ୍ବାଦିକ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

ସାମ୍ବାଦିକ ସୁରକ୍ଷା ଆଇନ, ପେନ୍‌ସନ ବ୍ୟବସ୍ଥା ଲାଗୁ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଖବରଦାତାଙ୍କ ମାତାପିତାଙ୍କୁ ସାମିଲ କରାଯିବା, ବୀମାରାଶି ବୃଦ୍ଧି ଏବଂ ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ ଆଦି ୫ ଦଫା ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ସମେତ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଙ୍ଗଠନ ପକ୍ଷରୁ ଦୀର୍ଘବର୍ଷ ହେଲା ସରକାରଙ୍କୁ ଅବଗତ କରାଯିବା ସହ ଜିଲା ଓ ରାଜ୍ୟ ସ୍ତରରେ ଆନ୍ଦୋଳନ କରାଯାଇଥିଲା। ନିକଟରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରାଜ୍ୟର ଶତାଧିକ ଖବରଦାତା ପ୍ରତିବାଦ ସଭାରେ ଯୋଗଦେବା ସହ ଶୋଭାଯାତ୍ରାରେ ଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ସମ୍ପର୍କରେ ବିଚାର କରାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ସରକାର ଦାବି ପ୍ରତି ଅଣଦେଖା କରିବା ପ୍ରତିବାଦରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସହ ଅନୁବନ୍ଧିତ କୋଣାର୍କର ବିଭିନ୍ନ ଖବରଦାତା ସଙ୍ଗଠନର ସଦସ୍ୟମାନେ ଗୁରୁବାର ଠାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରଠାରେ ଆୟୋଜିତ ପ୍ରତିବାଦ ସଭାରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ପତି, ଖବରଦାତା ଧନଞ୍ଜୟ ବେହେରା, ଜ୍ୟୋତିରାଜ ମହାନ୍ତି, ମାନସ ରଞ୍ଜନ ପାତ୍ର, ମନୋରଞ୍ଜନ ପଣ୍ଡା, ଭାଗିରଥି ସ୍ୱାଇଁ, ନିରଞ୍ଜନ ବାରିକ, ଅଜିତ ମଲ୍ଲିକ, ସୁକାନ୍ତ ବିଶ୍ୱାଳ, ବିଚିତ୍ର ଓଝାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ବିଭିନ୍ନ କ୍ଷେତ୍ରରେ ସରକାରଙ୍କୁ ଅସହଯୋଗ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ସଭାପତି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ନିମାପଡ଼ା ପ୍ରେସ୍ କ୍ଲବ ସମ୍ପାଦକ ରାଜ କିଶୋର ଦାଶ, ଖବରଦାତା ଶକ୍ତି ପ୍ରସାଦ ରଥ, ବିଭୂତି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର କର, ରମାକାନ୍ତ ବେହେରା, ପ୍ରତାପ ପଣ୍ଡା, ପ୍ରଦ୍ୟୁମ୍ନ ବେହେରା, ବିରଞ୍ଜନ ମଲ୍ଲିକ, ବିଶ୍ୱଜିତ ମିଶ୍ର, ଅଜିତ କୁମାର ସାହୁ, ବିବେକାନନ୍ଦ ସେଠୀ ଏବଂ ନଳିନୀକାନ୍ତ ପରିଡ଼ା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଗୋପ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। ଏହି ସମୟରେ ସୁବାସ ଚନ୍ଦ୍ର ସେନାପତି, ସନ୍ତୋଷ କୁମାର ରାୟ, ଅଜୟ କୁମାର ନାୟକ, ପ୍ରଶାନ୍ତ କୁମାର ରାୟ, ମିଲନ କୁମାର ମହାନ୍ତି, ଭାରତୀ ଭୂଷଣ ଉପାଧ୍ୟାୟ, ସୁରେଶ ଚନ୍ଦ୍ର ସାହୁ, ରଶ୍ମିରଞ୍ଜନ ବେହେରା, ସୁକାନ୍ତ କୁମାର ସାହୁ, ଶତ୍ରୁଘ୍ନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ସଂଘ ପକ୍ଷରୁ ଗୋପରୁ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ। ସେହିପରି କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ନେତୃତ୍ୱରେ ଖବରଦାତାମାନେ ଥାନା ସମ୍ମୁଖରେ ନୀରବ ପ୍ରତିବାଦ କରିଥିଲେ। ଏଥିରେ ତୁଷାର ରଞ୍ଜନ ଦୀକ୍ଷିତ, ଆଦିତ୍ୟ କୁମାର ରାଉତ, ମାନସ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ରୁପେଶ ସାହୁ, ଚିନ୍ମୟ ପଲେଇ, ଆଦିତ୍ୟ ରାଉତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ପ୍ରଭାସ ପୃଷ୍ଟି, ପ୍ରଶାନ୍ତ ଜେନା, ଶୁଭଦର୍ଶନ ମିଶ୍ର ଏବଂ ଭାଗବତ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ପିପିଲି ପ୍ରେସ୍ କ୍ଲବ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଖବରଦାତାମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଏଥିରେ ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଉତ୍କଳମଣି ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବିଜୟ କୁମାର ମହାପାତ୍ର, ଖବରଦାତା ହେମନ୍ତ କୁମାର ସେଠୀ, ପ୍ରଫୁଲ୍ଲ କୁମାର ସାହୁ, ଜ୍ୟୋତିରଞ୍ଜନ ବେହେରା, ଶଙ୍କର୍ଷଣ ପ୍ରଧାନ, ଚିତ୍ତରଞ୍ଜନ ଜେନା, ସମୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

## ବିଭିନ୍ନ ବ୍ଲକରେ ବିଡିଓଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ


କୋଣାର୍କଠାରେ ଖବରଦାତାମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରୁଛନ୍ତି ।



କାକଟପୁର ଥାନା ସମ୍ମୁଖରେ ଖବରଦାତାମାନଙ୍କ ପ୍ରତିବାଦ ଆନ୍ଦୋଳନ ।


ନିମାପଡା ପ୍ରେସ୍ କ୍ଲବ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି ।

# ସଚେତନତା ଦ୍ୱାରା କିଡ୍ନୀ ରୋଗ ରୋକିହେବ

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶନୀ)

ଏସ୍‌ସିବି ମେଡିକାଲ ନେଫ୍ରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ କିଡ୍ନୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ୱାକାଥନ ଅନୁଷ୍ଠିତ ହୋଇଥିଲା। କିଡ୍ନୀ ରୋଗର ଉନ୍ନତମାନର ଚିକିତ୍ସା ଉପଲବ୍ଧ କରାଇବା ପାଇଁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ବିଭାଗ ପକ୍ଷରୁ ଏସ୍‌ସିବି ମେଡିକାଲ ପୁରାତନ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇ କହିଛନ୍ତି, ବିଶ୍ୱରେ ପ୍ରତି ୧୦ଜଣରେ ଜଣେ କିଡ୍ନୀ ରୋଗୀ ଚିହ୍ନଟ ହେଉଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ସମସ୍ତଙ୍କ ପାଇଁ ଚିନ୍ତାଜନକ ପାଲଟିଛି। ତେବେ ଏସ୍‌ସିବି ମେଡିକାଲରେ ଏହି ରୋଗର ସଫଳ ମୁକାବିଲା କରାଯାଉଛି। ଏହାସହ ଚିକିତ୍ସା ସେବା ମାଗଣାରେ ଯୋଗାଇ


ବିଶ୍ୱ କିଡ୍ନୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବିଶ୍ୱ କିଡ୍ନୀ ଦିବସ

ଦିଆଯାଉଛି। ଏହି ରୋଗ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ। ଅନିୟମିତ ଖାଦ୍ୟ ଗ୍ରହଣ, ପେନ୍‌କିଲର ସେବନ, କମ୍ ପାଣି ପିଇବା ଦ୍ୱାରା ଏହି ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ। ତେବେ ସଚେତନତା ଦ୍ୱାରା କିଡ୍ନୀ ରୋଗ ରୋକି ହେବ ବୋଲି ମିଶ୍ର କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି, ପ୍ରଫେସର ସତ୍ୟନାରାୟଣ ରାଉତରାୟ, ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ ପଣ୍ଡା, ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଅଶୋକ ମଲ୍ଲିକ, ପ୍ରଫେସର ସଞ୍ଜୟ ଚୌଧୁରୀ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ଖାଦ୍ୟ ପ୍ରତି ସଚେତନ ରହିବା, ଚିନ୍ତା ଓ ନିଶାମୁକ୍ତ ରହିବା ସହ ବ୍ୟାୟାମ କରିବା ଓ ମୂତ୍ର ପରୀକ୍ଷା କରାଇବା ଜରୁରୀ। ଏହାଦ୍ୱାରା କିଡ୍ନୀ ରୋଗଠାରୁ ଦୂରେଇ ରହି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ସମସ୍ତ ଡାକ୍ତର, କର୍ମଚାରୀ, ସେବିକା ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାର୍ ଓଲଟିଲା, ବର୍ତ୍ତିଲେ ଚାଳକ

କଟକ,୧୪।୩ (କାର୍ତ୍ତିକ ସାହୁ)

କଟକ ଶେଖ୍‌ବଜାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ ଜଗତପୁର ଥାନା ଅଧୀନ ନାନକାର ଅଞ୍ଚଳର ଚନ୍ଦନ ବରାଳ(୨୫) ଅଳ୍ପକେ ବର୍ତ୍ତିଯାଇଛନ୍ତି। ଲାଲବାଗ ପୋଲିସ ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଶେଖ୍‌ବଜାର ଅଞ୍ଚଳରେ ଚନ୍ଦନଙ୍କର ଜଣେ ସମ୍ପର୍କୀୟ ରହନ୍ତି। ସେହି ସମ୍ପର୍କୀୟଙ୍କ ପରିବାରର ଅନୁଷ୍ଠିତ ଶୁଦ୍ଧି କାମରେ ଯୋଗଦେବାକୁ ଚନ୍ଦନ ନିଜ କାର୍‌ରେ ବୁଧବାର ଆସିଥିଲେ। କାମ ସାରି ରାତିପ୍ରାୟ ସାଢ଼େ ୩ଟାରେ ସେ ଘରକୁ ଫେରୁଥିଲେ। ଶେଖ୍‌ବଜାର ଦୁର୍ଗା ଘର ନିକଟରେ ତାଙ୍କ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଏକ ଘର ବାରଣ୍ଡାକୁ ଚଢ଼ି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ମଝିରାସ୍ତାରେ ଓଲଟିପଡ଼ିଥିଲା। ଲାଲବାଗ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଚନ୍ଦନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଚନ୍ଦନ ସାମାନ୍ୟ ଆହତ ହୋଇଥିବା ପୋଲିସ କହିଛି।

### ଶିବିରରେ ୨୮୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଚୌଦ୍ୱାର,୧୪।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ବଡବଜାରସ୍ଥିତ ସତ୍ୟନାରାୟଣ ପୂଜା ମଣ୍ଡପରେ ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ପବ୍ଲିକ ୱେଲ୍‌ଫେୟାର୍ ସୋସାଇଟିର ସହଯୋଗରେ ଆୟୋଜିତ ଶିବିରକୁ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଏବଂ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ୨୮୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫାଉଣ୍ଡେଶନ ତରଫରୁ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ା ପ୍ରମୁଖଙ୍କ ସମେତ ବହୁ କାଉନସିଲର ଓ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଇମ୍ଫାର ଲୋକ ସମ୍ପର୍କ ଉପ ସାଧାରଣ ପ୍ରଶାସକ ଧ୍ରୁବ ଚରଣ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଧାରଣ ପ୍ରଶାସକ ଜି. ଶାରଦା ପ୍ରସାଦ ରାଓ, ମାନସ ରଞ୍ଜନ ପ୍ରଧାନ, ଲଲାଟ କେଶରୀ ମହାପାତ୍ର, ଅମିୟ ରଞ୍ଜନ ନାୟକ,ମାନସ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପବ୍ଲିକ ୱେଲଫେୟାର ସୋସାଇଟି ସଭାପତି ବିଷ୍ଣୁ ଚରଣ ସାହୁ, ଶିବ ଶଙ୍କର ସାହୁ, ସୁକାନ୍ତ ତରାଇ, ସୁଶାନ୍ତ କୁମାର ଦଳାଇ, ବିକ୍ରମ ସ୍ୱାଇଁ, ଅଜିତ୍ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କଟକ ବକ୍ସିବଜାର ରୋଡ୍ ବକ୍ସ ଡ୍ରେନ୍ ପାର୍ଶ୍ୱରୁ ଗୁରୁବାର ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

## ନାବାଳିକା ଅସଦାଚରଣ ମାମଲା

କଟକ,୧୪।୩ (କାର୍ତ୍ତିକ ସାହୁ)

ଜଗତପୁର ଥାନା ଅଞ୍ଚଳରେ ୨୦୨୨ରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅଭିଯୁକ୍ତ ସନିଆ ସିଂ (୩୫)ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ କୋର୍ଟ ପୀଡିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ଘର ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁରରେ ହୋଇଥିବାବେଳେ ସେ ଜଗତପୁର ତାଳବଣିଆ ମୁଣ୍ଡାସାହିରେ ରହୁଥିଲେ। ୨୦୨୨ ଅକ୍ଟୋବର ୧୭ରେ ଅଭିଯୁକ୍ତ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଜଗତପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅକ୍ଟୋବର ୨୨ ତାରିଖରେ ଗିରଫ କରିଥିଲା। ପୋଲିସ ୨୦୨୨ ନଭେମ୍ବର ୯ରେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ସେହିପରି ଅଭିଯୁକ୍ତଙ୍କ ବିରୋଧରେ ୨୦୨୩ ମାର୍ଚ୍ଚ ୩ରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା। ୭ ଜଣଙ୍କ ସାକ୍ଷ୍ୟ ଓ ୧୪ଟି ପ୍ରାମାଣିକ ତଥ୍ୟକୁ ଆଧାର କରି କୋର୍ଟ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ନିର୍ବାଚନ ପରିଚାଳନା ପାଇଁ ତାଲିମ

କଟକ,୧୪।୩ (କାର୍ତ୍ତିକ ସାହୁ)

ଆସନ୍ତା ସାଧାରଣ ନିର୍ବାଚନ ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ତାଲିମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ୍ ଭରଦ୍ୱାଜ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜାତୀୟସ୍ତରୀୟ ମାଷ୍ଟର ପ୍ରଶିକ୍ଷକ ଭାବେ ଡିଟିଇଟିର ଯୁଗ୍ମ ନିର୍ଦ୍ଦେଶିକା ସଞ୍ଜୀବିତା ରାୟ ଏବଂ ସିଏମ୍‌ସିର ଯୁଗ୍ମ ଆୟୁକ୍ତ ଇପ୍‌ସିତା ମିଶ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ୨୦୦ ଜଣ ରିସୋର୍ସ ପର୍ସନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ପ୍ରଶିକ୍ଷଣ ସହ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ବର୍ଗରେ ରିସୋର୍ସ ବ୍ୟକ୍ତି, ମାଷ୍ଟର ପ୍ରଶିକ୍ଷକ, ପୋଲିଂ ଅଧିକାରୀଙ୍କ ସମେତ ନିର୍ବାଚନ ପରିଚାଳନା ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମହାନଗର ନିଗମ ଅଞ୍ଚଳ ସମେତ ବିଭିନ୍ନ ବ୍ଲକର ୫୯ଟି ସ୍ଥାନରେ ମାଷ୍ଟର ପ୍ରଶିକ୍ଷକଙ୍କ ଦ୍ୱାରା ପୋଲିଂ ତଥା ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୋଟ ୧୬,୪୦୦ ଜଣଙ୍କୁ ଏହି ପ୍ରଶିକ୍ଷଣ ସହ ଇଭିଏମ୍ ପରିଚାଳନା ପାଇଁ ତାଲିମ ପ୍ରଦାନ କରାଯାଉଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଚାଲିବ।

# ମାଗଣା ବିଜୁଳି ଯୋଗାଣ ଦାବିରେ ବିକ୍ଷୋଭ

କଟକ,୧୪।୩ (କାର୍ତ୍ତିକ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲା କମିଟି ପକ୍ଷରୁ ସମ୍ଭାବିତ ବିଜୁଳି ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଣ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, ଲୋଭୋଲ୍‌ଟେଜ ସମସ୍ୟାର ସମାଧାନ ଦାବିରେ ବାଦାମବାଡି ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଧାରଣା ଓ ବିକ୍ଷୋଭ ଗୁରୁବାର ପ୍ରଦର୍ଶନ କରାଯାଇଛି। ସେଠାରୁ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇ ଟିପିସିଏଓଡିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଟିପିସିଏଓଡିଲ ସୁପରିଣ୍ଟେଣ୍ଡେଣ୍ଟ ବିକ୍ଷୋଭକାରୀଙ୍କ ନିକଟକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ବିନୋଦ ବେହେରା, ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ, ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ୮୯ ପରିବାରକୁ ସ୍ଥାୟୀ ଘରପଟ୍ଟା ମିଳିଲା

ଚୌଦ୍ୱାର,୧୪।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୦ ନମ୍ବର ୱାର୍ଡ ଲେବର ଟେନାମେଣ୍ଟ ଅଞ୍ଚଳର ୮୯ ପରିବାରକୁ ସ୍ଥାୟୀ ଘରପଟ୍ଟା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ କ୍ଲବ୍ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ହିତାଧିକାରୀଙ୍କୁ ସ୍ଥାୟୀ ଘର ପଟ୍ଟା ବଣ୍ଟନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ନିଳାମ୍ବର ବିଶାଲ, ଜୁଡାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ଆଶୁତୋଷ ଦାସ, ରାଜସ୍ୱ ବିଭାଗର ବହୁ ପଦାଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ବସ୍ତିବାସିନ୍ଦାଙ୍କୁ ଉଦ୍‌ବୋଧନ ଦେଇଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଚୌଦ୍ୱାରସ୍ଥିତ ଲେବର ଟେନାମେଣ୍ଟରେ ମୋଟ୍ ୨୨୮ ପରିବାର ସରକାରଙ୍କ ଦ୍ୱାରା ନିର୍ମିତ କ୍ୱାର୍ଟର୍ସଗୁଡ଼ିକରେ ଦୀର୍ଘବର୍ଷ ହେବ ରହି ଆସୁଛନ୍ତି। ସେମାନେ ରହୁଥିବା ଘରର ପଟ୍ଟା ସେମାନଙ୍କ ନାମରେ କରିବା ପାଇଁ ଦୀର୍ଘଦିନ ହେଲା ଦାବି ହେଉଥିଲା। ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦ ତରଫରୁ ଏ ସମ୍ପର୍କିତ ଦାବିପତ୍ର ବିଭିନ୍ନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୧୬ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ୧୧୬ ପରିବାର ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିବା ସହିତ ଘର ପାଇଁ ଧାର୍ଯ୍ୟ ଖଜଣା ଦେଇ ପାଉତି ହାସଲ କରିଥିଲେ। ବାକି ରହିଯାଇଥିବା ପରିବାରକୁ ଖୁବ୍‌ଶୀଘ୍ର ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ ବୋଲି ପୌର ଉପାଧ୍ୟକ୍ଷ ସାମଲ କହିଛନ୍ତି।

# ସୁନା ଦୋଳ ବିମାନରେ ପୂଜା ପାଇବେ ଠାକୁର



କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

## କଟକରେ ପ୍ରଥମ

■ପ୍ରଥମ ପର୍ଯ୍ୟାୟରେ ଲାଗିଛି ୨.୫ କେଜିର ସୁନା

ଚଳିତବର୍ଷ କଟକ କାଠଗଡ଼ା ସାହିଠାରେ ପ୍ରଥମଥର ପାଇଁ ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି ପକ୍ଷରୁ ଦୋଳ ବିମାନକୁ ସୁନା ଅଳଙ୍କାରରେ ସଜ୍ଜିତ କରାଯାଉଛି। କଟକ ଅଥବା ଓଡ଼ିଶାରେ ପ୍ରଥମଥର ପାଇଁ କମିଟି ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି। ପ୍ରାୟ ୩ ମାସ ହେବ ଏହି କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ୨.୫ କେଜି ସୁନା ଅଳଙ୍କାର ଏଥିରେ ଲଗାଯାଇଛି। ଏହାର ମୂଲ୍ୟ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ, ଯାହାକି ବିମାନର ୭୦%କୁ ଅଳଙ୍କୃତ କରାଯାଇଛି। ଏନେଇ ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି କାଠଗଡ଼ା ସାହିର ଯୁବକ ସଂଘ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା କହିଛନ୍ତି, ଉକ୍ତ ବିମାନକୁ ସମ୍ପୂର୍ଣ୍ଣ ଭାବେ ସୁନାରେ କରିବାକୁ ମୁରବିମାନେ ନିଷ୍ପତ୍ତି ନେଇଥିଲେ। ଏଥିରେ ସମୁଦାୟ ୪ କେଜି ସୁନା ବ୍ୟବହାର କରାଯିବ। ଅଲିଶାବଜାର ଅଞ୍ଚଳର କାରିଗର ପ୍ରଦୀପ କୁମାର ପୃଷ୍ଟି ଏହି କାମ କରୁଛନ୍ତି। ଚଳିତବର୍ଷ ସମୟ କମ୍ ଥିବାରୁ ଏହି ସୁନା ବିମାନର ୭୦% କାମ ସରିଛି। ଆସନ୍ତାବର୍ଷ ଏହି ସୁନା ବିମାନର କାମ ଶେଷ ହେବା ପରେ ଏହାକୁ ଉଦ୍‌ଘାଟନ କରାଯିବ। ତେବେ ଦୋଳପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଆସନ୍ତା ୧୮ ତାରିଖରେ ସୁନା ଅଳଙ୍କାର ବିମାନରେ ଖଞ୍ଜା ଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାସହ ୨୨ ଓ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୩ ଦିନ ଲେଖାଏଁ ହେବାକୁ ଥିବା ଦୋଳ ମେଳଣରେ ଏହି ବିମାନ ସାମିଲ ହେବ। ତେଣୁ ଏହାର ସୁରକ୍ଷା ପାଇଁ କମିଟିର ମୁରବିମାନେ ଡିସିପି କନଓ୍ୱର ବିଶାଲ ସିଂଙ୍କ ସହ ଆଲୋଚନା କରିଛନ୍ତି। ମେଳଣ ସମୟରେ ପୋଲିସ ମୁତୟନ କରାଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ଓଝା କହିଛନ୍ତି।

## ଲକ୍ଷେଶ୍ୱର ମନ୍ଦିରର ଉନ୍ନତୀକରଣ କରାଯାଉ

ଫୁଲନଖରା,୧୪।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ଫୁଲନଖରାଠାରେ ବହୁ ପୁରାତନ ଲକ୍ଷେଶ୍ୱର ମନ୍ଦିର ରହିଛି। ଏଠାରେ ଠାକୁରଙ୍କର ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଇଥାଏ। ବିଶେଷକରି ବର୍ଷକର ବିଭିନ୍ନ ସମୟରେ ଏଠାରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥାଏ। ହେଲେ ପରିତାପର ବିଷୟ, ଏହି ମନ୍ଦିରର ଉନ୍ନତୀକରଣ କରାଯାଇନାହିଁ। ଏହାକୁ ନେଇ ଭକ୍ତ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ମନ୍ଦିରର ମୁଖଶାଳା, ମୁଖ୍ୟରାସ୍ତା, ଭୋଜନ ମଣ୍ଡପ, ଗାଡି ପାର୍କିଂ, ଯାତ୍ରୀ ନିବାସ, ପୁଷ୍କରିଣୀ, ଶୌଚାଳୟ, ସାଧୁସନ୍ଥଙ୍କ ପାଇଁ ଅତିଥି ଭବନ, ପୂଜକଙ୍କ ନିମନ୍ତେ ବିଶ୍ରାମାଗାର ଓ ପାର୍କର ପାରିପାର୍ଶ୍ୱିକ ଉନ୍ନତୀକରଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସାମାଜିକ ଅନୁଷ୍ଠାନ ସହଯୋଗ ଓଡ଼ିଶା ସଙ୍ଗଠନର ପ୍ରତିଷ୍ଠାତା ତଥା ସଭାପତି ଗଣେଶ ପ୍ରସାଦ ଦାଶ ଏ ନେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଦାବିପତ୍ର ପ୍ରଦାନ କରି ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି।

# କଟକ ଜିଲାର ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟିତ


କଟକ ଜିଲା ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

କଟକ,୧୪।୩ (କାର୍ତ୍ତିକ ସାହୁ)

କଟକ ଜିଲାର ନୂତନ ୱେବ୍‌ସାଇଟ୍ https://cuttack.odisha.gov.in ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ୩୦ଟି ଜିଲା ନିମନ୍ତେ ନୂତନ ୱେବ୍‌ସାଇଟ ଉଦ୍‌ଘାଟନ କରି ଏହା ଇ-ଗଭର୍ନାନସ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ ବୋଲି କହିଛନ୍ତି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ ସେଣ୍ଟର ଓକାକ୍ ଦ୍ୱାରା ବିକଶିତ ଏହି ୱେବ୍‌ସାଇଟ୍ ରାଜ୍ୟ ସରକାରଙ୍କ ୫-ଟି ରୂପାନ୍ତରିକରଣ ପଦକ୍ଷେପର ଅଂଶବିଶେଷ। ୱେବ୍‌ସାଇଟ୍‌କୁ ଜନସାଧାରଣଙ୍କ ସହଜ ବ୍ୟବହାର ନିମନ୍ତେ ଉପଯୋଗୀ କରାଯାଇଛି। ଏହା ସରକାରଙ୍କ ସ୍ୱଚ୍ଛତା ଓ ଦକ୍ଷତାକୁ ଅଧିକ ସଶକ୍ତ କରିବା ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଜିଲାପାଳମାନଙ୍କର ପ୍ରଶଂସା କରିଥିଲେ। ହାଇସ୍କୁଲ ରୂପାନ୍ତରୀକରଣଠାରୁ ଆରମ୍ଭ କରି ମୋ କଲେଜ୍, ନୂଆ-ଓ, ଆମ ହସ୍ପିଟାଲ, ଲକ୍ଷ୍ମୀ ବସ୍ ସେବା ଓ ଧାର୍ମିକ ପୀଠଗୁଡ଼ିକର ଉନ୍ନତୀକରଣ ଭଳି କାର୍ଯ୍ୟ ଜିଲାଗୁଡ଼ିକରେ ଖୁବ୍ ସଫଳତାର ସହ ଆଗେଇନେବାରେ ଜିଲାପାଳ ଓ ଅଧିକାରୀମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିବା ପାଣ୍ଡିଆନ୍ କହିଛନ୍ତି। କଟକ ଜିଲାପାଳଙ୍କ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଭାସି ସମ୍ମିଳନୀରେ ଜିଲାପାଳ ବିନୀତ୍ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସୂଚନା ବିଜ୍ଞାନ ଅଧିକାରୀ (ଏନ୍‌ଆଇସି) ଇତିଶ୍ରୀ ନନ୍ଦଙ୍କ ସମେତ ଏନ୍‌ଆଇସିର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୪ ଦିନ ପରେ ଅଭିଯୁକ୍ତ ଗିରଫ, ୪ ଫେରାର

## ଗୀତିକାରଙ୍କୁ ଅପହରଣ ପରେ ଆକ୍ରମଣ ଘଟଣା

■ଚନ୍ଦକାରେ ଆତ୍ମଗୋପନବେଳେ ପୋଲିସ ଧରିଲା



କଟକ,୧୪।୩ (କାର୍ତ୍ତିକ ସାହୁ)

ଗୀତିକାରଙ୍କୁ ଅପହରଣ କରି ମାଡ଼ ମାରିବା ଘଟଣାରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ବାଖରାବାଦ ଅଞ୍ଚଳର ପପୁ ଓରଫ ଦୀନେଶ ବେହେରା(୨୬)। ଏହି ଘଟଣାରେ ସମ୍ପୃକ୍ତ ଆଉ ୪ ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁସାରେ ପାଲାମଣ୍ଡପ ଅଞ୍ଚଳରେ ଭଡ଼ାରେ ରହୁଥିବା ଗୀତିକାର ପ୍ରମୋଦ ପରିଡ଼ାଙ୍କୁ ଗତ ଫେବୃଆରୀ ୨୦ରେ ଅପହରଣ କରି ମାଡ଼ ମରାଯାଇଥିଲା। ଅଭିଯୁକ୍ତ ପପୁ ଓ ଅନ୍ୟ ଜଣେ ସହଯୋଗୀ ସେଦିନ ଅପରାହ୍ଣରେ ହଠାତ୍ ପ୍ରମୋଦଙ୍କ ଭଡ଼ା ଘରେ ପହଞ୍ଚି କବାଟ ବାଡ଼େଇଥିଲେ। ପ୍ରମୋଦ କବାଟ ଖୋଲିବାରୁ ଦୁହେଁ ତାଙ୍କୁ ମାଡ଼ ମାରିଥିଲେ। ପରେ ବନ୍ଧୁକ ଦେଖାଇ ପ୍ରମୋଦଙ୍କୁ ଗାଡ଼ିରେ ବସାଇ ପୁରୀଘାଟ ଥାନା ଅନ୍ତର୍ଗତ ସନ୍‌ସାଇନ ପଡ଼ିଆ ପାଖ ଏକ ପରିତ୍ୟକ୍ତ ଘରକୁ ନେଇଯାଇଥିଲେ। ସେଠାରେ ଆଉ ୫/୬ ଜଣ ଯୁବକ ମିଶି ପ୍ରମୋଦଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ନାଁରେ ସୋସିଆଲ ମିଡିଆରେ କାହିଁକି ଲେଖୁଛୁ ବୋଲି କହି ଧମକ ଦେଇଥିଲେ। ପୁନର୍ବାର ନ ଲେଖିବାକୁ ସେମାନେ ଚେତାବନୀ ଦେଇଥିଲେ। ପ୍ରମୋଦଙ୍କୁ ଏକ ଦଉଡ଼ିରେ ବାନ୍ଧି ମିଳିତ ଭାବେ ବିଧା, ଗୋଇଠା ମାରିଥିଲେ। ପପୁ ଏକ ଲୁହାରଡ୍ ଆଣି ପ୍ରମୋଦଙ୍କ ମୁଣ୍ଡକୁ ପିଟିଦେବାରୁ ସେ ବେହୋସ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିଲେ। ତାଙ୍କୁ କାରରେ ବସାଇ ଆଣି ସେମାନେ ପାଲାମଣ୍ଡପ ପାଖ ଭଡ଼ାଘର ପାଖରେ ଛାଡ଼ିଦେଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇ ନେଇଥିଲେ। ପ୍ରମୋଦଙ୍କ ଚେତା ଆସିବା ପରେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପ୍ରମୋଦ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଆଇଆଇସି ଅଜୟ ରାଉଳଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ପ୍ରମୋଦଙ୍କ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ବାଖରାବାଦସ୍ଥିତ ପପୁଙ୍କ ଘରେ ପୋଲିସ ଚଢ଼ାଉ କରିଥିଲାବେଳେ ସେ ଫେରାର ହୋଇଯାଇଥିଲେ। ସେବେଠାରୁ ପୋଲିସ ତାଙ୍କୁ ଧରିବା ନିମନ୍ତେ ପ୍ରୟାସ ଚଳାଇଥିଲା। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ଚନ୍ଦକା ଅଞ୍ଚଳରୁ ଅଭିଯୁକ୍ତ ପପୁଙ୍କୁ ଗିରଫ କରିଛି। ପପୁଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାଉଳ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

**ଖୋର୍ଦ୍ଧା,୧୪।୩(ପ୍ରଭାତ ପାଣିଗ୍ରାହୀ):** ସ୍ଥାନୀୟ ବିଡିଏ କଲୋନୀ ଗାୟତ୍ରୀ ମନ୍ଦିର ପରିସରରେ କୋଣାର୍କ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ରାଜ କିଶୋର ବଳିୟାରସିଂହ, ଜ୍ୟୋତିପ୍ରଭା ପଟ୍ଟନାୟକ, ଶାନ୍ତିଲତା ଦେବୀ, କୈଳାସ ଚନ୍ଦ୍ର ପୃଷ୍ଟି, ଦିବ୍ୟଲୋଚନ ଭାରିମଲ, ଚପଳା ପଣ୍ଡା, ଇତିଶ୍ରୀ ସାହୁ, ବଂଶୀଧର ଦାସ, ନୀଳାଦ୍ରିନାଥ ଜଗଦ୍ଦେବ, ବୃନ୍ଦାବନ ପଣ୍ଡା, ଛାତ୍ରୀ ସ୍ୱାଗତିକା ସୁନ୍ଦରାୟ, ସରୋଜିନୀ ପାଟ୍ଟଶାଣୀ ପ୍ରମୁଖ କବିତା ପାଠ କରିଥିଲେ। ଏହି ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ସୁରେଶ ଚନ୍ଦ୍ର ଛୋଟରାୟ, ସମରେନ୍ଦ୍ର ବଳିୟାରସିଂହ, ପ୍ରମୋଦ ଚନ୍ଦ୍ର ଦାଶ, ବୃନ୍ଦାବନ ପଣ୍ଡା, ବଂଶୀଧର ଦାସ ଆଲୋଚନା କରିଥିଲେ। ସମ୍ପାଦକ ନାରାୟଣ ଦାସ ନିବନ୍ଧ ପାଠ କରିଥିଲେ। ଓଡ଼ିଆ ଭାଷାରେ ସର୍ବଦା କବିତା, ଗଳ୍ପ, ଉପନ୍ୟାସ ସଭାପତି ଶରତ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଜ୍ୟୋତି ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଫୁଲ୍ଲ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ନୂତନ ବିଡିଓଙ୍କ ଦାୟିତ୍ୱ ଗ୍ରହଣ

**କୃଷ୍ଣପ୍ରସାଦ,୧୪।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ନୂତନ ବିଡିଓ ଭାବେ ଅମୀୟ କୁମାର ପଣ୍ଡା ଯୋଗଦେଇଛନ୍ତି। ଏଠାରେ କାର୍ଯ୍ୟରତ ବିଡିଓ ବିଜୟ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ପରେ ପଣ୍ଡା ଯୋଗଦେବା ସହ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟାଳୟରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବ୍ଲକ ମୁଖ୍ୟ କିରାଣୀ ପୂର୍ଣ୍ଣଚନ୍ଦ୍ର କାଣ୍ଡି, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, କାଶିମ ମହମ୍ମଦ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସରକାରୀ ସୁବିଧାର ସୁପରିଚାଳନା ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଦେବେ ବୋଲି ବିଡିଓ ପଣ୍ଡା ସୂଚନା ଦେଇଛନ୍ତି।

### ପାଲାଗାୟକ ଗୋପୀନାଥ ବେହେରାଙ୍କ ପରଲୋକ

**ବୋଲଗଡ଼,୧୪।୩(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବିଶିଷ୍ଟ ପାଲାଗାୟକ ତଥା ଅବସର ପ୍ରଧାନଶିକ୍ଷକ ଗୋପୀନାଥ ବେହେରାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ବର୍ଷ ହୋଇଥିଲା। ଗୋପୀନାଥ ଜଣେ ଜଣାଶୁଣା ପାଲା ଗାୟକ ଓ ସଂକୀର୍ତ୍ତନ ଗୁରୁଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରେ ପାଲା ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଆଦିତ୍ୟ ମୁଖାଗ୍ନି ଦେଇଥିଲେ।

# କାର୍ଯ୍ୟର ୧୦ଦିନ ପରେ ରାସ୍ତାରୁ ଉଠିଲା ପିଚୁ

**ବାଘମାରୀ-ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥ**
- କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ପାଇଁ ଦାବି
- ପଥଚାରୀ ଭୋଗୁଛନ୍ତି ଦୁର୍ଦ୍ଦଶା

ବେଗୁନିଆ,୧୪।୩(ହର ପ୍ରସନ୍ନ ପଣ୍ଡା)

ପଥଚାରୀଙ୍କ ସୁରକ୍ଷିତ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନାରେ ରାସ୍ତା ମରାମତି ଓ ନୂତନ ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଅନେକ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ପରିଲକ୍ଷିତ ହୋଇଛି। ଏହାର ଉଦାହରଣ ବାଘମାରୀ-ଦଶପଲ୍ଲା ୪୮ନଂ. ରାଜ୍ୟ ରାଜପଥରେ ଦେଖିବାକୁ ମିଳିଛି। ଏହାର ଉନ୍ନତୀକରଣ କାର୍ଯ୍ୟ ବିଳମ୍ବ ଓ ନିମ୍ନମାନର ହୋଇଥିବାରୁ ସ୍ଥାନୀୟ ଲୋକେ ଓ ପଥାଚାରୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପିଚୁ କାର୍ଯ୍ୟ ଶେଷ ହେବାର ୧୦ଦିନ ପରେ ୧୧ଟି ସ୍ଥାନରେ ଗୋଡି ଉଠି ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଲାଣି। ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ଉପକରଣ ଉପରେ ଗୁରୁତ୍ୱ



ଦିଆଯାଉନି ଏବଂ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ମଧ୍ୟ କରାଯାଉନାହିଁ ବୋଲି କଣ୍ଟିଲୋ ଅଞ୍ଚଳର ପଥଚାରୀ ଜିତେନ୍ଦ୍ର ପାତାଳସିଂହ, ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ସାହୁ, ଦିଲୀପ କୁମାର ମହାପାତ୍ର ପ୍ରମୁଖ କହିଛନ୍ତି।

ପ୍ରକାଶ ଯେ, ପୂର୍ତ୍ତବିଭାଗ ଅଧୀନ (ନିର୍ମାଣ ବିଭାଗ) ଆନୁକୂଲ୍ୟରେ ଉନ୍ନତୀକରଣ କାର୍ଯ୍ୟ ଜାରିରହିଛି। ପ୍ରକଳ୍ପ ଖର୍ଚ୍ଚ ବାବଦ ବ୍ୟୟ ଅଟକଳ ୧୮.୧ କୋଟି ଟଙ୍କା ଅନୁଦାନ ମିଳିଛି। ବାଘମାରୀ-ଗଣିଆ-ଦଶପଲ୍ଲା ଭାୟା କଣ୍ଟିଲୋ ଦେଇ ରାସ୍ତା ଉନ୍ନତୀକରଣ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ହେଲେ ବାଘମାରୀଠାରୁ ଆରମ୍ଭ ହୋଇ ୧୬ କିମି ମଧୁଆପଲ୍ଲୀ ଛକ ପର୍ଯ୍ୟନ୍ତ ୧୬ କିମି ଦୂର ପାଇଁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା। ରାସ୍ତା ପ୍ରଶସ୍ତୀକରଣ ଓ ବଜାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଡ୍ରେନେଜ ନିର୍ମାଣ ପାଇଁ ୯.୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା, ଯାହାର ଅବଧି ଗତ ଜାନୁଆରୀ ୧୦ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଅବଧି ସମୟର ଦେଢ଼ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଉକ୍ତ ୧୬ କିମି ରାସ୍ତା ଉପରେ କେବଳ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଉକ୍ତ ପିଚୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୧୦ଦିନ ପରେ ୧୧ଟି ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହେଲାଣି। ବଡବେରଣା, ଗୋବିନ୍ଦପୁର, ଗେଡିଆପଲ୍ଲି, କଢ଼ାମଲ୍ଲ ଏବଂ କୋଦୁଅବେରେଣୀ ଛକ ନିକଟରେ ପିଚୁ ଉଠି ରାସ୍ତା ଉପରେ ଗୋଡି ଗଡୁଛି। କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗମନାଗମନ ପାଇଁ ବହୁ ଯୋଜନାରେ ଅର୍ଥ ବିନିଯୋଗ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପଥଚାରୀ ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ସାମାଜିକ କର୍ମୀ ଅକ୍ଷୟ କୁମାର ରଥ, ମାନସ ରଞ୍ଜନ ପଣ୍ଡା କହିଛନ୍ତି। ଗୁଣବତ୍ତା ବିଭାଗ ପକ୍ଷରୁ ଲାବଟେକ୍ନିସିଆନ ଜରିଆରେ କାର୍ଯ୍ୟର ମାନ ଯାଞ୍ଚ କରିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ଯନ୍ତ୍ରୀ ଫକୀର ଚରଣ ବେହେରା କହିଛନ୍ତି, କାର୍ଯ୍ୟର ତଦାରଖ କରାଯିବ। ଆବଶ୍ୟକ ପଡିଲେ ପୁଣି ସଂଶୋଧିତ (ରେକ୍ଟିଫାଏଡ) ପାଇଁ ଠିକାଦାରଙ୍କୁ ତାଗିଦ କରାଯିବ।

### ଇକୋ କ୍ଲବ୍‌ର ବାର୍ଷିକୋତ୍ସବ

ଟାଙ୍ଗୀ,୧୪।୩(ରଘୁନାଥ ସାହୁ)

ଦୀନବନ୍ଧୁପୁର କ୍ଲଷ୍ଟର ଅଧୀନ କହ୍ନେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୁବ ଓ ଇକୋ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ବାର୍ଷିକ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଇକୋ କ୍ଲବର ଉପଦେଷ୍ଟା ବାସୁଦେବ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ପ୍ରଧାନ ଯୋଗଦେଇ ସାମ୍ପ୍ରତିକ ପରିବେଶ ସନ୍ତୁଳନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଇକୋ କ୍ଲବର ଭୂମିକାକୁ ନେଇ ପ୍ରଶଂସା କରିଥିଲେ। କ୍ଲବର ଆବାହକ ଶିକ୍ଷକ ଆଲୋକ କୁମାର ବରାଳ ପ୍ରାରମ୍ଭିକ ସୂଚନା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ମୁଦୁଲି, ଶିକ୍ଷୟିତ୍ରୀ ଟିଙ୍କିନା ଭାରିମଲ୍ଲ, ସୁନିତା ମହାପାତ୍ର, ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷକ ଦୁର୍ଯ୍ୟୋଧନ ମୁଦୁଲି ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଯାଉ




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦର କର୍ମକର୍ତ୍ତା।

ଖୋର୍ଦ୍ଧା,୧୪।୩ (ପ୍ରଭାତ ପାଣିଗ୍ରାହୀ)

ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଓ ପ୍ରସିଦ୍ଧ ମା'ବରୁଣେଇ, କରୁଣେଇ ପୀଠର ଉନ୍ନତୀକରଣ ପାଇଁ ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଖୋର୍ଦ୍ଧାଗଡ଼ ହେଉଛି ଭାରତର ଶେଷ ସ୍ୱାଧୀନ ଦୁର୍ଗ। ପାଇକ ବୀରମାନେ ଏଠାରୁ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୧୭ ମସିହାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ରହିଥିବା ବେଳେ ଏହାର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ। ୧୫୬୮ରେ ସ୍ଥାପନ ହୋଇଥିବା ଏହି ଗଡ଼ ୧୮୦୪ ମସିହା ପର୍ଯ୍ୟନ୍ତ ୨୩୨ ବର୍ଷ ଧରି ଓଡ଼ିଶାର ରାଜଧାନୀ ରହିଥିଲା। ଅନୁଷ୍ଠାନ ସଭାପତି ଡ.ଦିଲୀପ ଶ୍ରୀଚନ୍ଦନ କହିଛନ୍ତି, ଏହିଗଡ଼ ହେଉଛି ଓଡ଼ିଆ ଜାତିର ସ୍ୱାଭିମାନ। ଏହି ଗଡ଼ ସହିତ ଓଡ଼ିଆ ପାଇକ ବୀରଙ୍କ ବୀରତ୍ୱର ଗାଥା ଜଡିତ ରହିଛି। ଏହାର ପୁନରୁଦ୍ଧାର କରାଗଲେ କେବଳ ଖୋର୍ଦ୍ଧା ନୁହଁ ବରଂ ଓଡ଼ିଶାର ଗୌରବ ବଢିପାରିବ। ସେହିପରି ସମ୍ପାଦକ ନରେନ୍ଦ୍ର ପୃଷ୍ଟି କହିଛନ୍ତି, ଏହି ଗଡ଼ର ପୁନରୁଦ୍ଧାର ଏବଂ ସର୍ବାଙ୍ଗୀନ ବିକାଶ କରାଗଲେ ଦେଶମାତୃକା ପାଇଁ ବଳିଦାନ ଦେଇଥିବା ପାଇକବୀରଙ୍କ ପାଇଁ ଉପଯୁକ୍ତ ସମ୍ମାନ ହେବ। ଅନ୍ୟମାନଙ୍କ ମଧ୍ୟରେ ଡ.ବୃନ୍ଦାବନ ପଣ୍ଡା, ପ୍ରଫୁଲ୍ଲ ସାମନ୍ତରାୟ, ଅଧ୍ୟାପକ ଗୋପାଳ ଦାସ, ଆଇନଜୀବୀ ବିକ୍ରମ ଚମ୍ପତି, ସମାଜସେବୀ ବାଲାଜୀ ପାତ୍ର, ଗିରିଜା ପଟ୍ଟନାୟକ ଓ ମା'ବରୁଣେଇ ପାଇକ ଆଖଡ଼ା ସଂଘର ସଭ୍ୟମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ମାସିକ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ବୈଠକ

ଟାଙ୍ଗୀ,୧୪।୩(ରଘୁନାଥ ସାହୁ)

ଛାତ୍ରୀଛାତ୍ରଙ୍କ ସାମଗ୍ରୀକ ବିକାଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତି ମାସରେ ପ୍ରଧାନ ଶିକ୍ଷକମାନଙ୍କୁ ନେଇ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ଏହିକ୍ରମରେ ସୋମବାର ଟାଙ୍ଗୀ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ବୈଠକ କୁହୁଡି ଜନତା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ଛୋଟରାୟ, ସିଆର୍‌ସିସି ଦୀନବନ୍ଧୁ ପୃଷ୍ଟି, ଶ୍ରୀବସ୍ତ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ନବମ ଶ୍ରେଣୀ ପାସ କରୁଥିବା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଉନ୍ନତି, ଦଶମ ଶ୍ରେଣୀ ପାସ କରି ଧନ୍ଦାମୂଳକ ଶିକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରୀଛାତ୍ରଙ୍କୁ କିପରି ଶିକ୍ଷା ପ୍ରଦାନ କରାଯାଇପାରିବ, ପାସ କରୁଥିବା ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ତଥା ବୃତ୍ତି ଚୟନ ଦିଗରେ ଆବଶ୍ୟକୀୟ ପରାମର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧାରୁ ପାଠପଢା ଛାଡିଥିବା ଶିକ୍ଷାର୍ଥୀଙ୍କୁ ସଚେତନ କରାଯିବା ସହ ବିଦ୍ୟାଳୟ ଭିତ୍ତିଭୂମି ତଥା ଉପକରଣର ରକ୍ଷଣାବେକ୍ଷଣ କିପରି ହୋଇପାରିବ ସେ ସମ୍ପର୍କରେ ଉପସ୍ଥିତ ପ୍ରଧାନଶିକ୍ଷକମାନେ ମନ୍ତବ୍ୟ ରଖିଥିଲେ। ବଡ଼ପାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଞ୍ଜ କିଶୋର ସାହୁ, ସୁବାସିନୀ ଦେଈ, ବିନୋଦ ବିହାରୀ ସାହୁ, ମଧୁସୂଦନ ସୁନ୍ଦରାୟ, ସୁରେଶ ବେହେରା, ସୁଧାକର ସାହୁ, ଆଲୋକ ଚକ୍ରବର୍ତ୍ତୀ, ଚନ୍ଦ୍ରଶେଖର କର, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ସୁଜାତା କୁମାରୀ ମହାପାତ୍ର, ପ୍ରଣତି ବିଶ୍ୱାଳ, ପ୍ରଫୁଲ୍ଲ ଦୀକ୍ଷିତଙ୍କ ସମେତ ୨୬ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

### ୩୪୭ ଦିନରେ ୧୫୦ ମିଲିୟନ ଟନ୍ ମାଲ୍ ପରିବହନ

**ଖୋର୍ଦ୍ଧାରୋଡ୍ ମଣ୍ଡଳ**

ଜଟଣୀ,୧୪।୩(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ଚଳିତ ଆର୍ଥିକ ବର୍ଷରେ ୩୪୭ ଦିନରେ ୧୫୦ ମିଲିୟନ ଟନର ମାଲ୍ ପରିବହନ କରି ରେକର୍ଡ କରିଛି। ୨୦୨୩ ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ପରିବହନ ହୋଇଛି। ଗତ ଆର୍ଥିକ ବର୍ଷ ତୁଳନାରେ ୯ଦିନ ପୂର୍ବରୁ ବିଭାଗ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ୨୦୨୨-୨୦୨୩ ରେ ସମାନ ଲକ୍ଷ୍ୟ ହାସଲ କରିବାକୁ ୩୫୬ଦିନ ଲାଗିଥିଲା। ଚଳିତ ବର୍ଷ ୧୫୦ ମିଲିୟନ ଟନ୍‌ର ମାଲ ଲୋଡିଂ ପ୍ରଶାସନରେ ୧୩,୬୭୪ କୋଟି ଟଙ୍କା ରାଜସ୍ୱ ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଖୋର୍ଦ୍ଧା ରୋଡ ମଣ୍ଡଳ ୧୧୨.୬୪ ନିୟୁତ ଟନ କୋଇଲା, ୭.୩୬ ନିୟୁତ ଟନର କଞ୍ଚାମାଲ ଇସ୍ପାତ କାରଖାନାକୁ, ୧୨.୪୨ ନିୟୁତ ଟନ ପିଗ ଆଇରନ ଏବଂ ଉତ୍ପାଦ ଇସ୍ପାତ, ୭.୧୫ ନିୟୁତ ଟନ ଲୁହାପଥର, ୪.୦୯ ନିୟୁତ ଟନ ସାର ଏବଂ ୬.୬୪ ନିୟୁତ ଟନ ଅନ୍ୟାନ୍ୟ ସାମଗ୍ରୀ ଅର୍ଥାତ୍ ସିମେଣ୍ଟ, ଖାଦ୍ୟ ଶସ୍ୟ, ତେଲ ଆଦି ପରିବହନ କରିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଲୱେରେ ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରଥମ ଏବଂ ଏକମାତ୍ର ମଣ୍ଡଳ ଯାହାକି ୨୭୭ ମିଲିୟନ ଟନ ଉଭୟ ଲୋଡିଂ ଏବଂ ଅନଲୋଡିଂରେ ଟ୍ରାଫିକ ପରିଚାଳନା କରିଛି। ୧ଏପ୍ରିଲ ୨୦୨୩ରୁ ୧୨ ମାର୍ଚ୍ଚ ୨୦୨୪ ଅବଧି ମଧ୍ୟରେ ଡିଭିଜନ ୧୫୦ ନିୟୁତ ଟନ୍ ମାଲ ଲୋଡ କରିଛି ଏବଂ ୧୨୭ ନିୟୁତ ଟନ ଅନଲୋଡ କରାଯାଇଛି। ଦେଶର ବିଭିନ୍ନ ସ୍ଥାନକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ଉଦ୍ୟମ କରିଥିବା କର୍ମଚାରୀ ଏବଂ ଅଧିକାରୀଙ୍କୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍ ବାଜୱା ଶୁଭେଚ୍ଛା ଜଣାଇଛନ୍ତି।

### କଳାବ୍ୟାଜ୍ ପିନ୍ଧି ଖବରଦାତାଙ୍କ ପ୍ରତିବାଦ



ବୋଲଗଡ,୧୪।୩(ଦେବବ୍ରତ ହୋତା)

ରାଜ୍ୟ ସରକାର ଆଗାମୀ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ ବିଭିନ୍ନ ବର୍ଗଙ୍କ ପାଇଁ ପ୍ୟାକେଜ ଘୋଷଣା କରୁଛନ୍ତି। ତେବେ ରାଜ୍ୟର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ବହୁ ପୂର୍ବରୁ ପ୍ରଦତ୍ତ ଅନେକ ଦାବିକୁ ଅଣଦେଖା କରୁଛନ୍ତି। ଏନେଇ ରାଜ୍ୟରେ ଖବରଦାତାମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଏହିକ୍ରମରେ ବୋଲଗଡ଼ ବ୍ଲକର ବହୁ ଖବରଦାତା ଗୁରୁବାର ବୋଲଗଡ଼ ତହସିଲ ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରି ନୀରବ ପ୍ରତିବାଦ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ସାମ୍ବାଦିକ ମାନଙ୍କୁ ପେନସନ, ସାମ୍ବାଦିକ ସୁରକ୍ଷା ଆଇନ, ଗୋପବନ୍ଧୁ ଜୀବନ ବୀମା ଯୋଜନାରେ ହିତାଧିକାରୀଙ୍କ ବାପା,ମାଆଙ୍କ ସହ ୨୫ବର୍ଷରୁ ଅଧିକ ପିଲାଙ୍କୁ ଅନ୍ତର୍ଭୁକ୍ତ କରିବା ଓ ରାଜ୍ୟରେ ପ୍ରେସ ଏକାଡେମୀ ପ୍ରତିଷ୍ଠା ଆଦି ଦାବି ରହିଛି। ରାଜ୍ୟ ସରକାର ଏହାର ବିଚାର କରି ତୁରନ୍ତ ଦାବି ପୂରଣ କରିବା ପାଇଁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଦାବି କରାଯାଇଛି।

# ୱାର୍ଡସ୍ତରରେ କମିଟି ଗଠନ କରିବ କଂଗ୍ରେସ

ବୋଲଗଡ଼,୧୪।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଖାରଡ଼ପଲ୍ଲୀସ୍ଥିତ ମା'ବରଡାଳିଆ ମନ୍ଦିର ନିକଟରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ସର୍ବସମ୍ମତିକ୍ରମେ ପଞ୍ଚାୟତର ୧୧ଟି ୱାର୍ଡସ୍ତରରୁ ସଙ୍ଗଠନକୁ ମଜବୁତ କରିବା ପାଇଁ ପ୍ରତି ୱାର୍ଡରୁ ଏକ ଦଶଜଣିଆ କମିଟି କରିବା ପାଇଁ ନିଷ୍ପତ୍ତି ହୋଇଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ୱାର୍ଡ କମିଟିକୁ କ୍ରିୟାଶୀଳ କରିବା ପାଇଁ ପଞ୍ଚାୟତ କମିଟି ସହଯୋଗ କରିବା ପାଇଁ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏଥିରେ ପଞ୍ଚାୟତ କମିଟିର ପ୍ରମୋଦ ବଳିୟାରସିଂହ, ଲୋଚନ ମିଶ୍ର, ସଦାଶିବ ମିଶ୍ର, ପ୍ରହ୍ଲାଦ ବଳିୟାରସିଂହ, ମୁରଲୀ ଦାସ, ଧନେଶ୍ୱର ଜେନା, ଶ୍ୟାମ ସୁନ୍ଦର ଦାସ, ନିରଞ୍ଜନ ପ୍ରଧାନ, ପ୍ରାଣକୃଷ୍ଣ ହୋତା, ସାଗର ନାୟକ, କାଳନ୍ଦୀ ପ୍ରଧାନ, ନାରାୟଣ ହୋତା, କାଶୀନାଥ ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ୱାର୍ଡସ୍ତରରୁ କଂଗ୍ରେସ ଦଳକୁ ମଜଭୁତ କରି ଜନସାଧାରଣଙ୍କ ସହିତ ସମ୍ପର୍କ ରଖିବାକୁ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ସୀମାଞ୍ଚଳ ଖଣ୍ଡାଇ, ଜୟକୃଷ୍ଣ ପ୍ରହରାଜ, ସୁଶାନ୍ତ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଯୁବଜ୍ୟୋତି କ୍ଲବ ବିଜୟୀ

ଖୋର୍ଦ୍ଧା,୧୪।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଫୁଟ୍‌ବଲ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଯୁବଜ୍ୟୋତି କ୍ଲବ ପଙ୍କାଳ ଏବଂ ଶାରଳା କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଯୁବଜ୍ୟୋତି କ୍ଲବର ୯ନମ୍ବର ଜର୍ସି ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ପୁଣି ଯୁବଜ୍ୟୋତି କ୍ଲବର ୧୬ନଂ ଜର୍ସି ଖେଳାଳି ବିନୟ କିଶାନ ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଶାରଳା କ୍ଲବ ଢେଙ୍କାନାଳ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୨-୦ ଗୋଲରେ ଯୁବଜ୍ୟୋତି କ୍ଲବ ବିଜୟୀ ହୋଇଥିଲା। ପି.କେ ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଶଗିର ଅହମ୍ମଦ, ପିକେ ବେହେରା, ୪ର୍ଥ ରେଫେରିଭାବେ ଅମଜାଦ ଏହେଶାନ ସହଯୋଗ କରିଥିଲେ। ମ୍ୟାଚ୍ କମିଶନର ଭାବେ ଶୋଏବ ଅହମ୍ମଦ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମବୁରର ହୋସନ, ଓଲମୁଦ୍ଦିନ ଖାଁ, କେରଙ୍ଗ ଗ୍ରାମ୍ୟ କମିଟି ସଭାପତି ସରିଫ ମହମ୍ମଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ଜରାଜୀର୍ଣ୍ଣ

ଖୋର୍ଦ୍ଧା,୧୪।୩(ପ୍ରଭାତ ପାଣିଗ୍ରାହୀ)

ଗାରିମାମୟ ଐତିହ୍ୟକୁ ନିଜ ବକ୍ଷରେ ଜାବୁଡ଼ି ଧରି ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଏହି ଗଡ଼ ଏବେ ବିଲୁପ୍ତ ଓ ଭଗ୍ନ ଅବସ୍ଥାରେ ରହିଛି। ଯେଉଁଠାରୁ ଦିନେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ, ସେହି ଗଡ଼ ଏବେ ପରିଚୟ ଖୋଜୁଛି। ପାଇକ ବିଦ୍ରୋହ ଓଡ଼ିଆ ଜାତିର ସ୍ୱାଭିମାନ। ଏ ମାଟି ପାଇକମାନଙ୍କ ଅସୀମ ବୀରତ୍ୱ ପାଇଁ ଗର୍ବ କରେ। ତେବେ ପାଇକ ବିଦ୍ରୋହର ଅନ୍ତୁଡିଶାଳ ଖୋର୍ଦ୍ଧାଗଡ଼ ଏବେ ଜରାଜୀର୍ଣ୍ଣ। ପ୍ରଥମେ ଏହି ମାଟିରୁ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ ଡାକରା ଦିଆଯାଇଥିଲା। ମାଟିର ସୁରକ୍ଷା ପାଇଁ ଅନେକ ପାଇକବୀରଙ୍କୁ ଜନ୍ମ ଦେଇଥିବା ଏହି ଗଡ଼ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଚାରିଆଡେ ଅନାବନା ଗଛଲତା ମାଡ଼ି ଲୁଚିଗଲାଣି। ସରକାରଙ୍କ ଅବହେଳା ଯୋଗୁ ଏହି ଗଡ଼ ଲୁପ୍ତ ହେବାକୁ ବସିଛି। ସମାଜର ଆଡୁଆଳରେ ନିଜ ସ୍ଥିତି, ଅସ୍ତିତ୍ୱକୁ ନେଇ ଏହି ଗଡ଼ ବିଲୁପ୍ତର ଦ୍ୱାରଦେଶରେ ରହିଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ଉନ୍ନତି ହାତକୁ ନେଇଥିଲେ। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ହେଲେ ଏହି ଗଡ଼ ଏବେ ଜରାଜୀର୍ଣ୍ଣ ହେବାରୁ କୌଣସି ପର୍ଯ୍ୟଟକ ଆସୁନାହାନ୍ତି ବୋଲି ଜଣାପଡିଛି।

ଇତିହାସ କହେ, ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବଙ୍କ ନିହତ ପରେ ରାଜ୍ୟରେ ଅରାଜକତା ଦେଖାଯାଇଥିଲା। କଳାପାହାଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲା। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ । ରମେଇ ରାଉତରାୟ ଗଜପତି ରାମଚନ୍ଦ୍ର ଦେବ ଭାବେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କର ଅସ୍ତ୍ରାଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକମାନେ କୁହନ୍ତି। ଗଡ଼ ମଧ୍ୟରେ ୧୫ଏକର ପରିମିତ ସ୍ଥାନରେ ରହିଥିବା ରାଣୀ ପୋଖରୀ ରହିଛି। ଏଥିସହିତ ଗଡ଼ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା। ଯାହା ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି।

**ଏମାନେ ଯାହା କୁହନ୍ତି...**

"ନିଜ ବକ୍ଷରେ ଅନେକ ସ୍ମୃତିକୁ ଉଜ୍ଜୀବିତ କରି ରଖିଥିବା ଖୋର୍ଦ୍ଧାଗଡ଼ ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ। ଏହି ଗଡର ପ୍ରତ୍ୟେକ ପ୍ରସ୍ତର କହୁଛି ଦୁର୍ଗର ବୀରତ୍ୱର କାହାଣୀ। ଅତୀତର ସେହି ବୀରତ୍ୱକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି ଖୋର୍ଦ୍ଧାଗଡ଼। **– ଗୋପାଳକୃଷ୍ଣ ଦାସ, ଗବେଷକ**

"ଖୋର୍ଦ୍ଧାଗଡ଼ର ଏକ ଗାରିମାମୟ ଐତିହ୍ୟ ରହିଛି। ଏହି ଗଡରେ ବହୁ ଐତିହ୍ୟ କୀର୍ତ୍ତିରାଜୀ କାଳଖଣ୍ଡରେ ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜୀ ସଂରକ୍ଷଣ ହୋଇପାରିବ। ଏହା ଓଡ଼ିଆ ଜାତିର ଗୌରବକୁ ବୃଦ୍ଧି କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସମ୍ମାନ ବଢ଼ିପାରିବ। **–ପ୍ରଫେସର ନାରାୟଣ ରାଓ, ଗବେଷକ**

"ଖୋର୍ଦ୍ଧାଗଡର ପୁନରୁଦ୍ଧାର କରାଗଲେ, ସାରା ଦେଶରେ ଏହାର ଗୌରବ ବଢ଼ିବ। ପାଇକ ବୀର ଏବଂ ଏହି ଗଡର ଐତିହ୍ୟ ସମ୍ପର୍କରେ ସାରା ସମାଜ ଜାଣିପାରିବ। **–ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନ**

"ପାଇକ ବିଦ୍ରୋହ ସହ ଖୋର୍ଦ୍ଧାଗଡ଼ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହାର ପୁନରୁଦ୍ଧାର କରାଗଲେ ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମକୁ ଆଗାମୀ ପିଢି ଜାଣିବାର ସୁଯୋଗ ପାଇବ। **–ସତ୍ୟବାଦୀ ବଳିୟାରସିଂ, ଗବେଷକ**

"ଖୋର୍ଦ୍ଧାଗଡରୁ ପାଇକ ବୀରମାନେ ଯୁଦ୍ଧ ରଣକୌଶଳ ବିଷୟରେ ଆଲୋଚନା କରି ପରବର୍ତ୍ତୀ ସମୟରେ ସଂଗ୍ରାମରେ ଝାସ ଦେଇଥିଲେ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ ସହ ଜଡିତ। **–ବାଲାଜି ପାତ୍ର, ସାମାଜିକ କର୍ମୀ**

# ସୋସିଆଲ ମିଡିଆରେ ଶିକ୍ଷକଙ୍କ ଅସନ୍ତୋଷର ସ୍ୱର

ଭୁବନେଶ୍ୱର,୧୪।୩
(ଅନୁରାଧା ମହାରଣା)

ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ପିଏସ୍ ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ଦାବି ନେଇ ଭିନ୍ନ ଢଙ୍ଗରେ ପ୍ରତିବାଦ କରିଛନ୍ତି। ବିଭିନ୍ନ ସୋସିଆଲ ମିଡିଆରେ ଏହି ଶିକ୍ଷକମାନଙ୍କ ଅସନ୍ତୋଷର ସ୍ୱର ଟ୍ରେଣ୍ଡ କରୁଛି। ସରକାର ଚୁକ୍ତିଭିତ୍ତିକ ଉଚ୍ଛେଦ ନିୟମ-୨୦୨୨ରୁ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉପେକ୍ଷା କରିବା ସହ ଶିକ୍ଷକଙ୍କର ୬ବର୍ଷ ଚୁକ୍ତି ଅବଧିକୁ ଗଣନା କଲେ ନାହିଁ। ଏପରି କି ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ମଧ୍ୟ ପ୍ରଦାନ କଲେ ନାହିଁ। ସରକାର ଶିକ୍ଷକମାନଙ୍କୁ ବିଭାଜନ କରି କିଛି ଶିକ୍ଷକଙ୍କୁ ୬ବର୍ଷ ଚୁକ୍ତି ଅବଧିକୁ ଗଣନା କଲେ ଏବଂ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ କଲେ ବୋଲି ଶିକ୍ଷୟିତ୍ରୀଶିକ୍ଷକମାନେ ଅଭିଯୋଗ କରିଆସୁଛନ୍ତି। କିଛି ଶିକ୍ଷକଙ୍କୁ ଗୋଟିଏ,ଦୁଇଟି ଇନ୍‌କ୍ରିମେଣ୍ଟ ଦେଇ ଅନ୍ୟ କିଛି କନିଷ୍ଠ ଶିକ୍ଷକଙ୍କ ସହ ସମାନ କଲେ । ମାତ୍ର ୨୦୦୪ରୁ ୨୦୦୯ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଅଣଦେଖା କଲେ। ଏପରି ଅସନ୍ତୋଷ ପ୍ରକାଶ କରି ଏହି ବର୍ଗର ଶିକ୍ଷୟିତ୍ରୀଶିକ୍ଷକମାନେ ସୋସିଆଲ ମିଡିଆରେ ପ୍ରଶ୍ନ କରିବା ସହ ସେମାନେ ଏବଂ ତାଙ୍କ ପରିବାର ସରକାରଙ୍କ ଉପରେ ଖୁସି ନାହାନ୍ତି ବୋଲି ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପ୍ରଧାନ ଦର୍ଶାଇଛନ୍ତି।

# ୫୫ ଖିଲାପକାରୀଙ୍କ ଉପରେ ୨୯.୫୦ କୋଟି ବକେୟା

## ହୋଲ୍ଡିଂ ଟିକସ ଦେଉନାହାନ୍ତି ବଡ଼ବଡ଼ିଆ

■ ରାଜସ୍ୱ କମିବା ପରେ ତାଲିକା ଜାରିକଲା ବିଏମ୍‌ସି



ଭୁବନେଶ୍ୱର, ୧୪।୩
(ବନ୍ଦନା ସେଠୀ)

ଏବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ରାଜସ୍ୱ ଆଦାୟ ଅତି ନଗଣ୍ୟ ରହିବ। ଆର୍ଥିକ ବର୍ଷ ପୂରିବାକୁ ଆଉ ମାତ୍ର ୧୫ଦିନ ଥିବାବେଳେ ଏବେସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୬୦% ରାଜସ୍ୱ ଆଦାୟ ହୋଇପାରିନାହିଁ। ଗୋଟିଏ ପଟେ ଟ୍ୟାକ୍ସ କଲେକ୍ଟର ତଥା ୱାର୍ଡ ଅଫିସରଙ୍କୁ ଟାର୍ଗେଟ ପୂରଣ କରିବାକୁ ପରୱାନା ଜାରି ହୋଇଥିବାବେଳେ ସରକାରୀ କାର୍ଯ୍ୟକ୍ରମ ଚଳାଇବା ସହ ଏବେ ସେମାନଙ୍କୁ ନିର୍ବାଚନ ଲାଗି ପ୍ରସ୍ତୁତ କରାଯାଉଛି। ଏହି ସ୍ଥିତିରେ ଲୋକେ ମଧ୍ୟ ଟିକସ ବା ରାଜସ୍ୱ ଦେବାରେ କୁଣ୍ଠକୁଣ୍ଠ ହେଉଛନ୍ତି। ବିଶେଷକରି ୩ ଜୋନ୍‌ର କେବଳ ୫୫ ବଡ଼ବଡ଼ିଆ ଖିଲାପକାରୀଙ୍କ ଉପରେ ୨୯.୫୦ କୋଟି ଟଙ୍କାର ହୋଲ୍ଡିଂ ଟିକସ ବକେୟା ପଡ଼ି ରହିଛି। ଗୁରୁବାର ବିଏମ୍‌ସି ଏମାନଙ୍କ ତାଲିକା ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିବା ସହ ଏହି ତଥ୍ୟ ଦେଇଛି। ଖିଲାପକାରୀଙ୍କ ତାଲିକାରେ କେତେକ ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର, ଘରୋଇ ସ୍କୁଲ-କଲେଜ ଓ ଘରୋଇ କମ୍ପାନୀଙ୍କ ନାମ ରହିଛି।

ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସିର ୩ ଜୋନ୍‌ରେ ୭,୬୪,୪୨,୬୫୧.୧୭ ଟଙ୍କାର ହୋଲ୍ଡିଂ ଟିକସ ବକେୟା ରହିଛି। ଉତ୍ତର ଜୋନ୍‌ରେ ୧୬ ହୋଲ୍ଡିଂ ଟିକସ ଖିଲାପକାରୀଙ୍କ ଉପରେ ୮୬ଲକ୍ଷ ୯୫ ହଜାର ୧୯୯ ଟଙ୍କା ୮୬ ପଇସା, ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ସର୍ବାଧିକ ୨୯ଜଣ ଖିଲାପକାରୀ ଥିବାବେଳେ ଏଠାରେ ୭ କୋଟି ୩୧ ଲକ୍ଷ ୯୨ ହଜାର ୩୭୮ଟଙ୍କା ୦୯ ପଇସା ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ୧୦ ଖିଲାପକାରୀଙ୍କ ଉପରେ ୩୧ ଲକ୍ଷ ୮୧ ହଜାର ୭୩ ଟଙ୍କା ୨୨ ପଇସା ହୋଲ୍ଡିଂ ବାକି ପଡ଼ିଛି। ପୂର୍ବରୁ ମଧ୍ୟ ଏହି ଖିଲାପକାରୀ ମୋଟ ୨୦ କୋଟି ୯୯ ଲକ୍ଷ ୭୨ ହଜାର ୯୯୨ଟଙ୍କା ୩୩ ପଇସା ହୋଲ୍ଡିଂ ଟିକସ ବକେୟା ଭାବେ ପକାଇ ରଖିଛନ୍ତି। ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ପୂର୍ବରୁ ଏହି ଖିଲାପକାରୀମାନେ ୧୫,୧୫,୦୬,୯୫୫.୨ ଟଙ୍କାର ହୋଲ୍ଡିଂ ବକେୟା ପକାଇ ରଖିଥିବାବେଳେ ଉତ୍ତର ଜୋନ୍‌ରେ ୩,୭୨,୭୮,୮୧୧.୨୬ ଟଙ୍କା ଏବଂ ଦକ୍ଷିଣ-ପୂର୍ବ ଜୋନ୍‌ରେ ସର୍ବନିମ୍ନ ୨,୧୧,୮୭,୨୨୫.୮୭ ଟଙ୍କାର ହୋଲ୍ଡିଂ ପଡ଼ି ରହିଥିବା ବିଏମ୍‌ସି ତଥ୍ୟରୁ ସୂଚନା ମିଳିଛି। ଚଳିତ ଓ ପୂର୍ବ ଆର୍ଥିକବର୍ଷର ବକେୟାକୁ ମିଶାଇଲେ ବିଏମ୍‌ସି ଏହି ୫୫ଜଣ ଖିଲାପୀଙ୍କଠାରୁ ୨୯,୫୦,୪୧,୬୪୩.୫୧ ଟଙ୍କାର ବକେୟା ରାଜସ୍ୱ ପାଇବ। ଦକ୍ଷିଣ-ପଶ୍ଚିମ ଜୋନ୍‌ର ଖିଲାପୀଙ୍କଠାରୁ ବିଏମ୍‌ସି ୨୨,୪୬,୯୯,୩୩୩.୩ ଟଙ୍କା ପାଇବାକୁ ଥିବାବେଳେ ଉତ୍ତରରୁ ୪,୫୯,୭୪,୦୧୧.୧୨ ଟଙ୍କା ଓ ଦକ୍ଷିଣ-ପୂର୍ବରୁ ୨,୪୩,୬୮,୨୯୯.୦୯ ଟଙ୍କା ବକେୟା ହୋଲ୍ଡିଂ ଟିକସ ବାବଦକୁ ପାଇବ। ମାତ୍ର ଖିଲାପୀମାନେ ବିଭିନ୍ନ ଆଳ ଦେଖାଇ ଏହି ଟିକସ ପୈଠ କରୁ ନ ଥିବାରୁ ବିଏମସି ତାର ରାଜସ୍ୱ ହରାଉଛି।

ସୂଚନାଯୋଗ୍ୟ, ପୂର୍ବବର୍ଷ ୭୦ କୋଟିର ହୋଲ୍ଡିଂ ଟିକସ ଆଦାୟ ହୋଇଥିବାବେଳେ ଚଳିତବର୍ଷ ଏ ବାବଦକୁ ୧୧୫ କୋଟି ଆଦାୟ କରିବାକୁ ଲକ୍ଷ୍ୟ ରଖିଛି। ହେଲେ ଏଯାବତ୍ ଲକ୍ଷ୍ୟର ୫୦ ପ୍ରତିଶତ ପୂରଣ ହୋଇପାରି ନ ଥିବାରୁ ଚିନ୍ତା ବଢ଼ିଛି। ରାଜସ୍ୱ ଆଦାୟରେ ପ୍ରମୁଖ ଭୂମିକା ନେଉଥିବା ୱାର୍ଡ ଅଫିସରଙ୍କ ଅଚାନକ ବଦଳି, ୱାର୍ଡରେ ଅର୍ପଣ ରଥ ପରିଚାଳନା, ବରିଷ୍ଠ ନାଗରିକଙ୍କୁ ଭତ୍ତା ବଣ୍ଟା, ପରିକ୍ରମା ପ୍ରକଳ୍ପ ପରି ବହୁ କାର୍ଯ୍ୟ ଅତିରିକ୍ତ ଭାବେ କରୁଛନ୍ତି। ଅଧିକାରୀମାନେ ମାତ୍ରାଧିକ ଚାପରେ ରହୁଥିବାରୁ ରାଜସ୍ୱ ଆଦାୟ ପ୍ରଭାବିତ ହୋଇଥିବା କୁହାଯାଉଛି।

# ସୁନା ଝିଅ 'ସମ୍ପର୍କର ନୂଆ ଅଧ୍ୟାୟ'




ଭୁବନେଶ୍ୱର,୧୪।୩
(ଅନୁରାଧା ମହାରଣା)

ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ଧାରାବାହିକ 'ସୁନା ଝିଅ' କାହାଣୀରେ ସମ୍ପର୍କର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ପ୍ରିୟାର ଓ ବିଷ୍ଣୁଙ୍କ ବିବାହ ପରବର୍ତ୍ତୀ ଯାତ୍ରାକୁ ନେଇ କାହାଣୀଟି ସଫଳତାର ସହ ଆଗେଇଥିବାବେଳେ କାହାଣୀରେ ଦୀର୍ଘ ୬ବର୍ଷର ସଂଘର୍ଷ ପରେ ପ୍ରିୟା ବର୍ତ୍ତମାନ ଜଣେ ସିନିଅର ବିଡିଓ ହୋଇପାରିଛନ୍ତି। ଆଉ ଏହି ଜୀବନ ଯାତ୍ରାରେ ସେ ନିଜ ଝିଅ ବଂଶିକା ଓ ସ୍ୱାମୀ ବିଷ୍ଣୁଙ୍କଠାରୁ ଦୂରରେ ରହୁଛନ୍ତି। ବଂଶିକା ଅମ୍ରିତା ଆଉ ସାହିଲର ଝିଅ ହେଇ ରହୁଛନ୍ତି। ବଂଶିକା ମଧ୍ୟ ପ୍ରିୟାଙ୍କ ପରି ବିଡିଓ ହେବାର ସ୍ୱପ୍ନ ଦେଖନ୍ତି ଓ ବିଷ୍ଣୁଙ୍କଠାରୁ ପ୍ରିୟା ବିଷୟରେ ସବୁବେଳେ ଶୁଣିଥିବାରୁ ପ୍ରିୟାଙ୍କୁ ନିଜର ଆଦର୍ଶ ମାନି ନେଇଥାଏ ବଂଶିକା। ସେପଟେ ପ୍ରିୟାଙ୍କ ଦ୍ୱିତୀୟ ଝିଅ ଅଂଶିକା ସମ୍ପୂର୍ଣ୍ଣ ବିପରୀତ, ସେ ପୂରା ଭବାନୀଙ୍କ ଭଳି ଦେଖାଇ ହେବାକୁ ପସନ୍ଦ କରନ୍ତି, ଯେ ତାଙ୍କ ମା ଜଣେ ବରିଷ୍ଠ ବିଡିଓ। ପ୍ରିୟା ତାକୁ ସବୁବେଳେ ଭଲ ବାଟରେ ନେବାକୁ ଚେଷ୍ଟା କରନ୍ତି କିନ୍ତୁ ଅସଫଳ ହୁଅନ୍ତି। ଦୀର୍ଘ ୬ ବର୍ଷ ପରେ ଅଂଶୀକା ଆଉ ପ୍ରିୟା ନିଜ ପରିବାର ସହ ପୁଣି ଥରେ ନିଜ ଗାଁ କୁ ଆସିଛନ୍ତି । ଅଂଶିକା ଓ ବଂଶିକା ସମାନ ସ୍କୁଲରେ ପାଠ ପଢିଲେ ଆଉ ତାଙ୍କ ଦୁଇ ଜଣଙ୍କ ମଧ୍ୟରେ ଗଢି ଉଠେ ନିବିଡ ବନ୍ଧୁତା। ତେବେ କିପରି ଦୁଇ ଭଉଣୀ ଏକାଠି ହେବେ ଓ ପ୍ରିୟା ଓ ବିଷ୍ଣୁଙ୍କୁ କିପରି ଏକାଠି କରିବେ ତାହା ଦେଖିବାକୁ ମିଳିବ ବୋଲି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି।



ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କଳିଙ୍ଗ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକ 'ହନୁର ଲାଞ୍ଜ'।

# ସନାତନୀ ବାର୍ତ୍ତା ଦେଲା 'ହନୁର ଲାଞ୍ଜ'

**୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ଭୁବନେଶ୍ୱର,୧୪।୩
(ଶର୍ମିଷ୍ଠା ପାଣିଗ୍ରାହୀ)

କଳ୍ପନା ବି କର୍ମ, ପ୍ରାର୍ଥନା ବି ମୋହ। ଯାହାର ବନ୍ଧନ ନର, ବାନର, ଦେବତା ସମସ୍ତଙ୍କ ଇହ ଓ ପର କାଳରେ ନିଶ୍ଚିତ ପ୍ରତିଫଳନ ହୋଇଥାଏ। ଏହିପରି ଏକ ସିଦ୍ଧାନ୍ତକୁ ତ୍ରେତୟା ଓ ଦ୍ୱାପର ଯୁଗର ଯୋଗସୂତ୍ରରେ ଗୁନ୍ଥି, ଏକ ସୁନ୍ଦର କଥା କିମ୍ବଦନ୍ତୀ ମାଧ୍ୟମରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ହନୁର ଲାଞ୍ଜ'। ମଣିଷ ଜୀବନରେ ସଞ୍ଜମତା ରକ୍ଷା କରିବା ସହ ଇଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରିବା ଭଳି ସନାତନୀ ବାର୍ତ୍ତା ଦେଇଛି ନାଟକ। ଶତାବ୍ଦୀର କଳାକାର ପକ୍ଷରୁ ଆୟୋଜିତ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ରାଉରକେଲାର ଉତ୍କଳୀ ସାଂସ୍କୃତିକ ଶିଳ୍ପୀ ପକ୍ଷରୁ ଏହା ପରିବେଷିତ ହୋଇଥିଲା। ଡ. ପଦ୍ମଜ ପାଳଙ୍କ ଗଳ୍ପକୁ ନାଟ୍ୟରୂପ ଓ ନିର୍ଦ୍ଦେଶକ ଦେଇଛନ୍ତି ବିଲୋଚନ ପାତ୍ର। ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ନାଟ୍ୟକାର ତଥା ନିର୍ଦ୍ଦେଶକ ଶେଳେଶ୍ୱର ନନ୍ଦ ଯୋଗଦେଇ ଖବରଦାତା ସୋମନାଥ ପରିଡ଼ା ଓ ଅଭିନେତ୍ରୀ ସୀମା ସାହୁଙ୍କୁ 'ଶତାବ୍ଦୀର କଳାକାର ସମ୍ମାନ'ରେ ସମ୍ମାନୀତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଧୀର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖଣ୍ଡାରେ ଆକ୍ରମଣ, ଜଣେ ଗୁରୁତର

ବାରଙ୍ଗ,୧୪।୩
(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ପାଇକରାପୁର ଗ୍ରାମରେ ଗୁରୁବାର ତାସ୍‌ଖେଳକୁ କେନ୍ଦ୍ରକରି ତୁମୁଳକାଣ୍ଡ ଘଟିଛି। ଖଣ୍ଡା ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଅମୀୟ ପ୍ରଧାନଙ୍କ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦିନ ଦ୍ୱିପ୍ରହରରେ ପାଇକରାପୁର ଗ୍ରାମରେ ଦୁଇ ଦଳ ତାସ ଖେଳୁଥିଲେ। କୌଣସି କଥାକୁ ନେଇ ପ୍ରଥମେ ବଚସା ପରେ ଗଣ୍ଡଗୋଳ ରୂପ ଧାରଣ କରିଥିଲା। ଉକ୍ତ ଗ୍ରାମର ଜଣେ ଯୁବକ ଉତ୍ୟକ୍ତ ହୋଇ ଭଡ଼ାଟିଆ ଗୁଣ୍ଡାଙ୍କୁ ଡାକିଥିଲେ। ୩ଜଣ ଯୁବକ ମୁହଁରେ ମୁଖା ପିନ୍ଧି ଘର କବାଟ ଭାଙ୍ଗି ପଶିଥିବା ବେଳେ ଅମୀୟ ଓ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ଖଣ୍ଡା ଚୋଟ ଅମୀୟଙ୍କ ବାପାଙ୍କ ବେକରେ ବାଜିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

# ପୋଷା ଜୀବଙ୍କ ପାଇଁ ଭରତପୁର ପ୍ରକୃତି ଉଦ୍ୟାନ



ପ୍ରକୃତି ଉଦ୍ୟାନ ଉଦ୍‌ଘାଟନ ଅବସରରେ ବିଧାୟକ ଓ ମେୟର।

ଭୁବନେଶ୍ୱର,୧୪।୩
(ଅନୁରାଧା ମହାରଣା)

ଭରତପୁରସ୍ଥିତ ପ୍ରକୃତି ଉଦ୍ୟାନ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ପରିଚାଳିତ ଏହି ପାର୍କକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଓ ବିଡିଏ ଅଧିକାରୀମାନେ ଉପସ୍ଥିତ ଥିଲେ। ୫ଏକର ପରିମିତ ଏବଂ ୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କରେ ଅନେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ବିଶେଷକରି ପୋଷା ଜୀବଙ୍କ ପାଇଁ ଉଦ୍ଦିଷ୍ଟ ଏହା ରାଜଧାନୀର ପ୍ରଥମ ପାର୍କ। ଏଥିରେ ଗୃହପାଳିତ ପଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହି ଗୃହପାଳିତ ପଶୁ ଅନୁକୂଳ ସ୍ଥାନ ସମସ୍ତ ପ୍ରଜାତିର କୁକୁରମାନଙ୍କୁ ସେବା ପ୍ରଦାନ କରିବ। ଏଥିସହ ବଡ଼ ଏବଂ ଛୋଟ କୁକୁରମାନଙ୍କୁ ସେମାନଙ୍କ ମାଲିକଙ୍କ ସହିତ ଖେଳିବା ପାଇଁ ଏକ ଆରାମଦାୟକ ପରିବେଶ ପ୍ରଦାନ କରିବ।

ପେଟ୍ ଜୋନ ବ୍ୟତିତ ପାର୍କରେ ଚଲାପଥ, ମୋରମ ଟ୍ରାକ, ଓପନ ଜିମ୍, ପିଲାଙ୍କ ଖେଳ ପଡ଼ିଆ, ଯୋଗ ମଣ୍ଡପ, ମେଡିଟେଶନ ପୋଡିୟମ, ଆମ୍ଫିଥିଏଟର ଓ ରେଷ୍ଟରୁମ ସୁବିଧା ରହିଛି। ଏହାବ୍ୟତୀତ ଏଥିରେ ଏକ ଲାଇବ୍ରେରି ଏବଂ ପ୍ରକୃତି ମଧ୍ୟରେ ପର୍ଯ୍ୟଟକମାନଙ୍କୁ ବିଶ୍ରାମ କରିବା ପାଇଁ ଏକ କ୍ୟାଫେଟେରିଆ ରହିଛି। ଭୁବନେଶ୍ୱରରେ ପ୍ରାୟ ୫୦ଟି ପାର୍କ ପରିଚାଳନା ଦାୟିତ୍ୱରେ ବିଡିଏ ରହିଥିବାବେଳେ ବର୍ତ୍ତମାନ ଏଥିରେ ଆଉ ଏକ ସଂଖ୍ୟା ଯୋଡ଼ି ହୋଇଛି।

# ଉତ୍କଳ ହସ୍ପିଟାଲ୍‌ରେ ବିଶ୍ୱ ବୃକ୍କ ଦିବସ



ଭୁବନେଶ୍ୱର,୧୪।୩
(ଅନୁରାଧା ମହାରଣା)

ନୀଳାଦ୍ରି ବିହାରସ୍ଥିତ ସୁପର ମଲ୍ଟି ସ୍ପେସିଆଲିଟି ଉତ୍କଳ ହସ୍ପିଟାଲରେ ବିଶ ବୃକକ୍ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ସତ୍ୟବାଦୀ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ଆୟୋଜିତ ୱାକାଥନକୁ ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ହସ୍ପିଟାଲର ନେଫ୍ରୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ଡ. ଲଲାଟ ବରୁଣ ପାତ୍ର, ଡ. ସ୍ମାରକ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ଅତିଥି ଡ. ଆଚାର୍ଯ୍ୟ ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

## ସଂକ୍ଷେପରେ

### ଚୋରା ଗଞ୍ଜେଇ ଜବତ: ଜଣେ ଗିରଫ

ସାଲେପୁର,୧୪ା୩(ଅରବିନ୍ଦ ଭୂୟାଁ)

ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗୁରୁବାର ୨୧ କିଲୋ ଗଞ୍ଜେଇ ଓ ବୋଲେରୋ ଜବତ କରାଯାଇଛି। ଏହି ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା କଅଁରପାଳ ଗ୍ରାମର ଅମରେନ୍ଦ୍ର ଷଡ଼ଙ୍ଗୀଙ୍କୁ ଗିରଫ କରାଯାଇଛି। ଏନେଇ ସାଲେପୁର ଅବକାରୀ ଥାନାରେ ମାମଲା (ନଂ.୮୧/୨୩-୨୪) ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କଟକରୁ ସାଲେପୁର ଅଭିମୁଖେ ଏକ ବୋଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ସାଲେପୁର ଅବକାରୀ ଥାନା ଅଧିକାରୀ ବିଜୟଭୂଷଣ ନାୟକଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ କଟକ-ସାଲେପୁର ରାସ୍ତାର ନାନ୍ଦୋଳଗଡ଼ା ନିକଟରୁ ଉକ୍ତ ଗାଡ଼ିକୁ ଧରିଥିଲା।ଏହି ଚଢ଼ାଉରେ ସାଲେପୁର ଅବକାରୀ ବିଭାଗର ଓଆଇସି. ବିପିନ୍ ଚନ୍ଦ୍ର ସାହୁ, ଏଏସ୍ଆଇ. ଦୁଷ୍ମନ୍ତ କୁମାର ବସନ୍ତରାୟ, କନଷ୍ଟେବଲ ସୁନୀଲ ବଳ, ଅଜୟ ଜେନା, ଈଶ୍ୱର ଟୁଡୁ, ଖଗେଶ୍ୱର ବେହେରା, ଗୀତାଞ୍ଜଳି ବେହେରା ସାମିଲ ହୋଇଥିଲେ।

### ଗ୍ରାମ ମୁରବିଙ୍କ ବିୟୋଗରେ ସ୍ମୃତିସଭା

ଖୁଣ୍ଟୁଣୀ,୧୪ା୩(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ-ରମ୍ଭେଇ ମୌଜାର ବୟୋଜ୍ୟେଷ୍ଠ ମୁରବି ଯୋଗୀନାଥ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ଖୁଣ୍ଟୁଣୀସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ସ୍ମୃତିସଭାରେ ସାମାଜିକ କର୍ମୀ ବିପିନ ବିହାରୀ ପ୍ରଧାନ ପୌରୋହିତ୍ୟ କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଭାଗୀରଥି କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମେଶ ମହାପାତ୍ର, ଅଜୟ ବେହେରା, ପୂର୍ବତନ ସରପଞ୍ଚ ଉମେଶ ସ୍ୱାଇଁ, ଗନ୍ଧର୍ବ ବେହେରା, ନରେନ୍ଦ୍ର ବେହେରା, ଡାଳଭାଗ ପଞ୍ଚାୟତର ମୁରବି ଧ୍ରୁବ ଚରଣ ସ୍ୱାଇଁ, କାହ୍ନୁ ଚରଣ ବେଉରା, ବସନ୍ତ ବେଉରାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ପାତ୍ରଙ୍କ ପୁଅ ବିଧୁଭୂଷଣ ପାତ୍ର, ବିଶ୍ୱରଞ୍ଜନ ପାତ୍ର, ବଜ୍ରଭୂଷଣ ପାତ୍ର, ପ୍ରିୟବ୍ରତ ପାତ୍ର ଓ ସତ୍ୟବ୍ରତ ପାତ୍ର ସଭା ପରିଚାଳନା କରିଥିଲେ।

# ସରପଞ୍ଚ-ବିଧାୟକଙ୍କ ସମର୍ଥକ ମୁହାଁମୁହିଁ

**ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ବେଳେ ଗଣ୍ଡଗୋଳ**

- ଫଳକରେ ସରପଞ୍ଚଙ୍କ ନାମ ନ ଥିବାରୁ ବିରୋଧ
- ଥାନାରେ ପୃଥକ୍ ଅଭିଯୋଗ

ସାଲେପୁର,୧୪ା୩(ଅରବିନ୍ଦ ଭୂୟାଁ)



ଶିଳାନ୍ୟାସ ବେଳେ ସରପଞ୍ଚ-ବିଧାୟକଙ୍କ ସମର୍ଥକ ମୁହାଁମୁହିଁ ହେଉଛନ୍ତି।

ସାଲେପୁର ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଗୁରୁବାର ଶିଳାନ୍ୟାସ ବେଳେ ଭାଜପା ସମର୍ଥିତ ସରପଞ୍ଚଙ୍କ ଫଳକରେ ନାମ ନ ଥିବାରୁ ତାଙ୍କ ସମର୍ଥକ ଓ ବିଧାୟକଙ୍କ ପ୍ରଶାନ୍ତ ବେହେରାଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ଏନେଇ ଉଭୟ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୪ଟା ୩୦ରେ ସାଲେପୁର ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ଉତ୍ସବ ଆରମ୍ଭ ହୋଇଥିଲା। ବିଧାୟକ ବେହେରା ଏହାର ଶିଳାନ୍ୟାସ କରିବାକୁ ଆସିଥିଲେ। ମାତ୍ର ଫଳକରେ ଭାଜପା ସମର୍ଥିତ ଚନ୍ଦ୍ରାଦେଇପୁର ପଞ୍ଚାୟତର ସରପଞ୍ଚ ରଶ୍ମିତା ଦାସଙ୍କ ନାମ ନ ଥିବାରୁ ତାଙ୍କ ସମର୍ଥକମାନେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ସାଲେପୁର ବିଧାୟକ ବେହେରାଙ୍କ ଉପସ୍ଥିତିରେ ଉଭୟ ଗୋଷ୍ଠୀଙ୍କ ସମର୍ଥକ ଧସ୍ତାଧସ୍ତି ହୋଇଥିଲେ। ସେମାନେ ପରସ୍ପରକୁ ଜାତିଆଣ ଆକ୍ଷେପ କରିବାକୁ ପଛେଇ ନ ଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡିଥିଲା। ପୋଲିସ ଉଭୟ ଅଭିଯୋଗକୁ ଗ୍ରହଣ କରି ଘଟଣାର ଅନୁସନ୍ଧାନ କରୁଥିବାବେଳେ ଏହାକୁ ନେଇ ଏବେ ସାଲେପୁରରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ସାଲେପୁର ବିଧାୟକ ବେହେରା କହିଛନ୍ତି, ସାଲେପୁର ଅଞ୍ଚଳରେ ବହୁ ବିକାଶର କାର୍ଯ୍ୟ ଚାଲିଛି। ସେଥିରୁ କେତେକ କାର୍ଯ୍ୟ ମଧ୍ୟ ଶେଷ ହୋଇସାରିଲାଣି। ଏଥିରେ ଈର୍ଷାପରାୟଣ ହୋଇ ଓ ଆଗକୁ ନିର୍ବାଚନ ଥିବାରୁ ବିରୋଧୀ ଦଳ ବିକାଶ କାର୍ଯ୍ୟକୁ ଭଣ୍ଡୁର କରିବାପାଇଁ ଏଭଳି ଆଚରଣ କରୁଥିବା ସେ ପ୍ରକାଶ କରିଛନ୍ତି।

## ଚାପରେ ଚିକିତ୍ସାରେ ସହଯୋଗ କଲେ ବିଇଓ

**ଶିକ୍ଷକଙ୍କ ମାଡ଼ରେ ଛାତ୍ରର ହାତ ଭାଙ୍ଗିବା ଘଟଣା**

ନରସିଂହପୁର,୧୪ା୩(ନିରଞ୍ଜନ ଦେବକୁମାର)

ବାଲିକିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ୨ ହାତ ଭାଙ୍ଗି ଯାଇଥିବା ୪ର୍ଥ ଶ୍ରେଣୀ ଛାତ୍ର ସନ୍ତୋଷ ପ୍ରତିହାରୀର ଚିକିତ୍ସା ହୋଇ ପାରୁ ନ ଥିବା ବେଳ ନରସିଂହପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ଓ ସାମାଜିକ କର୍ମୀଙ୍କ ଚାପ ପରେ ବ୍ଲକ ଶିକ୍ଷା ଅଧିକାରୀ ଶିଶୁର ଚିକିତ୍ସା କରାଇଛନ୍ତି । ଆହତ ଛାତ୍ର ଓ ମା' ଦୁଇଦିନ ହେବ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ନ୍ୟାୟ ପାଇଁ ଧାରଣା ଦେବାପରେ ବିଇଓ ପ୍ରକାଶ ଚନ୍ଦ୍ର ମତଗଜସିଂ ନିଜ ତତ୍ତ୍ୱାବଧାନରେ ସନ୍ତୋଷଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିଛନ୍ତି। ସନ୍ତୋଷଙ୍କ ଭଙ୍ଗା ହାତକୁ ପୁର୍ନବାର ଏକ୍ସରେ କରିବାପରେ ଭାଙ୍ଗିଥିବା ହାଡ଼ଟି ଯୋଡ଼ିହେବା ପରିବର୍ତ୍ତେ ହାଡ଼ଟି ବିଚ୍ଛିନ୍ନ ଥିବା ଜଣାପଡିଥିଲା । ଏଠାରେ ଉପଯୁକ୍ତ ଚିକିତ୍ସା ସୁବିଧା ନ ଥିବାରୁ ତାକୁ କଟକ ଶିଶୁ ଭବନକୁ ନେବାପାଇଁ ପରାମର୍ଶ ଦେଇଛନ୍ତି। ଗତ ଫେବୃୟାରୀ ୨୯ରେ ପ୍ରଧାନଶିକ୍ଷକ ବିଦ୍ୟାଧର ବାଘ ସେହି ସ୍କୁଲର ଛାତ୍ର ସନ୍ତୋଷଙ୍କୁ ଏକ ବାଉଁଶ ବାଡ଼ିରେ ଅମାନୁଷିକ ମାଡ଼ମାରି ଦୁଇହାତ ଭାଙ୍ଗି ଦେଇଥିଲେ। ମାତ୍ର ଗରିବ ହୋଇଥିବାରୁ ସନ୍ତୋଷଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରି ନ ଥିଲା। ଗୁରୁବାର ବରିଷ୍ଠ ଯୁବ ଆଇନଜୀବୀ ନିର୍ମଳେନ୍ଦୁ ମିଶ୍ର ନରସିଂହପୁର ଯୁବ ସଂଗଠନ ସଭାପତି ଶେଖ ସାବିବ, ଖବରଦାତା ସଞ୍ଜୟ ପଟ୍ଟନାୟକ, ଶିବରାମ ପଣ୍ଡା, ଅଜୟ କୁମାର ପଣ୍ଡା ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ବିଇଓଙ୍କ ସହ ଆଲୋଚନା କରି ଶିଶୁଟିର ପ୍ରାଥମିକ ଚିକିତ୍ସା କରାଇବାକୁ ଚାପ ସୃଷ୍ଟି କରିଥିଲେ।

## ଦେବରାଜ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

ଟିଗିରିଆ,୧୪ା୩(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଚଣ୍ଡୀବଜାରସ୍ଥିତ ଯୁଥ କ୍ଲବ ପରିସରରେ ବିଶିଷ୍ଟ ରାଜନେତା, ପୂର୍ବତନ ସମିତି ଅଧ୍ୟକ୍ଷ ସ୍ୱର୍ଗତ ଦେବରାଜ ଦାସଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଦେବରାଜ ଟ୍ରଷ୍ଟ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୦୬ ୟୁନିଟ ରକ୍ତ ସଂଗୃହିତ ହୋଇଛି। ଚଣ୍ଡୀବଜାର କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପଞ୍ଚାୟତ ବିଜେଡି ସଭାପତି ଧ୍ରୁବଚରଣ ଦାସ, ପ୍ରକାଶ ଦାସ, ପ୍ରଶାନ୍ତ ଦାସ ଓ ପ୍ରଦୀପ ବର୍ଦ୍ଧନ ପ୍ରମୁଖ ଯୋଗଦେଇ ଥିଲେ। ଚଣ୍ଡୀବଜାର କମିଟିର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଡିପିଆର୍ ଦେଉନି ପୂର୍ତ୍ତ ବିଭାଗ

**ପରମହଂସନାଥ ମନ୍ଦିର ରୂପାନ୍ତରୀକରଣ ପ୍ରସଙ୍ଗ**

କଟକ ସଦର, ୧୪ା୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବ ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟ ଚାଲିଥିବାବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଡିପିଆର୍ କପି ୪୨୭୯/୧୮।୧୨।୨୩ରେ ପୂର୍ତ୍ତ ବିଭାଗକୁ ମାଗିଥିଲା। ଇତିମଧ୍ୟରେ ୩ ମାସ ବିତିବାକୁ ବସିଥିଲେ ସୁଦ୍ଧା ଏହି ରିପୋର୍ଟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ହସ୍ତଗତ ହୋଇନାହିଁ ବୋଲି ସହକାରୀ ନିର୍ବାହୀଯନ୍ତ୍ରୀ ତଥା ପ୍ରତ୍ନତତ୍ତ୍ୱବିତ୍ ସରୋଜ କୁମାର ନନ୍ଦ ସୂଚନା ଦେଇଛନ୍ତି। ଏହି ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ଆଇନ ବିଭାଗ ପକ୍ଷରୁ ୧୯୯୮ ମସିହାରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଅଦ୍ୟାବଧି ଉକ୍ତ ସଂସ୍ଥା ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମନ୍ଦିରର ବିକାଶ ପାଇଁ ଖର୍ଚ୍ଚ କରିସାରିଛି ବୋଲି ନନ୍ଦ କହିଛନ୍ତି। ଅନ୍ୟପକ୍ଷରେ ୩ କୋଟି ୯୬ ଲକ୍ଷ ଟଙ୍କାରେ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗର କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୨ ଉପରେ ନ୍ୟସ୍ତ କରାଯାଇଛି। ହେଲେ ଏଥିପାଇଁ ବାକି ୧ କୋଟି ଟଙ୍କା ଖର୍ଚ୍ଚ ହୋଇ ନାହିଁ। ରିପୋର୍ଟ ଦେବାରେ ବିଳମ୍ବ ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅନୁପ ବେହେରାଙ୍କୁ ପଚାରିବାରୁ ସେ ମତାମତ ଦେବା ପାଇଁ ମନା କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକରେ ଶୋକ

ଟିଗିରିଆ,୧୪ା୩(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ସେକ ସୋଲେମାନ(୬୮)ଙ୍କ ବୁଧବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ବୃଦ୍ଧାବସ୍ଥାରେ ମଧ୍ୟ ଜମାତ ଅହମଦିୟା ସଙ୍ଗଠନର ଦାୟିତ୍ୱ ସୁଚାରୁ ରୂପେ ତୁଲାଉ ଥିଲେ। ସେ ଜଣେ ପରୋପକାରୀ,ବନ୍ଧୁବତ୍ସଳ, ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମିକ୍ସଚର ମେଶିନ ଗାଡ଼ି-ବାଇକ୍ ମୁହାଁମୁହିଁ: ୨ ମୃତ

ବାଙ୍କୀ,୧୪ା୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ କୁସୁପଙ୍ଗିର ଚକାଆମ୍ବଠାରେ ଗୁରୁବାର ସକାଳେ ଏକ ମିକ୍ସଚର ମେଶିନ ଗାଡ଼ି ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ମ୍ବା ଶଙ୍ଖାମେରୀ କନ୍ତପଡା ଶିଶୁ ବଗିଚା ସାହିର ଆଦିତ୍ୟ ମହାନ୍ତି (୨୫) । ଅନ୍ୟ ଜଣେ ତାଙ୍କ ସମ୍ପର୍କୀୟ ଶିବପ୍ରସାଦ ମହାନ୍ତି (୩୦)। ଉଭୟ ବାଇକ୍‌ରେ ବାଙ୍କୀ ପଟୁ କଟକ ରାସ୍ତାରେ ଗଲାବେଳେ କୁସୁପଙ୍ଗିର ଚକାଆମ୍ବଠାରେ ଏକ ମିକ୍ସଚର୍ ମେଶିନ ଗାଡି ସହ ମୁହାଁମୁହିଁ ହୋଇଥିଲା। ବାଙ୍କୀ ଉପଖଣ୍ଡ ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ମାମଲା (ନଂ.୮୮/୨୪) ରୁଜୁ କରାଯାଇଛି।

# ଶିକ୍ଷା, ଗମନାଗମନରେ ଦ୍ୱୀପାଞ୍ଚଳ ବିକଶିତ ହୋଇଛି



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା , କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏବଂ ଅନ୍ୟମାନେ।

**୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪ ପ୍ରକଳ୍ପର ଶିଳାନ୍ୟାସ**

- ଲୋକାର୍ପିତ ହେଲା ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟ
- ନିର୍ବାଚନ ପୂର୍ବରୁ ଦୁଇ ବିଧାୟକଙ୍କ ଗସ୍ତ

ନିଶ୍ଚିନ୍ତକୋଇଲି/ନେମାଳ,୧୪ା୩ (ଅଶୋକ କୁମାର ମହାପାତ୍ର/କିରଣ ଶଙ୍କର ନାୟକ)

ନିଶ୍ଚିନ୍ତକୋଇଲି ବ୍ଲକର ଲୁଣା-ଚିତ୍ରୋପ୍ତଳା ଦ୍ୱିପାଞ୍ଚଳରେ ଏବେ ଗମନାଗମନ ଓ ଶିକ୍ଷାର ବିକାଶ ହୋଇଛି। ସ୍କୁଲଗୁଡିକ ରୂପାନ୍ତରିତ ହୋଇଥିବାବେଳେ ଚିତ୍ରୋପ୍ତଳା ଓ ଲୁଣା ନଦୀରେ ୫ରୁ ଊର୍ଦ୍ଧ୍ୱ ସେତୁ ନିର୍ମାଣ କରି ଗମନାଗମନ କ୍ଷେତ୍ରରେ ରାଜ୍ୟ ସରକାର ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ବୋଲି ୨ ବିଧାୟକ ସେତୁ ଶିଳାନ୍ୟାସ ଉତ୍ସବରେ ମତବ୍ୟକ୍ତ କରିଛନ୍ତି। ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ କଟକ ସଦର ଓ ମାହାଙ୍ଗା ବିଧାୟକଙ୍କ ମିଳିତ ଗସ୍ତ ଗୁରୁବାର ଦେଖିବାକୁ ମିଳିଛି। ଏହି ଗସ୍ତ ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ବହୁ ପ୍ରତିକ୍ଷିତ ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟର ଲୋକାର୍ପଣ ହୋଇଛି। ଗୁରୁବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଓ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମିଳିତଭାବେ ୪୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନଈଗୁଆଁ ସାହାଣୀ ସାହି ନୂତନ ସେତୁର ଦାଉଦପୁର ନିକଟରେ ଶିଳାନ୍ୟାସ କରିଥିଲେ। ପରେ ୩୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନଗସପୁର ପାଳଦା ନୂତନ ସେତୁର ନଗସପୁର ନିକଟରେ ଶିଳାନ୍ୟାସ କରାଯାଇଥିଲା। ପରେ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର-ଲକ୍ଷ୍ମୀନାରାୟଣ ମନ୍ଦିର ଠାରେ ୧୨କୋଟି ଟଙ୍କା ବ୍ୟୟରେ ସହଦେପୁର-ତରତ ଶାସନ ରାସ୍ତାର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ପରେ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ସୁଦୃଢୀକରଣ ପାଇଁ ୨୫.୫୦କୋଟି ଟଙ୍କାର ପ୍ରକଳ୍ପକୁ ଦେବରାଳ ନିକଟ ମା'ସାଆଡେଇ ଠାକୁରାଣୀ ନିକଟରେ ଶିଳାନ୍ୟାସ କରାଯାଇଥିଲା। ପରେ ଦୁଇ ବିଧାୟକ ଓ ଦୁଇ ନିର୍ବାଚନ ମଣ୍ଡଳୀର ନେତୃବର୍ଗ କେରିଲୋ ପଞ୍ଚାୟତ ଆସି ସେଠାରେ ୫କୋଟି ଟଙ୍କା ବ୍ୟୟରେ ନବ ନିର୍ମିତ ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟର ଲୋକାର୍ପଣ କରିଥିଲେ। ଏନେଇ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ କରି ଗ୍ରାମାଞ୍ଚଳରେ ସାମାଜିକ ଓ ଅର୍ଥନୈତିକ ବିକାଶ କରିଛନ୍ତି ବୋଲି କହିଥିଲେ। ସଦର ବିଧାୟକ ବେହେରା ମୁଖ୍ୟବକ୍ତାଭାବେ ଯୋଗଦେଇ ମାହାଙ୍ଗାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାରେ ଭାଇ ପ୍ରତାପ ଜେନାଙ୍କ ଭୂମିକା ସ୍ୱତନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲାପରିଷଦ ସଭ୍ୟ ବିଳାସ ଭୋଇ, ଭୂପତି ଭୂଷଣ ଷଣ୍ଢ, ଜସ୍ମିତା ସେଠୀ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ଗୌତମୀ ଦାସ, ସମିତି ସଭ୍ୟ ଆଶିଷ ମହାନ୍ତି, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ରଜମୋହନ ପଣ୍ଡା, ହିମାଂଶୁ ଶେଖର ମହାନ୍ତି, ଦିବାକର ସାହୁ, ପ୍ରମୋଦ ପରିଡା, ସରପଞ୍ଚ ପ୍ରଦିପ୍ତ କୁମାର ପରିଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ଏହି ଅବସରରେ ତାରପୁର ବ୍ରିଜ ନିକଟରୁ ଉତ୍ତରକୂଳ,ମଣିଜଙ୍ଗ, ମହମ୍ମଦପୁର, ଦାଉଦପୁର, ନଗସପୁର, ତରତ, ବନ୍ଧକାଟିଆ, ଓରତି, ନରେନ୍ଦ୍ରପୁର ଓ କେରିଲୋ ପଞ୍ଚାୟତ ମଧ୍ୟଦେଇ ଦୁଇ ବିଧାୟକ ପ୍ରାକ ନିର୍ବାଚନୀ ରାଲି କରିଥିବା ଦେଖିବାକୁ ମିଳିଥିଲା।

DSPL-851



ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

## ସଂକ୍ଷେପରେ

### କାର୍ ଓଲଟିଲା, ବର୍ତ୍ତିଲେ ଚାଳକ

କଟକ,୧୪।୩ (କାର୍ତ୍ତିକ ସାହୁ)

କଟକ ଶେଖ୍‌ବଜାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ ଜଗତପୁର ଥାନା ଅଧୀନ ନାନକାର ଅଞ୍ଚଳର ଚନ୍ଦନ ବରାଳ(୨୫) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଲାଲବାଗ ପୋଲିସ ଗାଡ଼ିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଶେଖ୍‌ବଜାର ଅଞ୍ଚଳରେ ଚନ୍ଦନଙ୍କର ଜଣେ ସମ୍ପର୍କୀୟ ରହନ୍ତି। ସେହି ସମ୍ପର୍କୀୟଙ୍କ ପରିବାରର ଅନୁଷ୍ଠିତ ଶୁଦ୍ଧି କାମରେ ଯୋଗଦେବାକୁ ଚନ୍ଦନ ନିଜ କାର୍‌ରେ ବୁଧବାର ଆସିଥିଲେ। କାମ ସାରି ରାତି ପ୍ରାୟ ସାଢ଼େ ୩ଟାରେ ସେ ଘରକୁ ଫେରୁଥିଲେ। ଶେଖ୍‌ବଜାର ଦୁର୍ଗା ଘର ନିକଟରେ ତାଙ୍କ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଏକ ଘର ବାରଣ୍ଡାକୁ ଚଢ଼ି ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ମଝି ରାସ୍ତାରେ ଓଲଟି ପଡ଼ିଥିଲା। ଲାଲବାଗ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଚନ୍ଦନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଚନ୍ଦନ ସାମାନ୍ୟ ଆହତ ହୋଇଥିବା ପୋଲିସ କହିଛି।

### ୮୯ ପରିବାରକୁ ସ୍ଥାୟୀ ଘରପଟ୍ଟା ମିଳିଲା

ଚୌଦ୍ୱାର,୧୪।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୦ ନମ୍ବର ୱାର୍ଡ ଲେବର ଟେନାମେଣ୍ଟ ଅଞ୍ଚଳର ୮୯ ପରିବାରକୁ ସ୍ଥାୟୀ ଘରପଟ୍ଟା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଏକ କ୍ଲବ୍ ପରିସରରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ହିତାଧିକାରୀଙ୍କୁ ସ୍ଥାୟୀ ଘର ପଟ୍ଟା ବଣ୍ଟନ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ଆୟୁକ୍ତ ନିଳାମ୍ବର ବିଶାଳ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ବିଜୟ କୁମାର ମଲ୍ଲିକ, ସୁବ୍ରତ ସାମଲ, ଆଶୁତୋଷ ଦାସ, ରାଜସ୍ୱ ବିଭାଗର ବହୁ ପଦାଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ବସ୍ତିବାସିନ୍ଦାଙ୍କୁ ଉଦ୍‌ବୋଧନ ଦେଇଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଚୌଦ୍ୱାରସ୍ଥିତ ଲେବର ଟେନାମେଣ୍ଟରେ ମୋଟ୍ ୨୨୮ ପରିବାର ସରକାରଙ୍କ ଦ୍ୱାରା ନିର୍ମିତ କ୍ୱାର୍ଟର୍ସଗୁଡ଼ିକରେ ଦୀର୍ଘବର୍ଷ ହେବ ରହି ଆସୁଛନ୍ତି। ସେମାନେ ରହୁଥିବା ଘରର ପଟ୍ଟା ସେମାନଙ୍କ ନାମରେ କରିବା ପାଇଁ ଦୀର୍ଘଦିନ ହେଲା ଦାବି ହେଉଥିଲା। ଲେବର ଟେନାମେଣ୍ଟ ଉନ୍ନୟନ ପରିଷଦ ତରଫରୁ ଏ ସମ୍ପର୍କିତ ଦାବିପତ୍ର ବିଭିନ୍ନ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ପ୍ରଥମ ପର୍ଯ୍ୟାୟରେ ୧୧୬ ପରିବାରକୁ ପଟ୍ଟା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ୧୧୬ ପରିବାର ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିବା ସହିତ ଘର ପାଇଁ ଧାର୍ଯ୍ୟ ଖଜଣା ଦେଇ ପାଉତି ହାସଲ କରିଥିଲେ।

# ସଚେତନତା ଦ୍ୱାରା କିଡ୍‌ନୀ ରୋଗ ରୋକିହେବ

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

**ବିଶ୍ୱ କିଡ୍‌ନୀ ଦିବସ**



ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଏସ୍‌ସିବି ମେଡିକାଲ ନେଫ୍ରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ କିଡ୍‌ନୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭାଗ ପକ୍ଷରୁ ୱାକାଥନ ଅନୁଷ୍ଠିତ ହୋଇଥିଲା। କିଡ୍‌ନୀ ରୋଗର ଉନ୍ନତମାନର ଚିକିତ୍ସା ଉପଲବ୍ଧ କରାଇବା ପାଇଁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା। ପରେ ବିଭାଗ ପକ୍ଷରୁ ଏସ୍‌ସିବି ମେଡିକାଲ ପୁରାତନ ଅଡିଟୋରିୟମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇ କହିଛନ୍ତି, ବିଶ୍ୱରେ ପ୍ରତି ୧୦ଜଣରେ ଜଣେ କିଡ୍‌ନୀ ରୋଗୀ ଚିହ୍ନଟ ହେଉଛନ୍ତି। ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ସମସ୍ତଙ୍କ ପାଇଁ ଚିନ୍ତାଜନକ ପାଲଟିଛି। ତେବେ ଏସ୍‌ସିବି ମେଡିକାଲରେ ଏହି ରୋଗର ସଫଳ ମୁକାବିଲା କରାଯାଉଛି। ଏହାସହ ଚିକିତ୍ସା ସେବା ମାଗଣାରେ ଯୋଗାଇ ଦିଆଯାଉଛି। ଏହି ରୋଗ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ କ୍ଷେତ୍ରରେ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ। ଅନିୟମିତ ଖାଦ୍ୟ ଗ୍ରହଣ, ପେନ୍‌କିଲର ସେବନ, କମ୍ ପାଣି ପିଇବା ଦ୍ୱାରା ଏହି ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ। ତେବେ ସଚେତନତା ଦ୍ୱାରା କିଡ୍‌ନୀ ରୋଗ ରୋକି ହେବ ବୋଲି ମିଶ୍ର କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି, ପ୍ରଫେସର ସତ୍ୟନାରାୟଣ ରାଉତରାୟ, ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ ପଣ୍ଡା, ନ୍ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଅଶୋକ ମଲ୍ଲିକ, ପ୍ରଫେସର ସଞ୍ଜୟ ଚୌଧୁରୀ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ଖାଦ୍ୟ ପ୍ରତି ସଚେତନ ରହିବା, ଚିନ୍ତା ଓ ନିଶାମୁକ୍ତ ରହିବା ସହ ବ୍ୟାୟାମ କରିବା ଓ ମୂତ୍ର ପରୀକ୍ଷା କରାଇବା ଜରୁରୀ। ଏହାଦ୍ୱାରା କିଡ୍‌ନୀ ରୋଗଠାରୁ ଦୂରେଇ ରହି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ସମସ୍ତ ଡାକ୍ତର, କର୍ମଚାରୀ, ସେବିକା ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ନିର୍ବାଚନ ପରିଚାଳନା ପାଇଁ ତାଲିମ

କଟକ,୧୪।୩ (କାର୍ତ୍ତିକ ସାହୁ)

ଆସନ୍ତା ସାଧାରଣ ନିର୍ବାଚନ ପରିଚାଳନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ତାଲିମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିନୀତ୍ ଭରଦ୍ୱାଜ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜାତୀୟସ୍ତରୀୟ ମାଷ୍ଟର ପ୍ରଶିକ୍ଷକ ଭାବେ ଡିଟିଇଟିର ଯୁଗ୍ମ ନିର୍ଦ୍ଦେଶିକା ସଞ୍ଜୀବିତା ରାୟ ଏବଂ ସିଏମ୍‌ସିର ଯୁଗ୍ମ ଆୟୁକ୍ତ ଈପ୍‌ସିତା ମିଶ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ୨୦୦ ଜଣ ରିସୋର୍ସ ପର୍ସନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶିବ ଟୋପୋ ପ୍ରଶିକ୍ଷଣ ସହ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରୁଛନ୍ତି। ଏହି ବର୍ଗରେ ରିସୋର୍ସ ବ୍ୟକ୍ତି, ମାଷ୍ଟର ପ୍ରଶିକ୍ଷକ, ପୋଲିଂ ଅଧିକାରୀଙ୍କ ସମେତ ନିର୍ବାଚନ ପରିଚାଳନା ସହ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମହାନଗର ନିଗମ ଅଞ୍ଚଳ ସମେତ ବିଭିନ୍ନ ବ୍ଲକର ୫୯ଟି ସ୍ଥାନରେ ମାଷ୍ଟର ପ୍ରଶିକ୍ଷକଙ୍କ ଦ୍ୱାରା ପୋଲିଂ ତଥା ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମୋଟ ୧୬,୪୦୦ ଜଣଙ୍କୁ ଏହି ପ୍ରଶିକ୍ଷଣ ସହ ଇଭିଏମ୍ ପରିଚାଳନା ପାଇଁ ତାଲିମ ପ୍ରଦାନ କରାଯାଉଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଚାଲିବ।

# ସୁନା ଦୋଳ ବିମାନରେ ପୂଜା ପାଇବେ ଠାକୁର

**କଟକରେ ପ୍ରଥମ**

- ପ୍ରଥମ ପର୍ଯ୍ୟାୟରେ ଲାଗିଛି ୨.୫ କେଜିର ସୁନା

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକ କାଠଗଡ଼ା ସାହିଠାରେ ପ୍ରଥମଥର ପାଇଁ ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି ପକ୍ଷରୁ ଦୋଳ ବିମାନକୁ ସୁନା ଅଳଙ୍କାରରେ ସଜ୍ଜିତ କରାଯାଉଛି। କଟକ ଅଥବା ଓଡ଼ିଶାରେ ପ୍ରଥମଥର ପାଇଁ କମିଟି ପକ୍ଷରୁ ଏଭଳି ପ୍ରୟାସ କରାଯାଇଛି। ପ୍ରାୟ ୩ ମାସ ହେବ ଏହି କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ୨.୫ କେଜି ସୁନା ଅଳଙ୍କାର ଏଥିରେ ଲଗାଯାଇଛି। ଏହାର ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ, ଯାହାକି ବିମାନର ୭୦%କୁ ଅଳଙ୍କୃତ କରାଯାଇଛି। ଏନେଇ ଶ୍ରୀଶ୍ରୀ ମଦନ ମୋହନଜୀଉ ଦୁର୍ଗା କମିଟି କାଠଗଡ଼ା ସାହିର ଯୁବକ ସଂଘ ସମ୍ପାଦକ ତଥା କର୍ପୋରେଟର ଗଗନ ଓଝା କହିଛନ୍ତି, ଉକ୍ତ ବିମାନକୁ ସମ୍ପୂର୍ଣ୍ଣ ଭାବେ ସୁନାରେ କରିବାକୁ ମୁରବିମାନେ ନିଷ୍ପତ୍ତି ନେଇଥିଲେ। ଏଥିରେ ସମୁଦାୟ ୪ କେଜି ସୁନା ବ୍ୟବହାର କରାଯିବ। ଅଲିଶାବଜାର ଅଞ୍ଚଳର କାରିଗର ପ୍ରଦୀପ କୁମାର ପୃଷ୍ଟି ଏହି କାମ କରୁଛନ୍ତି। ଚଳିତବର୍ଷ ସମୟ କମ୍ ଥିବାରୁ ଏହି ସୁନା ବିମାନର ୭୦% କାମ ସରିଛି। ଆସନ୍ତାବର୍ଷ ଏହି ସୁନା ବିମାନର କାମ ଶେଷ ହେବା ପରେ ଏହାକୁ ଉଦ୍‌ଘାଟନ କରାଯିବ। ତେବେ ଦୋଳପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଆସନ୍ତା ୧୮ ତାରିଖରେ ସୁନା ଅଳଙ୍କାର ବିମାନରେ ଖଞ୍ଜା ଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାସହ ୨୨ ଓ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୩ ଦିନ ଲେଖାଏଁ ହେବାକୁ ଥିବା ଦୋଳ ମେଲଣରେ ଏହି ବିମାନ ସାମିଲ ହେବ। ତେଣୁ ଏହାର ସୁରକ୍ଷା ପାଇଁ କମିଟିର ମୁରବିମାନେ ଡିସିପି କନୱର ବିଶାଲ ସିଂଙ୍କ ସହ ଆଲୋଚନା କରିଛନ୍ତି। ମେଲଣ ସମୟରେ ପୋଲିସ ମୁତୟନ କରାଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ଓଝା କହିଛନ୍ତି।

# ବିଦେଶ ମାଟିରେ ଚିତ୍ର ଆଙ୍କୁଛନ୍ତି ୧୫ ଜନଜାତି ଶିଳ୍ପୀ

ଭୁବନେଶ୍ୱର,୧୪।୩(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦୁବାଇରେ ୩ଦିନିଆ ଓଡ଼ିଶା ଜନଜାତି ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୧୫ଜଣ ଜନଜାତି ଶିଳ୍ପୀ ଯୋଗଦେଇ ଆଦିବାସୀ ଜୀବନୀ ଓ ଚାଲିଚଳଣିକୁ ଚିତ୍ର ମାଧ୍ୟମରେ ଅବଗତ କରାଉଛନ୍ତି। ଭାରତର କନ୍‌ସଲ୍ ଜେନେରାଲ ସତିଶ କୁମାର ଶିବମ୍, ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବିଭାଗର ସ୍ୱତନ୍ତ୍ର




ଶାସନ ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମଥର ପାଇଁ ବିଦେଶ ମାଟିରେ ଦୁବାଇଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ପ୍ରଦର୍ଶନ କରିଥିବା ଶିଳ୍ପୀମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି। ସେମାନେ ହେଲେ ବିନୋଦିନୀ ସିଂହ, ସୁଜନ୍ମତି ଏକା, ଇନ୍ଦିରା ଗମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, ଜୁନେଶ ଗମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀ ଶବର, ସାମସନ୍ ଗମାଙ୍ଗ ଏବଂ ଅନିଲ କେରକେଟା। ଶିଳ୍ପୀମାନେ ହ୍ୟାଟ ପ୍ଲେସ ଦୁବାଇ ଅଲରିଗାଠାରେ ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ପରଜା, ହୋ ଓ କୋହ୍ଲ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି। ଏକାଡ଼େମୀ ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି।

# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

**ନାବାଳିକା ଅସଦାଚରଣ ମାମଲା**

କଟକ,୧୪।୩ (କାର୍ତ୍ତିକ ସାହୁ)

ଜଗତପୁର ଥାନା ଅଞ୍ଚଳରେ ୨୦୨୨ରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। କଟକର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅଭିଯୁକ୍ତ ସନିଆ ସିଂ (୩୫)ଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ କୋର୍ଟ ପୀଡିତାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ଘର ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁରରେ ହୋଇଥିବାବେଳେ ସେ ଜଗତପୁର ତାଳବଣିଆ ମୁଣ୍ଡାସାହିରେ ରହୁଥିଲେ। ୨୦୨୨ ଅକ୍ଟୋବର ୧୭ରେ ଅଭିଯୁକ୍ତ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଜଗତପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅକ୍ଟୋବର ୨୨ ତାରିଖରେ ଗିରଫ କରିଥିଲା। ପୋଲିସ ୨୦୨୨ ନଭେମ୍ବର ୯ରେ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା। ସେହିପରି ଅଭିଯୁକ୍ତଙ୍କ ବିରୋଧରେ ୨୦୨୩ ମାର୍ଚ୍ଚ ୩ରେ କୋର୍ଟରେ ଚାର୍ଜଫ୍ରେମ୍ ହୋଇଥିଲା। ୭ ଜଣଙ୍କ ସାକ୍ଷ୍ୟ ଓ ୧୪ଟି ପ୍ରାମାଣିକ ତଥ୍ୟକୁ ଆଧାର କରି କୋର୍ଟ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୨୪ ଦିନ ପରେ ଅଭିଯୁକ୍ତ ଗିରଫ, ୪ ଫେରାର

**ଗୀତିକାରଙ୍କୁ ଅପହରଣ ପରେ ଆକ୍ରମଣ ଘଟଣା**

- ଚନ୍ଦକାରେ ଆତ୍ମଗୋପନବେଳେ ପୋଲିସ ଧରିଲା



କଟକ,୧୪।୩ (କାର୍ତ୍ତିକ ସାହୁ)

ଗୀତିକାରଙ୍କୁ ଅପହରଣ କରି ମାଡ଼ ମାରିବା ଘଟଣାରେ ବାଦାମବାଡ଼ି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ବାଖରାବାଦ ଅଞ୍ଚଳର ପପୁ ଓରଫ ଦୀନେଶ ବେହେରା(୨୬)। ଏହି ଘଟଣାରେ ସମ୍ପୃକ୍ତ ଆଉ ୪ ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି।

ସୂଚନା ଅନୁସାରେ ପାଲାମଣ୍ଡପ ଅଞ୍ଚଳରେ ଭଡ଼ାରେ ରହୁଥିବା ଗୀତିକାର ପ୍ରମୋଦ ପରିଡ଼ାଙ୍କୁ ଗତ ଫେବୃଆରୀ ୨୦ରେ ଅପହରଣ କରି ମାଡ଼ ମରାଯାଇଥିଲା। ଅଭିଯୁକ୍ତ ପପୁ ଓ ଅନ୍ୟ ଜଣେ ସହଯୋଗୀ ସେଦିନ ଅପରାହ୍ନରେ ହଠାତ୍ ପ୍ରମୋଦଙ୍କ ଭଡ଼ା ଘରେ ପହଞ୍ଚି କବାଟ ବାଡ଼େଇଥିଲେ। ପ୍ରମୋଦ କବାଟ ଖୋଲିବାରୁ ଦୁହେଁ ତାଙ୍କୁ ମାଡ଼ ମାରିଥିଲେ। ପରେ ବନ୍ଧୁକ ଦେଖାଇ ପ୍ରମୋଦଙ୍କୁ ଗାଡ଼ିରେ ବସାଇ ପୁରୀଘାଟ ଥାନା ଅନ୍ତର୍ଗତ ସନ୍‌ସାଇନ ପଡ଼ିଆ ପାଖ ଏକ ପରିତ୍ୟକ୍ତ ଘରକୁ ନେଇଯାଇଥିଲେ। ସେଠାରେ ଆଉ ୫/୬ ଜଣ ଯୁବକ ମିଶି ପ୍ରମୋଦଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ନାଁରେ ସୋସିଆଲ ମିଡିଆରେ କାହିଁକି ଲେଖୁଛୁ ବୋଲି କହି ଧମକ ଦେଇଥିଲେ। ପୁନର୍ବାର ନ ଲେଖିବାକୁ ସେମାନେ ଚେତାବନୀ ଦେଇଥିଲେ। ପ୍ରମୋଦଙ୍କୁ ଏକ ଦଉଡ଼ିରେ ବାନ୍ଧି ମିଳିତ ଭାବେ ବିଧା, ଗୋଇଠା ମାରିଥିଲେ। ପପୁ ଏକ ଲୁହାରଡ୍ ଆଣି ପ୍ରମୋଦଙ୍କ ମୁଣ୍ଡକୁ ପିଟି ଦେବାରୁ ସେ ବେହୋସ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିଲେ। ତାଙ୍କୁ କାରରେ ବସାଇ ଆଣି ସେମାନେ ପାଲାମଣ୍ଡପ ପାଖ ଭଡ଼ାଘର ପାଖରେ ଛାଡ଼ିଦେଇଯାଇଥିଲେ। ଅଭିଯୁକ୍ତମାନେ ତାଙ୍କ ବେକରୁ ସୁନାଚେନ୍ ଛିଡ଼ାଇ ନେଇଥିଲେ। ପ୍ରମୋଦଙ୍କ ଚେତା ଆସିବା ପରେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପ୍ରମୋଦ ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଆଇଆଇସି ଅଜୟ ରାଉଳଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ୍ ପ୍ରମୋଦଙ୍କ ଘର ବାହାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ବାଖରାବାଦସ୍ଥିତ ପପୁଙ୍କ ଘରେ ପୋଲିସ ଚଢ଼ାଉ କରିଥିଲାବେଳେ ସେ ଫେରାର ହୋଇଯାଇଥିଲେ। ସେବେଠାରୁ ପୋଲିସ ତାଙ୍କୁ ଧରିବା ନିମନ୍ତେ ପ୍ରୟାସ ଚଳାଇଥିଲା। ବିଶେଷସୂତ୍ରରୁ ସୂଚନା ପାଇ ପୋଲିସ ଚନ୍ଦକା ଅଞ୍ଚଳରୁ ଅଭିଯୁକ୍ତ ପପୁଙ୍କୁ ଗିରଫ କରିଛି। ପପୁଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାଉଳ ସୂଚନା ଦେଇଛନ୍ତି।

DSPL-851



ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

## ସଂକ୍ଷେପରେ

### ଦୋକାନ କବାଟ ତାଡ଼ି ସାମଗ୍ରୀ ଚୋରି

ଯୋଗେଶ୍ୱରପୁର, ୧୪।୩ (ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାରରେ ଥିବା କେତେକ ଦୋକାନର କବାଟ ତାଡ଼ି ଇନଭେଟର ଓ ୨ଟି ବ୍ୟାଟେରୀ ଚୋରି କରିନିଆଯାଇଥିବା ନେଇ ବଜାର ସଭାପତି ଫକୀର ବାରିକ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତୁରନ୍ତ ଚୋରଙ୍କୁ ଗିରଫ କରିବା ସହ ନୟାହାଟ ବଜାରରେ ପୋଲି ପାଟ୍ରୋଲିଂ ଜୋରଦାର କରାଯିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

### ବାଦିପାଲା ଉଦ୍‌ଯାପିତ

କଣାସ, ୧୪।୩ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ମଣିଜିପୁର ଗ୍ରାମରେ ଗତ ୮ ତାରିଖଠାରୁ ଚାଲିଥିବା ସତ୍ୟନାରାୟଣ ଦେବଙ୍କ ୩୩ତମ ବାର୍ଷିକ ବାଦିପାଲା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ବାଦିପାଲାରେ ଆଠଗଡ଼ର ଜ୍ଞାନଭୂଷଣ ବିଜୟ କୁମାର ଦାଶ, ପଞ୍ଚାଗାଁର ଗାୟକ ବାଣୀକଣ୍ଠ ରବିନ୍ଦ୍ର ବରିଶଲ୍ୟ ଯୋଗଦେଇ ପାଲା ପରିବେଷଣ କରିଥିଲେ। ଅଞ୍ଚଳବାସୀ ପାଲା ଉପଭୋଗ କରିଥିଲେ। ଗତିଶ୍ୱରଦେବ ସାଂସ୍କୃତିକ ସଂସଦ ଓ ମଣିଜିପୁର ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଦିବ୍ୟାଙ୍ଗ ମହିଳାଙ୍କୁ ସେବାଶ୍ରମରେ ରଖାଇଲେ ସମାଜସେବୀ

କଣାସ, ୧୪।୩ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଜଙ୍କିଆ ବଜାର ଆଖପାଖରେ ଦୀର୍ଘ ବର୍ଷ ଧରି ଜଣେ ଅପରିଚିତା ଅସହାୟ ଦିବ୍ୟାଙ୍ଗ ମହିଳା ବୁଲୁଥିଲେ। ଜଣେ ସମାଜସେବୀ ତାଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଇଥିଲେ। ପୁରୀ ଜିଲା ସାମାଜିକ ସୁରକ୍ଷା ମଙ୍ଗଳ ଅଧିକାରୀ ଉକ୍ତ ମହିଳାଙ୍କୁ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣୀ ୟୁନିଟ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦେବାରୁ ସମାଜସେବୀ ଜଣଙ୍କ ତାଙ୍କୁ ଆଣି ସେଠାରେ ଛାଡ଼ିଛନ୍ତି।

### ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ଅସ୍ତରଙ୍ଗ, ୧୪।୩ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ପଞ୍ଚାୟତ ମଧୁପୁର ଗ୍ରାମର ଶାନ୍ତି ମୁଦୁଲି (୫୩) ସୋମବାର ଅନ୍ୟ ମହିଳାଙ୍କ ସହିତ ସହିତ ନଈ ପାର ହୋଇ ସ୍ଥାନୀୟ ଜଙ୍ଗଲକୁ ଜାଳ ଆଣିବାକୁ ଯିବା ବେଳେ ଅସାବଧାନତା ବଶତଃ ଗଭୀର ଜଳକୁ ଗୋଡ଼ଖସି ଯିବାରୁ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଖବର ପାଇ ନୂଆଗଡ଼ ସାମୁଦ୍ରିକ ଥାନାର ଅତିରିକ୍ତ ଥାନା ଅଧିକାରୀ ଏସ୍. କେ. ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଶରୀର ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଛେଦ ପାଇଁ ପଠାଇଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ବିଦେଶ ମାଟିରେ ଚିତ୍ର ଆଙ୍କୁଛନ୍ତି ୧୫ ଜନଜାତି ଶିଳ୍ପୀ

ଭୁବନେଶ୍ୱର, ୧୪।୩ (ଶର୍ମିଷ୍ଠା ପାଣିଗ୍ରାହୀ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦୁବାଇରେ ୩ଦିନିଆ ଓଡ଼ିଶା ଜନଜାତି ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ୧୫ଜଣ ଜନଜାତି ଶିଳ୍ପୀ ଯୋଗଦେଇ ଆଦିବାସୀ ଜୀବନୀ ଓ ଚାଲିଚଳଣିକୁ ଚିତ୍ର ମାଧ୍ୟମରେ ଅବଗତ କରାଉଛନ୍ତି।

ଭାରତର କନ୍‌ସଲ୍ ଜେନେରାଲ ସତିଶ କୁମାର ଶିବମ୍, ଏକାଡେମୀ ସଭାପତି ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମଥର ଓଡ଼ିଶାର ଜନଜାତି ଚିତ୍ରକଳା ପାଇଁ ବିଦେଶ ମାଟିରେ ଦୁବାଇଠାରେ ପ୍ରଦର୍ଶନ କରିଥିବା ଶିଳ୍ପୀମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି।

ସେମାନେ ହେଲେ ବିନୋଦିନୀ ସିଂହ, ସୁଜନ୍ମତି ଏକା, ଇନ୍ଦିରା ଗମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, ଜୁନେଶ ଗମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀ ଶବର, ସାମସନ୍ ଗମାଙ୍ଗ ଏବଂ ଅନିଲ କେରକେଟା। ଶିଳ୍ପୀମାନେ ହ୍ୟାଟ ପ୍ଲେସ ଦୁବାଇ ଅଲରିଗାଠାରେ ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ପରଜା, ହୋ ଓ କୋହ୍ଲ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି। ଏକାଡେମୀ ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି।

# ୧୬, ୧୭ରେ ଶିବଦର୍ଶନ ଆଧ୍ୟାତ୍ମିକ ମହୋତ୍ସବ



ମହୋତ୍ସବ ସମ୍ପର୍କରେ ବ୍ରହ୍ମକୁମାରୀ ସୁଷମା ଏବଂ ବ୍ରହ୍ମକୁମାରୀ ରଶ୍ମିତା ସୂଚନା ଦେଉଛନ୍ତି।

ଚାରିଛକ, ୧୪।୩ (ଶିଶିର ସ୍ୱାଇଁ)

ଚାରିଛକ ଶାଖା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶିବଦର୍ଶନ ଅଧ୍ୟାତ୍ମିକ ମହୋତ୍ସବ' ଆଗାମୀ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ଗୁରୁବାର ପୁରୀ ଆଶ୍ରମର ମୁଖ୍ୟ ପରିଚାଳିକା ବି.କେ.ମଞ୍ଜୁଙ୍କ ଆହ୍ୱାନ କ୍ରମେ ଆହୂତ ଖବରଦାତା ସମ୍ମିଳନୀରେ ବ୍ରହ୍ମକୁମାରୀ ସୁଷମା ଏବଂ ବ୍ରହ୍ମକୁମାରୀ ରଶ୍ମିତା ସୂଚନା ଦେଇଛନ୍ତି। ଦିବ୍ୟ ଆତ୍ମା ବିଷୟରେ ଶୁଣିବା ଓ ବୁଝିବା ସହିତ ଶିବଦର୍ଶନ ଆଧ୍ୟାତ୍ମିକ ମହୋତ୍ସବକୁ ଉପଭୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏହି ଅବସରରେ ଚାରିଛକ ଉପସେବା କେନ୍ଦ୍ର ପକ୍ଷରୁ ବ୍ରହ୍ମକୁଣ୍ଡି ଗ୍ରାମର ବ୍ରହ୍ମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଧ୍ୟାତ୍ମିକ ସଭା ଆୟୋଜନ କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ନିରଞ୍ଜନ, କୁଳମଣି, ନାରାୟଣ, କେଦାର, ଦୈତାରୀ, ଶ୍ରୀଧର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ମିଶ୍ରଣ ପର୍ବ, ସାଙ୍ଗଠନିକ ବୈଠକ



ପୁରୀ ଜିଲା କୋଣାର୍କ ଏନ୍‌ଏସି ଅଧୀନ ୮ନଂ ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ବସ୍ତିଠାରେ ଗୁରୁବାର ଆୟୋଜିତ କଂଗ୍ରେସର ମିଶ୍ରଣ ପର୍ବ।

କୋଣାର୍କ, ୧୪।୩ (ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା କୋଣାର୍କ ଏନ୍‌ଏସି ଅଧୀନ ୮ନଂ ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ବସ୍ତିଠାରେ ଗୁରୁବାର କୋଣାର୍କ ନଗର କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡିଙ୍କ ଅଧ୍ୟକ୍ଷତାରେ କଂଗ୍ରେସର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ନିଜ ସାଙ୍ଗଠନିକ ଦକ୍ଷତା ବୃଦ୍ଧି କରିବା ଦିଗରେ ପ୍ରୟାସ ଅବ୍ୟାହତ ରଖିଛି। ଏହି ପରିପ୍ରେକ୍ଷୀରେ ୮ନଂ ୱାର୍ଡ ଚନ୍ଦ୍ରଭାଗା ତେଲଗୁ ବସ୍ତିର ୨୦୦ରୁ ଊର୍ଦ୍ଧ୍ୱ ବିଜେଡି ଓ ଭାଜପା କର୍ମୀ ଦଳ ଛାଡ଼ି ପିସିସି ଉପସଭାପତି ବିଶ୍ୱଭୂଷଣ ଦାଶଙ୍କ ଦୃଢ ନେତୃତ୍ୱ ଓ କଂଗ୍ରେସ ନୀତି ଆଦର୍ଶକୁ ପାଥେୟ କରି କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କଂଗ୍ରେସ ନେତା ତଥା ପୂର୍ବତନ ଉପନଗରପାଳ ସୁବୋଧ କୁମାର ଖଟୁଆ, କୋଣାର୍କ ନଗର କଂଗ୍ରେସର ପୂର୍ବତନ ସଭାପତି ଭରତ ଚନ୍ଦ୍ର ପାଢୀ, ଗୋପ ବ୍ଲକ କଂଗ୍ରେସ ସଭାପତି ଭାସ୍କର ଚନ୍ଦ୍ର ସେଠ, ଦେଶପ୍ରାଣ ଲେଙ୍କା, ପୂର୍ବତନ କାଉନସିଲର ବିଜୟ କୁମାର ନନ୍ଦୀ, କାଉନସିଲର ନିହାର ରଞ୍ଜନ ବେଉରା, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଂଯୋଜକ ପ୍ରତାପ କୁମାର କାଣ୍ଡି, ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକ ଉପସ୍ଥିତ ରହି ଦଳରେ ସାମିଲ ହୋଇଥିବା ବିଜେଡି ଓ ଭାଜପା କର୍ମୀଙ୍କୁ ସ୍ୱାଗତ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ, ୧୪।୩ (ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ପରିବେଶ ପାଠ୍ୟକ୍ରମ ଉପରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ପରିବେଶ ଶିକ୍ଷାର ଉଦ୍ଦେଶ୍ୟ, ବାୟୁର ଉପାଦାନ, ଋତୁ ପରିବର୍ତ୍ତନ, ଆମେ କିପରି ଆମକୁ ଶାସନ କରୁ, ଆମ ଦେଶ ଓ ଆମ ପୃଥିବୀ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରକାଶ ଚନ୍ଦ୍ର ଭୋଳ, ଅବନୀ ମଲ୍ଲିକ, ସନ୍ତୋଷ ମିଶ୍ର, ନୃସିଂହ ପୋଲେଇ ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଈ ଶିବିର ପରିଦର୍ଶନ କରି ପ୍ରଶିକ୍ଷଣଲବ୍ଧ ଜ୍ଞାନକୁ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରେଣୀରେ ପ୍ରୟୋଗ କରିପାରିଲେ ଶିବିର ଆୟୋଜନ ସାର୍ଥକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ଷଣ୍ଢମରା ସେତୁ



ଯୋଗେଶ୍ୱରପୁର, ୧୪।୩ (ରଶ୍ମିରଞ୍ଜନ ସାହୁ)

ଯୋଗେଶ୍ୱରପୁର ଦେସ୍ତଲୀ ପଞ୍ଚାୟତ ଦୁର୍ଗେଶ୍ୱରଗଡ଼ ଓ ବିରିତୁଙ୍ଗ ପଞ୍ଚାୟତର ଗଡ଼ କର୍ମଳା ମଧ୍ୟରେ ଥିବା କାଦୁଆ ନଦୀ ଉପରେ ଦୀର୍ଘ ବର୍ଷ ହେଲା ନିର୍ମାଣ ହୋଇଥିବା ଷଣ୍ଢମରା ସେତୁ ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଛି। ଫଳରେ ଏହି ସେତୁର ୨ ପାର୍ଶ୍ୱରେ ଥିବା ବାଡ଼ ଭାଙ୍ଗିଯିବା ସହ ୨ ମୁଣ୍ଡରେ ଦବି ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ବାଟୋଇ ଭୟରେ ଯିବା ଆସିବା କରିଥାନ୍ତି। କେତେବେଳେ କାହାର ଏହି ସେତୁରେ ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ସେତୁ ମରାମତି କରିବା ସହ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବିକରିଛନ୍ତି।

# ବ୍ରହ୍ମଗିରିକୁ ଏନ୍‌ଏସି ଘୋଷଣା ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ

ବ୍ରହ୍ମଗିରି, ୧୪।୩ (ସ୍ୱାଧିନ ଚମ୍ପତିରାୟ)

ବ୍ରହ୍ମଗିରିକୁ ଏନ୍‌ଏସି ଘୋଷଣା ଦାବି ନେଇ ବ୍ରହ୍ମଗିରି ବିକାଶ ମଞ୍ଚ ତରଫରୁ ଗୁରୁବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଆନ୍ଦୋଳନରେ ଅଞ୍ଚଳବାସୀ ତଥା ବୁଦ୍ଧିଜୀବୀ, ଶତାଧିକ ଯୁବକ ସାମିଲ ହୋଇ ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରମାଶଙ୍କର ପାତ୍ର, ବିହାରୀବନ୍ଧୁ ପଲାଇ ଓ ଯୁଧିଷ୍ଠିର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ରାଜ୍ୟର ଅନେକ ଅଞ୍ଚଳକୁ ସରକାର ଏନ୍‌ଏସି ଘୋଷଣା କରିଛନ୍ତି। କିନ୍ତୁ ବ୍ରହ୍ମଗିରି ଏନ୍‌ଏସି ହେବା ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ମଧ୍ୟ ଏହାକୁ ବାଦ୍ ଦିଆଯାଇଛି। ଫଳରେ ବ୍ରହ୍ମଗିରି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବିଧାୟକଙ୍କ ଦ୍ୱାରା ସେତୁ ଲୋକାର୍ପିତ

ପୁରୀ, ୧୪।୩ (ଅଜିତ୍ ମହାନ୍ତି)




ମୂଷା ନଦୀ ଉପରେ ନିର୍ମିତ ସେତୁକୁ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଲୋକାର୍ପଣ କରୁଛନ୍ତି।

ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୁଲ୍ୟରେ ଏନ୍ ଏଚ୍ ୨୦୩ଠାରୁ ନୀଳଚକ୍ର ନଗରକୁ ସଂଯୋଗ କରିବା ପାଇଁ ଏକ ଉଚ୍ଚକ୍ଷମତା ସମ୍ପନ୍ନ ସେତୁ ମୂଷା ନଦୀ ଉପରେ ନିର୍ମାଣ କରାଯାଇଛି। ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସେତୁକୁ ଲୋକାର୍ପଣ କରିଛନ୍ତି। ଏହି ସେତୁ ଦ୍ୱାରା ପୁରୀ ସହର ଓ ଆଖପାଖ ଅଞ୍ଚଳର ଗମନାଗମନ ବ୍ୟବସ୍ଥା ସୁଗମ ହୋଇପାରିବ। ଏହି ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଅଞ୍ଚଳାବସୀ ଦାବି କରିଆସୁଥିଲେ। ଏହି ସେତୁ ନିର୍ମାଣ ଦ୍ୱାରା ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି ବୋଲି ବିଧାୟକ ଷଡଙ୍ଗୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

# ଭାଗ୍ୟବାନ୍ ବ୍ୟକ୍ତି ରକ୍ତଦାନ କରନ୍ତି



ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ଜଣେ ଛାତ୍ର ରକ୍ତଦାନ କରୁଛନ୍ତି।

ସାକ୍ଷୀଗୋପାଳ, ୧୪।୩ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ରେଡକ୍ରସ ଓ ଜାତୀୟ ସେବା ଯୋଜନା ସହଯୋଗରେ ଏକ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ଉଦ୍‌ଘାଟନ କରି ଭାଗ୍ୟବାନ୍ ବ୍ୟକ୍ତି ହିଁ ରକ୍ତଦାନ କରିଥାନ୍ତି ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସମେତ କିଛି ପୋଲିସି କର୍ମଚାରୀ ଏହି ଶିବିରରେ ରକ୍ତଦାନ କରିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ କଟକ ବ୍ଲଡ୍‌ବ୍ୟାଙ୍କର ଡାକ୍ତରମାନେ ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟ ଓଏସ୍‌ଡି ରାଜ କିଶୋର ପତି, ମହେଶ୍ୱର ମିଶ୍ର, ଛାତ୍ର ଶିବ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମରନାଥ ପାଲ, ବିଶ୍ୱଜିତ୍ ପରିଡ଼ା, ଦଶରଥ ମାଝୀ, ସୁନୀଲ ଦେହୁରୀ, ଚିରଞ୍ଜୀବ ସାହୁ, ପୂଜା ବେହେରା, ଶ୍ୟାମୋଲି ଘୋଷ, ନୀଳକଣ୍ଠ ପ୍ରଧାନ, ଶଙ୍କର୍ଷଣ ବାରିକ ପ୍ରମୁଖ ୨୩ ଜଣ ରକ୍ତଦାନ କରିଥିଲେ।

DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

# ଏଟିଏମ୍‌ରେ ଇ-ଡିଭାଇସ୍ ଲଗାଇ ଠକେଇ


ଗିରଫ ଅଭିଯୁକ୍ତ।


ଜବତ ଟଙ୍କା ଓ ଏଟିଏମ୍ କାର୍ଡ।

**ଆନ୍ତଃ ରାଜ୍ୟ ର୍ୟାକେଟ ସମ୍ପୃକ୍ତ, ଜଣେ ଗିରଫ**

- ଡେବିଟ୍ କାର୍ଡର ଚିପ୍ ନେଇ ଲୁଟୁଥିଲେ
- ଆକାଉଣ୍ଟାଣ୍ଟ୍‌ଙ୍କୁ ଫସାଇ ଡେବିଟ୍ କାର୍ଡରୁ ନେଇଥିଲେ ୧.୬୬ ଲକ୍ଷ

ଭୁବନେଶ୍ୱର,୧୪।୩(ସତ୍ୟଜିତ୍ ରାଉତ)

ଏଟିଏମ୍ କାଉଣ୍ଟରରେ ଏବେ ନୂଆ ଧରଣର ଠକେଇ ଚାଲିଛି। ଠକମାନେ ରିମୋଟ୍ କଣ୍ଟ୍ରୋଲ ଇଲେକ୍ଟ୍ରୋନିକ ଡିଭାଇସ୍ ଓ ହେଲ୍ପଲାଇନ୍ ନମ୍ବର ସହାୟତାରେ ଲୋକଙ୍କୁ ଫସାଇବା ସହ ଡେବିଟ୍ କାର୍ଡର ଚିପ୍ ନେଇ ଟଙ୍କା ଲୁଟୁଛନ୍ତି। ଜଣେ ଆକାଉଣ୍ଟାଣ୍ଟଙ୍କଠାରୁ ୧.୬୬ ଲକ୍ଷ ଟଙ୍କା ଠକିନେବା ମାମଲାର ତଦନ୍ତ କରି ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଅସଦ୍ ଅଲ୍ଲୀ (୩୩)। ତାଙ୍କଠାରୁ ମୋବାଇଲ, ୧୧ ଡେବିଟ୍ କାର୍ଡ ଓ ୪୦ ହଜାର ଟଙ୍କା ଜବତ ହୋଇଛି। ଅସଦଙ୍କ ଘର ରାଜ୍ୟ ବାହାରେ ହୋଇଥିବାବେଳେ ତାଙ୍କ ପ୍ରକୃତ ଠିକଣା ଜାଣିବାକୁ ପୋଲିସ ଚେଷ୍ଟା କରୁଛି। କୋର୍ଟଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟ୍‌ରେ ଏଭଳି ଅନେକ ଠକିଥିବା ପୋଲିସ ଜାଣିବାକୁ ପାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ଗିରଫ କରିବାକୁ ଚେଷ୍ଟା ଚାଲିଥିବା ଖବରଦାତା ସମ୍ମିଳନୀରେ ଜୋନ ଏସିପି ଗୌତମ କିଷାନ କହିଛନ୍ତି।

**ଏମିତି ଠକୁଥିଲେ...**

ଏଟିଏମ୍ ଭିତରେ ଏକ ରିମୋଟ୍ କଣ୍ଟ୍ରୋଲ ଡିଭାଇସ୍ ସହ ଏକ ହେଲ୍ପ ଲାଇନ୍ ନମ୍ବର ଲଗାଇ ଜଣେ ଠକ ସେଠାରେ ଜଗି ରହୁଥିଲେ। ଆଖପାଖରେ ଅନ୍ୟମାନେ ମଧ୍ୟ ଲୁଚି ରହୁଥିଲେ। ଫଳରେ ଉକ୍ତ ଏଟିଏମ୍ କାଉଣ୍ଟରରୁ କୌଣସି ବ୍ୟକ୍ତି ଟଙ୍କା ଉଠାଉଥିବାବେଳେ ତାଙ୍କ କାର୍ଡ ଇନ୍‌ଶର୍ଟ ପ୍ୟାନେଲ୍‌ରେ ଲାଖିଯାଉଥିଲା। ଏହି ସମୟରେ ସେଠାରେ ଥିବା ଠକ ଜଣକ ଲଗାଇଥିବା ହେଲ୍ପ ଲାଇନ୍ ନମ୍ବରକୁ କଲ୍ କରିବାକୁ କହୁଥିଲେ। କଲ୍ ରିସିଭ୍ କରୁଥିବା ଅନ୍ୟ ଜଣେ ଠକ ସହାୟତା ବାହାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ତଥ୍ୟ ନେଉଥିଲେ। ଏହି ସମୟରେ ସେଠାରେ ଥିବା ଠକ ଜଣକ ଚତୁରତାର ସହ ଏଟିଏମ୍ କାର୍ଡରେ ଲାଗିଥିବା ଚିପ୍‌କୁ ବାହାର କରି ଅନ୍ୟ ଏକ ଚିପ୍‌କୁ ଲଗାଇ ଦେଉଥିଲେ। ପରେ ସେମାନେ ଉକ୍ତ ଡେବିଟ୍ କାର୍ଡକୁ ଆଉଥରେ ଏଟିଏମ୍‌ରେ ପୂରାଇ ପିନ୍ ନମ୍ବର ଦେବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହୁଥିଲେ। ସେହି ସମୟରେ ଉପସ୍ଥିତ ଠକ ପିନ୍ ନମ୍ବରକୁ ଦେଖିଦେଉଥିଲେ। ବ୍ୟକ୍ତି ଜଣକ ସେଠାରୁ ଚାଲିଯିବା ପରେ ଠକ ଜଣକ ଉକ୍ତ ବ୍ୟକ୍ତିଙ୍କ କାର୍ଡରୁ ପୂର୍ବରୁ ବାହାର କରିଥିବା ଚିପ୍‌କୁ ଅନ୍ୟ ଏକ କାର୍ଡରେ ଲଗାଇ ଉକ୍ତ ପିନ୍ ନମ୍ବର ବ୍ୟବହାର କରି ଟଙ୍କା ଉଠାଇ ନେଉଥିଲେ। ଏଭଳି ଚନ୍ଦକା 'ଏସ୍‌ଓଜି'ର ଆକାଉଣ୍ଟାଣ୍ଟ ଚିନ୍ମୟ କୁମାର ଷଡ଼ଙ୍ଗୀ ଠକେଇର ଶିକାର ହୋଇଥିଲେ। ଚିନ୍ମୟ ସୋମବାର ସନ୍ଧ୍ୟାରେ ଫାୟାରଷ୍ଟେଶନ ନିକଟ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଉଥିବାବେଳେ କାର୍ଡ ଲାଖିଯାଇଥିଲା। ସେହି ସମୟରେ ଉପସ୍ଥିତ ଥିବା ଠକ ଲଗାଇଥିବା ହେଲ୍ପଲାଇନ୍ ନଂ.୬୩୮୯୯୦୯୪୮୧କୁ କଲ୍ କରିବାକୁ କହିଥିଲେ। ଚିନ୍ମୟ କଥା ହେଉଥିବା ସମୟରେ ସେଠାରେ ଥିବା ଅନ୍ୟମାନେ କାରନାମା କରିଦେଇଥିଲେ। ରାତି ୧୦ଟା ୩୦ରେ ଚିନ୍ମୟଙ୍କ ଆକାଉଣ୍ଟରୁ ୧୦ ଥରରେ ଟଙ୍କା ଉଠାଯାଇଥିବା ଜାଣି ଥାନାରେ ଏତଲା ଦେଇଥିଲେ। ପୋଲିସ ମଙ୍ଗଳବାର ଏକ ମାମାଲା (ନଂ.୬୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ସଂକ୍ଷେପରେ**

## ଜମି ଠକେଇ ମାମଲାରେ କନିଷ୍ଠ କିରାଣି ଗିରଫ

ଜଟଣୀ,୧୪।୩(ରବୀନ୍ଦ୍ରନାଥ ମହାକୁଡ଼)

ଜମି ଠକେଇ ମାମଲାରେ ବଡ଼ଗଡ଼ ଥାନା ପୋଲିସ ଗୁରୁବାର ଜଟଣୀ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ ରାଜୀବ ଲୋଚନ ମହାପାତ୍ର(୪୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ଘର ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଦିବାକର ସାହୁ ନାମକ ଜଣେ ଅଭିଯୁକ୍ତଙ୍କର ଖଣ୍ଡଗିରି ଅନ୍ତର୍ଗତ ଦାସପୁର ମୌଜାରେ ଏକ ପ୍ଲଟ ଥିଲା। ସେ କାଞ୍ଚନମ ଆଲେକ୍ସଙ୍କୁ ଏହି ପ୍ଲଟକୁ ବିକ୍ରି କରିଥିବା ବେଳେ ପରବର୍ତ୍ତୀ ସମୟରେ କାଞ୍ଚନମ ଆଲେକ୍ସ ଉକ୍ତ ପ୍ଲଟକୁ ସାବିତ୍ରୀଦେବୀ ଚୌଧୁରୀଙ୍କୁ ବିକ୍ରି କରିଦେଇଥିଲେ। କିନ୍ତୁ ରେକର୍ଡ ଅଫ ରାଇଟ୍ସରେ ଉଭୟଙ୍କ ନାମ ସଂଶୋଧନ ହୋଇ ନ ପାରି, ମୂଳ ଜମି ମାଲିକ ଅଭିଯୁକ୍ତ ଦିବାକର ସାହୁଙ୍କ ନାମରେ ରହିଥିଲା। ଦିବାକର ଏହାର ସୁଯୋଗ ନେଇ ଅନ୍ୟ ଜଣେ ଅଭିଯୁକ୍ତ ହୃଦାନନ୍ଦ ସାହୁଙ୍କ ନାମରେ ପାୱାର ଅଫ ଆର୍ଟର୍ଣ୍ଣି ପ୍ରସ୍ତୁତ କରି ତାଙ୍କୁ ଉକ୍ତ ଜମିକୁ ବିକ୍ରି କରିବା ପାଇଁ ଅଗ୍ରାଧିକାର ଦେଇଥିଲେ। ଏହା ପରେ ହୃଦାନନ୍ଦ ୨୨ଜଣଙ୍କୁ ଉକ୍ତ ପ୍ଲଟଟିକୁ ବିକ୍ରି କରିଥିଲେ। ଅଭିଯୁକ୍ତ ଦିବାକର ଓ ହୃଦାନନ୍ଦଙ୍କୁ ଏହି ଜମି ଠକେଇ ମାମଲାରେ ଉପରୋକ୍ତ ଅଭିଯୁକ୍ତ ରାଜୀବ ଲୋଚନ ସହଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ବଡ଼ଗଡ଼ ପୋଲିସ ପୂର୍ବରୁ ଦିବାକର ଓ ହୃଦାନନ୍ଦଙ୍କୁ ଗିରଫ କରିଥିଲା।

## 'ବସ୍ତର'ର ସ୍ୱତନ୍ତ୍ର ସ୍କ୍ରିନିଂ

ଭୁବନେଶ୍ୱର,୧୪।୩(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶ୍ୱ ସମ୍ବାଦ କେନ୍ଦ୍ର ଓଡ଼ିଶା ଦ୍ୱାରା ହିନ୍ଦୀ ଚଳଚ୍ଚିତ୍ର 'ବସ୍ତର'ର ସ୍ୱତନ୍ତ୍ର ପ୍ରଦର୍ଶନ ସ୍ଥାନୀୟ ଏସ୍‌ପ୍ଲାନେଡ ମଲ୍‌ର ସିନେପଲିସି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ। ମାଓବାଦୀଙ୍କ ଦ୍ୱାରା ଛତିଶଗଡ଼ ଜିଲାର ବସ୍ତର ଅଞ୍ଚଳରେ ରାଷ୍ଟ୍ର ବିରୋଧୀ ଗତିବିଧିର ସୁଚିନ୍ତିତ ରଣକୌଶଳ ଏହି ଚଳଚ୍ଚିତ୍ରର ମୁଖ୍ୟ ବିଷୟ ଥିଲା। ଏଥିରେ କଳାକାରଙ୍କ ଅଭିନୟ ଅତି ଉଚ୍ଚକୋଟୀର ଥିଲା। ପ୍ରେକ୍ଷାଳୟରେ ସମସ୍ତ ଦର୍ଶକ ଚଳଚ୍ଚିତ୍ର




ଓ ଅଭିନୟକୁ ପ୍ରଶଂସା କରିଥିଲେ। ଚର୍ଚ୍ଚିତ ଚଳଚ୍ଚିତ୍ର 'ଦି କେରଳା ଷ୍ଟୋରି' ନିର୍ମାଣ କରିଥିବା ପ୍ରଯୋଜନା ସଂସ୍ଥା ଏହି ଚଳଚିତ୍ରର ନିର୍ମାଣ କରିଛନ୍ତି। ନିର୍ଦ୍ଦେଶକ ସୁଦୀପ୍ତ ସେନ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଚଳଚ୍ଚିତ୍ରରେ ଆଦା ଶର୍ମା, ଯଶପାଲ ଶର୍ମା, ରାଇମା ସେନ, ଶିଳ୍ପା ଶୁକ୍ଳା ପ୍ରମୁଖ କଳାକାରମାନେ ଅଭିନୟ କରିଛନ୍ତି।



ବାଲିଯାତ୍ରା ଉପର ପଡ଼ିଆରେ ଗୁରୁବାର ଉଦ୍‌ଘାଟିତ ଅନ୍ତର୍ଜାତୀୟ କଟକ ବୈଶାଖୀ ବାଣିଜ୍ୟମେଳାରେ ଯୁବତୀମାନେ କିଣାକିଣି କରୁଛନ୍ତି।

# ଅନ୍ତର୍ଜାତୀୟ କଟକ ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟିତ

**କଟକର ନିଆରା ପରିଚୟ ସୃଷ୍ଟି କରିଛି ବାଣିଜ୍ୟ ମେଳା**

କଟକ, ୧୪।୩ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ଉପର ପଡିଆରେ ଗୁରୁବାର ୨୦ତମ ଅନ୍ତର୍ଜାତୀୟ କଟକ ବୈଶାଖୀ ବାଣିଜ୍ୟମେଳା ଉଦ୍‌ଘାଟିତ ହୋଇଯାଇଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ କହିଛନ୍ତି, କଟକର ନିଆରା ପରିଚୟ ସୃଷ୍ଟି କରିଛି ବାଣିଜ୍ୟ ମେଳା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ, ରୁଚି ମସଲାର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ଉପଦେଷ୍ଟା ସୌମେନ୍ଦ୍ର ଘୋଷ, ନିରାମୟ କେନ୍ଦ୍ରର ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ମେଳାର ସଂଯୋଜକ ଦେବୀପ୍ରସାଦ ଦାଶ, ଦିଲୀପ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ ଓ ସଞ୍ଜୀବ ବେହେରା ଯୋଗଦେଇଥିଲେ। ବାଣିଜ୍ୟ ମେଳା କମିଟି ଅଧ୍ୟକ୍ଷ ତଥା ବିଜେଡି ନଗର ସଭାପତି ମଧୁସୂଦନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସୌଭାଗିନୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ମେଳାରେ ମୋଟ ୫୭୦ ଷ୍ଟଲ ଖୋଲାଯାଇଛି। ବାହ୍ୟ ରାଷ୍ଟ୍ର ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୨୦୦ ବ୍ୟବସାୟୀ ଏଥିରେ ସାମିଲ ହୋଇଛନ୍ତି। ମେଳାରେ ସ୍ୱତନ୍ତ୍ରଭାବେ ଖୋଲାଯାଇଥିବା ଫୁଡ୍‌କୋର୍ଟରେ ୪୦ଟି ଖାଦ୍ୟଷ୍ଟଲ ରହିଛି। ବୈଶାଖୀ ସାଂସ୍କୃତିକ ମଞ୍ଚରେ ଓଡ଼ିଶୀ ନୃତ୍ୟଗୁରୁ ରମାକାନ୍ତ ସାହୁ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଗୁରୁ ନୃସିଂହ ଚରଣ ସାହୁଙ୍କ ନିର୍ଦ୍ଦେଶନାରେ ନବ କଳିକା ଅନୁଷ୍ଠାନର ଶିଳ୍ପୀମାନେ ସମବେତ ସଙ୍ଗୀତ ଗାନ କରିଥିଲେ। ଏଥିସହ ଲକ୍ଷ୍ମୀ ଡ୍ୟାନ୍ସ ଗ୍ରୁପ୍, ଗ୍ଲିଟର ଷ୍ଟାର୍ ଡ୍ୟାନ୍ସ ଗ୍ରୁପ୍ ଏବଂ ମମତା ଡ୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ, ଦେଶାତ୍ମବୋଧ ନୃତ୍ୟ ପରିବେଷଣ କରିଥିଲେ। ରୁଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବି ଟ୍ରମା କାଜୁଆଲ୍‌ଟିରେ ହେବ ଅଗ୍ନି ନିରାପତ୍ତା ବ୍ୟବସ୍ଥା

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ। ଏ ବାବଦରେ ୧ କୋଟି ୩୬ ଲକ୍ଷ ୭୯ ହଜାର ୭୩୬ ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ନିକଟକୁ ଏ ନେଇ ଗୁରୁବାର ମେଡିକାଲରୁ ଚିଠି ଆସିଛି। ସୂଚନା ଅନୁଯାୟୀ, ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ହାଇକୋର୍ଟରେ ମାମଲା ଚାଲିଛି। ଏହି ମାମଲାରେ ଅଗ୍ନିଶମ ଡିଜି ଏବଂ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ସମେତ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ କୋର୍ଟରେ ହାଜର ହୋଇଥିଲେ। ମାମଲା ବିଚାରାଧୀନ ଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟ୍ରମା କାଜୁଆଲ୍‌ଟିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନିମନ୍ତେ ଟଙ୍କା ମଞ୍ଜୁର କରିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମିତାଂଶୁ


@ ଦୁଃଶାସନ


@ କାହ୍ନା


@ ନରେଶ


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ସିବିରେ ହୋଇପାରିଲାନି ଯକୃତ ପ୍ରତିରୋପଣ

କଟକ,୧୪।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମଡ୍ୟୁଲାର ଓଟି ପ୍ରସ୍ତୁତ ହୋଇ ରହିଛି। ପ୍ରତିରୋପଣ ନିମନ୍ତେ ଆବଶ୍ୟକ ସମସ୍ତ ଉପକରଣ ପହଞ୍ଚି ସାରିଛି। କିଛି ଦିନ ପୂର୍ବେ ଟେଣ୍ଡର ମାଧ୍ୟମରେ ଏସବୁ ଉପକରଣ କିଣାଯାଇଥିଲା। ମେଡିକାଲର ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି, ଗୁରୁବାର ରୋଗୀଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯାଇଥାଆନ୍ତା। ହେଲେ କୌଣସି କାରଣ ପାଇଁ ତାହା ହୋଇପାରିଲା ଏପରି କି ହାଇଦ୍ରାବାଦର ଏଆଇଜି ଟିମ୍ ପହଞ୍ଚିଲା ନାହିଁ। ଅପରପାର୍ଶ୍ୱରେ ପ୍ରତିରୋପଣ ନିମନ୍ତେ ଯକୃତ ରୋଗୀ ଏବଂ ଦାତା ମଧ୍ୟ ଚୂଡ଼ାନ୍ତ ହୋଇ ସାରିଛନ୍ତି। ଏମାନଙ୍କୁ ୱାର୍ଡରେ ରଖାଯାଇଛି। ତେବେ ଆସନ୍ତା ସପ୍ତାହରେ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ହେବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘବର୍ଷ ହେବ ଯକୃତ ପ୍ରତିରୋପଣ ନିମନ୍ତେ ଉଦ୍ୟମ କରାଯାଉଛି। ରାଜ୍ୟ ସରକାର ଏ ବାବଦରେ କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି।

# ବରୁଣେଇ ପୀଠର ବିକାଶ କାର୍ଯ୍ୟ ସମୀକ୍ଷାକଲେ ୫-ଟି ଅଧ୍ୟକ୍ଷ

**କପିଳେଶ୍ୱର ମନ୍ଦିରର ଉନ୍ନତୀକରଣ ହେବ**

ଖୋର୍ଦ୍ଧା/ପୁରୁଣା ଭୁବନେଶ୍ୱର, ୧୪।୩(ପ୍ରଭାତ ପାଣିଗ୍ରାହୀ/ ସୁବାସ ଚନ୍ଦ୍ର ପ୍ରଧାନ)

ରାଜ୍ୟର ବିଭିନ୍ନ ପୀଠ ଓ ପ୍ରସିଦ୍ଧ ସ୍ଥାନ ୫-ଟିରେ ରୂପାନ୍ତରିତ ହେବା ସହ ସୌନ୍ଦର୍ଯ୍ୟକରଣ ହେଉଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭୋରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଖୋର୍ଦ୍ଧାର ବରୁଣେଇ ପୀଠ ଗସ୍ତ କରିଥିଲେ। ସେ ମନ୍ଦିରରେ ପହଞ୍ଚିବା ପରେ ମା'ଙ୍କ ଦର୍ଶନ ସହ ବେଢ଼ା ପରିକ୍ରମା କରିଥିଲେ। ଏଥିସହ ମନ୍ଦିରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବରିଷ୍ଠ ଅଧିକାରୀ, ମନ୍ଦିର ସେବାୟତ ଓ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଭକ୍ତଙ୍କୁ ସର୍ବୋତ୍ତମ ସେବା ଯୋଗାଇଦେବା ପାଇଁ କହିଥିଲେ। ପାଣ୍ଡିଆନ ମନ୍ଦିର ଚାରିପାଖ ବୁଲି ଦେଖିବା ସହ ପୀଠରେ ଥିବା ସୀତାକୁଣ୍ଡ, ବରୁଣେଇ ପାହାଡ଼ ଶିଖରକୁ ଯିବା ପାଇଁ ରାସ୍ତା, ରୋପୱେ ଆଦି କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମନ୍ଦିର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ଗୁଣବତ୍ତାକୁ ଆଧାର କରି କାମ ସାରିବାକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ବି.ଯୁଗଳ କିଶୋର କୁମାରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବରୁଣେଇ ମନ୍ଦିରର ରୂପାନ୍ତରଣ ସମୀକ୍ଷା ପରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭୁବନେଶ୍ୱର କପିଳେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ଠାକୁରଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ସେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ମନ୍ଦିର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ମନ୍ଦିରର ଉନ୍ନତୀକରଣ ସହ ଭକ୍ତଙ୍କ ସୁବିଧା, ଐତିହ୍ୟ ଓ ସଂସ୍କୃତିର ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନିକଟ ପୁଷ୍କରିଣୀର ବିକାଶ ସହ ସାମଗ୍ରିକ ଉନ୍ନତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥଠାରୁ କପିଳେଶ୍ୱର ମନ୍ଦିରକୁ ରାସ୍ତା ନିର୍ମାଣ କାମ ଆରମ୍ଭ କରିବା ଏବଂ ଜବରଦଖଲରେ ଥିବା ଠାକୁରଙ୍କ ଜମିକୁ ଫେରାଇ ଆଣିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ୫-ଟି ଅଧ୍ୟକ୍ଷ। ଏହି ଗସ୍ତ ବେଳେ ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ସେବାୟତ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



# ଲୁଟ୍‌ର ଶିକାର ପର୍ଯ୍ୟଟକ ସ୍ୱଦେଶ ଫେରିଲେ

- ନେଦରଲାଣ୍ଡରୁ ପୁରୀ ବୁଲିବାକୁ ଆସିଥିଲେ
- ଅଭିଯୁକ୍ତ ଟ୍ୟାକ୍ସି ଡ୍ରାଇଭର ସାଗର ମଲ୍ଲିକ ଗିରଫ

ପୁରୀ,୧୪।୩(ଅଜିତ୍ ମହାନ୍ତି)

ନେଦରଲାଣ୍ଡରୁ ଓଡ଼ିଶା ବୁଲିବାକୁ ଆସି ପୁରୀରେ ଲୁଟ୍‌ର ଶିକାର ହୋଇଥିବା ପର୍ଯ୍ୟଟକ ଆନ୍ଥୋନୀ ଭ୍ୟାନ ଅର୍କେଲ ଶେଷରେ ପ୍ରଶାସନ ସହଯୋଗରେ ନିଜ ଦେଶକୁ ଫେରିଛନ୍ତି। ଗୁରୁବାର ସେ ଭୁବନେଶ୍ୱରରୁ ବିମାନ ଯୋଗେ ନାଗପୁର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ସେ ନେଦରଲାଣ୍ଡକୁ ବିମାନ ଯୋଗେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଆନ୍ଥୋନୀଙ୍କୁ ସ୍ୱଦେଶକୁ ପଠାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପୋଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ସାଗର ମଲ୍ଲିକଙ୍କୁ ଗିରଫ କରିବା ସହ ୩୦ ହଜାର ଟଙ୍କା ଓ କିଛି ସାମଗ୍ରୀ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଗତ ଡିସେମ୍ବରରେ ଆନ୍ଥୋନୀ ନେଦରଲାଣ୍ଡରୁ ଆସି ନାଗପୁରରେ ପହଞ୍ଚିଥିଲେ। ପରେ ଜାନୁଆରୀ ୧୦ରେ ପୁରୀ ବୁଲିବାକୁ ଆସି ଏକ ହୋଟେଲରେ ରହିଥିଲେ। ପରଦିନ ସେ ଭିତରକନିକା ଅଭୟାରଣ୍ୟ ବୁଲିବା ପାଇଁ ଏକ ଟ୍ୟାକ୍ସି ଭଡ଼ା କରି ଯାଉଥିଲେ। ଚାନ୍ଦବାଲି ନିକଟରେ ତାଙ୍କୁ ପରିସ୍ରା ଲାଗିବାରୁ ସେ ଗାଡ଼ିରୁ ଓହ୍ଲାଇଥିଲେ। ଏହି ସୁଯୋଗରେ ସମ୍ପୃକ୍ତ କାର୍ ଡ୍ରାଇଭର ତାଙ୍କର ୩ ଲକ୍ଷ ୫୦ ହଜାର ଟଙ୍କା, ମୁଦି, କ୍ୟାମେରା ଆଦି ଚୋରି କରିନେଇଥିଲେ। ଏପରିକି ତାଙ୍କୁ ଭୁବନେଶ୍ୱର ଓ ପୁରୀରେ ଘରେ ତାଲା ପକାଇ ରଖିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି। ପରେ ଆନ୍ଥୋନୀଙ୍କୁ ବଳିଆପଣ୍ଡା ଅଞ୍ଚଳରେ ଛାଡ଼ି ଡ୍ରାଇଭର ଚମ୍ପଟ ମାରିଥିଲେ। ଆନ୍ଥୋନୀ ଅସହାୟ ଅବସ୍ଥାରେ ବୁଲୁଥିବାବେଳେ କେତେଜଣ ସମାଜସେବୀ ତାଙ୍କୁ ଉଦ୍ଧାର କରି ନୀଳାଦ୍ରି ନିଳୟ ସହରାଞ୍ଚଳ ଆଶ୍ରୟସ୍ଥଳୀରେ ନେଇ ରଖାଇଥିଲେ। ତେବେ ସେ ବିଭିନ୍ନ ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ତାଙ୍କ ଅଭିଯୋଗପତ୍ର ଗ୍ରହଣ କରି ନ ଥିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ଡାନିଏଲ ନାୟକ ଓ ଖବରଦାତା ବିଷ୍ଣୁଦତ୍ତ ଦାସ ଖବରଦାତା ସମ୍ମିଳନୀ ମାଧ୍ୟମରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନ ତାଙ୍କର ଚିକିତ୍ସା କରାଇବା ସହ ପାନ୍ଥନିବାସ ଓ ପରେ ସର୍କିଟ ହାଉସରେ ରଖାଇଥିଲା। ସେହିପରି ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୩୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସେ କିପରି ତାଙ୍କ ସାମଗ୍ରୀ ଫେରିପାଇବେ ଓ ସ୍ୱଦେଶ ଫେରିବେ ସେନେଇ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଥିଲା। ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଆନ୍ଥୋନୀ ସ୍ୱଦେଶ ଫେରିଯିବା ପାଇଁ ତାଙ୍କର ବିମାନ ଟିକେଟ କରାଯାଇ ତାଙ୍କୁ ନାଗପୁର ପଠାଯାଇଛି। ସେଠାରୁ ସେ ବିମାନ ଯୋଗେ ନେଦରଲାଣ୍ଡ ଯିବେ। ସେଠାକାର ଆମ୍ବାସୀ ସହ ଯୋଗାଯୋଗ କରାଯାଇଛି। ସେହିପରି ଏସ୍‌ପି ପିନାକ ମିଶ୍ର କହିଛନ୍ତି, ସମ୍ପୃକ୍ତ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଜିନିଷ ଜବତ ହେବା ପରେ ଆମ୍ବାସୀ ସହ ଯୋଗାଯୋଗ କରାଯାଇ ଫେରସ୍ତ କରାଯିବ। ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଅନ୍ୟପକ୍ଷରେ ସହଯୋଗ ପାଇଁ ପୁରୀ ପ୍ରଶାସନ, ପୋଲିସ, ଗଣମାଧ୍ୟମ ଏବଂ ବ୍ୟକ୍ତିବିଶେଷଙ୍କୁ ଆନ୍ଥୋନୀ ଧନ୍ୟବାଦ ଜଣାଇଛନ୍ତି।


ପୁରୀ ଛାଡ଼ିବା ପୂର୍ବରୁ ପ୍ରଶାସନିକ ଅଧିକାରୀଙ୍କ ସହ ନେଦରଲାଣ୍ଡର ଆନ୍ଥୋନୀ ଭ୍ୟାନ ଅର୍କେଲ।

# ଏକସଙ୍ଗେ ନିର୍ବାଚନ ପାଇଁ କୋବିନ୍ଦ କମିଟିର ସୁପାରିସ

## ଗୋଟିଏ ଭୋଟର ତାଲିକା ପ୍ରସ୍ତୁତ ହେବ

## ଝୁଲା ପାର୍ଲାମେଣ୍ଟ ହେଲେ ସାନି ନିର୍ବାଚନ ହେବ



ୱାନ୍ ନେଶନ୍ ୱାନ୍ ଇଲେକ୍ସନ୍ କମିଟି ଅଧ୍ୟକ୍ଷ ରାମନାଥ କୋବିନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି।

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଗୁରୁବାର କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛି। ଏହାର ୧୦୦ ଦିନ ମଧ୍ୟରେ ପୌର ଓ ପଞ୍ଚାୟତ ନିର୍ବାଚନ କରାଇବା ପାଇଁ କୁହାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କମିଟି ପ୍ରଦାନ କରିଥିବା ୧୮,୦୦୦ ପୃଷ୍ଠାର 'ୱାନ୍ ନେଶନ ୱାନ୍ ଇଲେକ୍ସନ' ରିପୋର୍ଟରେ କୁହାଯାଇଛି, ଏକସଙ୍ଗେ ନିର୍ବାଚନ ହେଲେ ଦେଶର ବିକାଶ ଓ ସାମାଜିକ ଏକତାକୁ ପ୍ରୋତ୍ସାହିତ କରିବା ସହ ଗଣତାନ୍ତ୍ରିକ ଦିଶାନିର୍ଦ୍ଦେଶକୁ ଦୃଢ଼ କରିବ ଏବଂ ଇଣ୍ଡିଆ ତଥା ଭାରତର ଆଶା ଆକାଂକ୍ଷାକୁ ବୁଝିବା ସହଜ ହେବ।

କୌଣସି ଦଳକୁ ପୂର୍ଣ୍ଣ ବହୁମତ ନ ମିଳି ଝୁଲା ଲୋକ ସଭା ହେଲେ କିମ୍ବା ଅନାସ୍ଥା ପ୍ରସ୍ତାବ ଅଥବା ସେଭଳି କିଛି ସମସ୍ୟା ଦେଖାଦେଲେ, ସାନି ନିର୍ବାଚନ କରାଯାଇପାରିବ ବୋଲି କମିଟି ସୁପାରିସ କରିଛି। ମଧ୍ୟବର୍ତ୍ତୀ ସମୟରେ ସାନି ନିର୍ବାଚନ ହେଲେ ଲୋକ ସଭାର କାର୍ଯ୍ୟକାଳ ଅବଶିଷ୍ଟ ଅବଧି ଯାଏ କାଏମ ରହିବ। ସେହିପରି କୌଣସି ରାଜ୍ୟ ବିଧାନସଭା ପାଇଁ ସାନି ନିର୍ବାଚନ ହେଲେ ଏହାର କାର୍ଯ୍ୟକାଳ ଲୋକ ସଭାର ପୂର୍ଣ୍ଣ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ରହିବ। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ, ସମ୍ବିଧାନର ଅନୁଚ୍ଛେଦ ୮୩(ପାର୍ଲାମେଣ୍ଟର କାର୍ଯ୍ୟକାଳ) ଏବଂ ଅନୁଚ୍ଛେଦ ୧୭୨(ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳ)ରେ ସଂଶୋଧନ ହେବା ଆବଶ୍ୟକ ବୋଲି କମିଟି କହିଛି। ଉକ୍ତ ସମ୍ବିଧାନ ସଂଶୋଧରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ହେବନାହିଁ।

ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷମାନଙ୍କ ସହ ପରାମର୍ଶ କରି ଭାରତର ନିର୍ବାଚନ କମିଶନ (ଇସିଆଇ) ଗୋଟିଏ ଭୋଟର ତାଲିକା ଏବଂ ଭୋଟର ପରିଚୟପତ୍ର ପ୍ରସ୍ତୁତ କରିବାକୁ କମିଟି ସୁପାରିସ କରିଛି। ଏଥିପାଇଁ ଉଦ୍ଦିଷ୍ଟ ଅନୁଚ୍ଛେଦ ୩୨୫ରେ ଆବଶ୍ୟକ ସଂଶୋଧନ କରାଯାଇପାରିବ ବୋଲି କମିଟି କହିଛି। ବର୍ତ୍ତମାନ ଇସିଆଇ ଲୋକ ସଭା ଏବଂ ବିଧାନସଭାଗୁଡ଼ିକର ନିର୍ବାଚନ କରାଉଥିବାବେଳେ ରାଜ୍ୟ ନିର୍ବାଚନ କର୍ତ୍ତୃପକ୍ଷ ପୌର ପଞ୍ଚାୟତ ନିର୍ବାଚନ କରାଇଥାନ୍ତି। କମିଟି ଅନେକ ସମ୍ବିଧାନ ସଂଶୋଧନ ପାଇଁ ସୁପାରିସ କରିଥିବାବେଳେ ସେଥିରୁ ଅଧିକାଂଶ କ୍ଷେତ୍ରରେ ରାଜ୍ୟଗୁଡ଼ିକର ସମର୍ଥନ ଆବଶ୍ୟକ ପଡ଼ିବ ନାହିଁ।

କମିଟିର କହିବା ଅନୁଯାୟୀ ପ୍ରତିବର୍ଷ ଏକାଧିକ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ସରକାରଙ୍କ ଉପରେ ଅତ୍ୟଧିକ ବୋଝ ପଡୁଛି। ନିର୍ବାଚନରେ ଭାଗନେଉଥିବା ରାଜନୈତିକ ଦଳ, ପ୍ରାର୍ଥୀଙ୍କ ସମେତ ବ୍ୟବସାୟୀ, ସିଭିଲ୍ ସୋସାଇଟି ସମସ୍ତଙ୍କ ଉପରେ ଆର୍ଥିକ ଚାପ ପଡୁଛି। ଏହାକୁ ବନ୍ଦ କରି ଏକସଙ୍ଗେ ନିର୍ବାଚନ ପାଇଁ ସରକାର ଆଇନସଙ୍ଗତ ବ୍ୟବସ୍ଥାର ବିକାଶ କରିବା ଆବଶ୍ୟକ ବୋଲି କମିଟି କହିଛି। କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ 'ୱାନ୍ ନେଶନ ୱାନ୍ ଇଲେକ୍ସନ' କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ଅର୍ଥ କମିଶନ ଅଧ୍ୟକ୍ଷ ଏନ୍.କେ. ସିଂ, ପୂର୍ବତନ ଲୋକ ସଭା ମହାସଚିବ ସୁଭାଷ କାଶ୍ୟପ, ରାଜ୍ୟ ସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ଏବଂ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସଦସ୍ୟ ରହିଛନ୍ତି। ୨୦୨୩ ସେପ୍ଟେମ୍ବର ୨ରେ କମିଟି ଗଠନ କରାଯାଇଥିଲା। କମିଟି ଜର୍ମାନୀ, ଦକ୍ଷିଣ ଆଫ୍ରିକା, ସୁଇଡେନ୍, ବେଲ୍‌ଜିୟମ, ଜାପାନ, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସର ନିର୍ବାଚନ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ୧୯୧ ଦିନ ଧରି ଅନେକ ବିଶେଷଜ୍ଞ ଏବଂ ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ବିସ୍ତୃତ ବିଚାରବିମର୍ଶ ପରେ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି। ପରାମର୍ଶ ସମୟରେ ୩ ଜଣ ପୂର୍ବତନ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଜଣେ ରାଜ୍ୟ ନିର୍ବାଚନ କମିଶନର ଏକସଙ୍ଗେ ନିର୍ବାଚନ ଚିନ୍ତାଧାରାକୁ ବିରୋଧ କରିଥିଲେ। ସେମାନେ ହେଲେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ପ୍ରକାଶ ଶାହ, କାଲ୍‌କାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗିରୀଶ ଚନ୍ଦ୍ର ଗୁପ୍ତା, ମାଡ୍ରାସ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଏବଂ ତାମିଲନାଡୁର ନିର୍ବାଚନ କମିଶନର ଭି. ପାଲାନିକୁମାର।

## ଶରଦ ପାୱାରଙ୍କ ନାଁ, ଫଟୋ ବ୍ୟବହାର କରନାହିଁ

### ଅଜିତ ଗୋଷ୍ଠୀକୁ ସୁପ୍ରିମକୋର୍ଟଙ୍କ ତାଗିଦା

ନୂଆଦିଲ୍ଲୀ,୧୪।୩ (ପି.ଟି.)

ରାଜନୈତିକ ଫାଇଦା ପାଇଁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀ ବରିଷ୍ଠ ନେତା ଶରଦ ପାୱାରଙ୍କ ନାମ ଏବଂ ଫଟୋକୁ ବ୍ୟବହାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ଅଜିତଙ୍କ ନେତୃତ୍ୱାଧୀନ ବିରୋଧୀ ଗୋଷ୍ଠୀ ରାଜନୈତିକ ଫାଇଦା ପାଇଁ ପାୱାରଙ୍କ ଲୋକପ୍ରିୟତାର ଦୁରୁପଯୋଗ କରୁଥିବା ଅଭିଯୋଗ ଉପରେ ସର୍ବୋଚ୍ଚ ଅଦାଲତ ଜବାବ ମାଗିଛନ୍ତି। ଶରଦ ପାୱାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ଉପସ୍ଥିତ ରହି କହିଥିଲେ, ମରାଠା ଷ୍ଟ୍ରଲୱାର୍ଟଙ୍କ ନାଁ ଓ ଫଟୋକୁ ଅଜିତ ଗୋଷ୍ଠୀର ଏନ୍‌ସିପି ପୋଷ୍ଟରରେ ବ୍ୟବହାର କରୁଛି। ମୂଳ ଏନ୍‌ସିପିରୁ ଅଲଗା ହୋଇଯିବା ପରେ କେବଳ ନିଜ ପରିଚୟକୁ ବ୍ୟବହାର କରିବାକୁ ହେବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ କେ.ଭି. ବିଶ୍ୱନାଥନ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ କହିଛନ୍ତି। ଆଉ ଶରଦ ପାୱାରଙ୍କ ନାଁ ଓ ଫଟୋ ବ୍ୟବହାର ନ କରିବାକୁ ନିଃସର୍ତ୍ତ ଲିଖିତ ପ୍ରତିଶ୍ରୁତି ସହ ସତ୍ୟପାଠ ଶନିବାର ସୁଦ୍ଧା ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ୧୮ ଓଟିଟି, ୧୦ ଆପ୍ ଓ ୧୯ ୱେବ୍‌ସାଇଟ୍ ବ୍ୟାନ୍

ନୂଆଦିଲ୍ଲୀ, ୧୪।୩

ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ଅଶ୍ଳୀଳ କଣ୍ଟେଣ୍ଟକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାରା ଦେଶରେ ୧୮ଟି ଓଟିଟି ପ୍ଲାଟଫର୍ମ ଓ ଏହା ସହ ସମ୍ବନ୍ଧିତ ଥିବା ୫୭ଟି ସୋସିଆଲ ମିଡିଆ ହ୍ୟାଣ୍ଡେଲ, ୧୯ଟି ୱେବ୍‌ସାଇଟ୍ ଓ ୧୦ଟି ଆପ୍‌କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷିଦ୍ଧ କରାଯାଇଛି। ଆଇଟି ଆକ୍ଟର ଧାରା ୬୭ ଓ ୬୭ଏ, ଆଇପିସିର ଧାରା ୨୯୨ ଏବଂ ଇଣ୍ଡିପେଣ୍ଡେଣ୍ଟ ରିପ୍ରେଜେଣ୍ଟେସନ୍ ଅଫ୍ ଓମେନ୍ (ପ୍ରୋହିବିଜନ୍) ଆକ୍ଟ,୧୯୮୬ର ସେକ୍ସନ ୪ ଅନୁଯାୟୀ ଏହି ପ୍ଲାଟଫର୍ମ ଗୁଡ଼ିକର କଣ୍ଟେଣ୍ଟ୍ ନିୟମ ଉଲ୍ଲଙ୍ଘନ କରୁଥିଲା। ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ଗଣମାଧ୍ୟମ, ମନୋରଞ୍ଜନ ଓ ମହିଳା ଏବଂ ଶିଶୁ ଅଧିକାର କ୍ଷେତ୍ରରେ ବିଭିନ୍ନ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ସୂଚନା ପ୍ରଯୁକ୍ତିବିଦ୍ୟା ଅଧିନିୟମ, ୨୦୦୦ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। ବ୍ୟାନ୍ କରାଯାଇଥିବା ଓଟିଟି ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଡ୍ରିମ୍ ଫିଲ୍ମସ, ୟେସ୍‌ମା, ଅନ୍‌କଟ୍ ଆଡ୍ଡା, ଟ୍ରାଇ ଫ୍ଲିକ୍ସ, ଏକ୍ସ ପ୍ରାଇମ, ମୁଡ୍ ଏକ୍ସ, ମୋଜ୍ ଫ୍ଲିକ୍ସ, ପ୍ରାଇମ ପ୍ଲେ ଓ ଅନ୍ୟାନ୍ୟ ପ୍ଲାଟଫର୍ମ ସାମିଲ ରହିଛି। ଏହିସବୁ ପ୍ଲାଟଫର୍ମ ବିଭିନ୍ନ ଅଶ୍ଳୀଳ, ଆପତ୍ତିଜନକ, ଯୌନ କାର୍ଯ୍ୟକଳାପ ଆଦି କଣ୍ଟେଣ୍ଟ୍ ପ୍ରସାରଣ କରିଥିବାରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

## ମମତା ବାନାର୍ଜୀ ଆହତ



କୋଲକାତା,୧୪।୩ (ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ସନ୍ଧ୍ୟାରେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତୃଣମୂଳ କଂଗ୍ରେସ ପକ୍ଷରୁ କୁହାଯାଇଛି। ୬୯ ବର୍ଷୀୟା ଟିଏମ୍‌ସି ନେତ୍ରୀ ଏକ କାର୍ଯ୍ୟକ୍ରମରୁ ଫେରିବା ପରେ ଦକ୍ଷିଣ କୋଲକାତାର କାଳୀଘାଟସ୍ଥିତ ବାସଭବନରେ ପଡ଼ିଯିବାରୁ କପାଳରେ ଆଘାତ ଲାଗିଥିଲା। ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ମମତାଙ୍କୁ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

## ୪୦୦ କୋଟି ସଂଗ୍ରହ ଲାଗି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଛି ଭାଜପା

### କଂଗ୍ରେସର ଅଭିଯୋଗ

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଭାଜପା ୪୫ଟି କମ୍ପାନୀରୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୪୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରିଥିବା କଂଗ୍ରେସ ଗୁରୁବାର ଅଭିଯୋଗ ଆଣିଛି। ଏହିସବୁ କମ୍ପାନୀ ଉପରେ ଚଢ଼ାଉ ପରେ ସେମାନେ ଭାଜପାକୁ ଚାନ୍ଦା ଦେଇଥିଲେ। ଗଣତନ୍ତ୍ର ବିଷୟରେ ଚିନ୍ତା କରୁଥିଲେ ଭାଜପା ଏହାର ପାଣ୍ଠି ସଂଗ୍ରହ ଉପରେ ଏକ ଶ୍ୱେତପତ୍ର ଆଣୁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏକ ଗଣମାଧ୍ୟମ ରିପୋର୍ଟକୁ ଦେଖାଇ ସେ କହିଛନ୍ତି, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଚଢ଼ାଉ ପରେ ଆଉ ୧୫ଟି କମ୍ପାନୀ ଭାଜପାକୁ ଚାନ୍ଦା ଦେଇଥିବା ଏକ ସାନି ତଦନ୍ତରୁ ଜଣାପଡ଼ିଛି। ଅଧିକ ଚାନ୍ଦା ପାଇବା ପାଇଁ ଏହା ବ୍ଲାକ୍‌ମେଲ, ନା ଜବରଦସ୍ତ ଆଦାୟ ନା ଲୁଟ୍ ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି। ୪ଟି ନାମମାତ୍ର କମ୍ପାନୀ ମଧ୍ୟ ଭାଜପାକୁ ଚାନ୍ଦା ଦେଇଛନ୍ତି। ଏକଚ୍ଛତ୍ରବାଦୀ ମୋଦି ସରକାର ଚାନ୍ଦା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇଥିବାବେଳେ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଥିବା ଖାର୍ଗେ ଅଭିଯୋଗ କରିଛନ୍ତି। ଲୁଟ୍ ଅର୍ଥକୁ ସୁରକ୍ଷା ଦେବା ପାଇଁ ଭାଜପା ଅସାମ୍ବିଧାନିକ ଏବଂ ବେଆଇନ ଇଲେକ୍ଟୋରାଲ ବଣ୍ଡ୍ ବ୍ୟବହାର କରୁଥିଲା। ଯଦି ଗଣତନ୍ତ୍ରର ଜନନୀ ପାଇଁ ଭାଜପା ଚିନ୍ତା କରୁଥାଏ, ତେବେ ନିଜ ଅର୍ଥ ବ୍ୟବସ୍ଥା ଉପରେ ଶ୍ୱେତପତ୍ର ଆଣିବାକୁ ଖାର୍ଗେ ଦାବି କରିଛନ୍ତି।

## ଭାଜପାରେ ପରନୀତ କୌର

ଚଣ୍ଡିଗଡ଼, ୧୪।୩



ଲୋକ ସଭା ନିର୍ବାଚନ ପୂର୍ବରୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ସ୍ତ୍ରୀ ତଥା ନିଲମ୍ବିତ କଂଗ୍ରେସ ସାଂସଦ ପରନୀତ କୌର ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡ଼େ ଓ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକରଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଗତବର୍ଷ ଫେବୃଆରୀରେ ପରନୀତଙ୍କୁ କଂଗ୍ରେସ ନିଲମ୍ବନ କରିଥିଲା। ୪ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ପରନୀତ ଭାଜପାରେ ଯୋଗଦେବା ପରେ ତାଙ୍କୁ ପଟିଆଲା ଆସନରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି।

## ବିଲ୍ଡିଂରେ ନିଆଁ: ୨ ଶିଶୁ ସମେତ ୪ ଜଳିଗଲେ

ନୂଆଦିଲ୍ଲୀ, ୧୪।୩



ଦିଲ୍ଲୀର ଶାସ୍ତ୍ରୀନଗର ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ଗୁରୁବାର ନିଆଁଲାଗି ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡ ଘଟିଥିବା ଖବର ପାଇ ଦିଲ୍ଲୀ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉକ୍ତ ବିଲ୍ଡିଂରୁ ୯ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ। ଆହତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪ ଜଣ ମହିଳା, ୩ ଜଣ ପୁରୁଷ ଓ ୨ ଜଣ ଶିଶୁ ରହିଥିବାବେଳେ ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବିଲ୍ଡିଂର ତଳ ମହଲାରୁ ୨ ଶିଶୁଙ୍କ ସହ ୪ ଜଣଙ୍କ ମୃତଦେହ ମିଳିଥିବାବେଳେ ସମସ୍ତ ମୃତକ ଗୋଟିଏ ପରିବାରର ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅଗ୍ନିକାଣ୍ଡରେ ଉକ୍ତ ବିଲ୍ଡିଂର ପାର୍କିଂରେ ଥିବା ୪ଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଥିବା ପୋଲିସ ସୂଚନା ଦେଇଛି। ଏହି ଅଗ୍ନିକାଣ୍ଡର ତଦନ୍ତ ଚାଲିଥିବାବେଳେ, ଶର୍ଟ ସର୍କିଟ ଯୋଗୁ ବିଲ୍ଡିଂରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।



ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଗୁରୁବାର କିଷାନ ମହାପଞ୍ଚାୟତ ବେଳେ ୨୪ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଜାମ୍।

## ମାନବ ବିକାଶ ସୂଚକାଙ୍କରେ ଭାରତର ଉନ୍ନତି

ନୂଆଦିଲ୍ଲୀ,୧୪।୩ (ପି.ଟି.)

ଜାତିସଂଘର ମାନବ ବିକାଶ ସୂଚକାଙ୍କ (ଏଚ୍‌ଡିଆଇ)ରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠିଛି। ୨୦୨୨ରେ ୧୯୩ଟି ଦେଶକୁ ନେଇ କରାଯାଇଥିବା ସର୍ଭେରେ ଭାରତର ସ୍ଥାନ ୧୩୪ ରହିଛି। ୨୦୨୧ରେ ୧୯୧ଟି ଦେଶକୁ ନେଇ ହୋଇଥିବା ସର୍ଭେରେ ଭାରତର ଏଚ୍‌ଡିଆଇ ୧୩୫ ଥିଲା। ୨୦୨୨ର ଲିଙ୍ଗଗତ ଅସମାନତା ସୂଚକାଙ୍କ (ଜିଆଇଆଇ)ରେ ଭାରତ ୧୯୩ ଦେଶ ମଧ୍ୟରେ ୧୦୮ ସ୍ଥାନରେ ରହିଛି। ପୂର୍ବବର୍ଷ ଏହା ୧୨୨ତମ ସ୍ଥାନରେ ରହିଥିଲା। ତେବେ ଶ୍ରମଶକ୍ତି ଅଂଶଗ୍ରହଣ ହାରକୁ ଦେଖିଲେ ଭାରତରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ୪୭.୮ ପ୍ରତିଶତ ବ୍ୟବଧାନ ରହିଛି। ବିଭିନ୍ନ ଉପାର୍ଜନକ୍ଷମ କାର୍ଯ୍ୟରେ ଦେଶର ୭୬.୧ ପ୍ରତିଶତ ପୁରୁଷ ନିୟୋଜିତ ହେଉଥିବାବେଳେ ମହିଳାଙ୍କ ହାର ମାତ୍ର ୨୮.୩ ପ୍ରତିଶତ ରହିଛି। ୨୦୨୨ରେ ଭାରତର ଏଚ୍‌ଡିଆଇ ଭାଲ୍ୟୁ ୦.୬୪୪କୁ ବୃଦ୍ଧି ପାଇଥିଲା। ୨୦୨୧ରେ ତାହା ୦.୬୩୩ ଥିଲା।

ରିପୋର୍ଟ ଅନୁଯାୟୀ ଧନୀ ରାଷ୍ଟ୍ରଗୁଡ଼ିକ ମାନବ ବିକାଶରେ ରେକର୍ଡ କରିଥିବାବେଳେ ଅତିଗରିବ ମଧ୍ୟରୁ ଦେଶ ମଧ୍ୟରୁ ଅର୍ଦ୍ଧେକ ସେମାନଙ୍କ ପ୍ରାକ୍ ସଙ୍କଟ ସ୍ତର ତଳେ ରହିଛନ୍ତି। ୨୦୨୨ରେ ଭାରତରେ ଲୋକମାନଙ୍କ ଆୟୁଷ, ଶିକ୍ଷା, ମୋଟ ଜାତୀୟ ମୁଣ୍ଡପିଛା ଆୟରେ ଉନ୍ନତି ଘଟିଛି। ଲୋକଙ୍କ ହାରାହାରି ଆୟୁଷ ୬୭.୨ରୁ ୬୭.୭ ବର୍ଷକୁ ବଢ଼ିଛି। ପିଲାମାନଙ୍କ ଶିକ୍ଷାଗ୍ରହଣ ସମୟ ୧୨.୬ ବର୍ଷକୁ ବଢ଼ିଥିବାବେଳେ ମୁଣ୍ଡପିଛା ମୋଟ ଜାତୀୟ ଆୟ ୬,୫୪୨ ଡଲାରରୁ ୬,୯୫୧ ଡଲାରକୁ ବୃଦ୍ଧି ପାଇଛି। ଲିଙ୍ଗଗତ ବୈଷମ୍ୟତା କମାଇବାରେ ଭାରତ ବେଶ୍ ଉନ୍ନତି କରିଛି। ଏହାର ଜିଆଇଆଇ ଭାଲ୍ୟୁ ୦.୪୩୭ ରହିଛି, ଯାହାକି ବୈଶ୍ୱିକ ତଥା ଦକ୍ଷିଣ ଏସୀୟ ହାରାହାରିଠାରୁ ଉନ୍ନତ।

## ଉପଭୋକ୍ତା ସଚେତନ ହେବା ଜରୁରୀ

### ବିଶ୍ୱ ଉପଭୋକ୍ତା ଅଧିକାର ଦିବସ



ଆଜିର ଯୁଗରେ ଗ୍ରାହକ ଅର୍ଥାତ୍ ଉପଭୋକ୍ତା ସଚେତନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୁଞ୍ଜିବାଦର ଏହି ଯୁଗରେ ଉପଭୋକ୍ତା ପ୍ରତ୍ୟେକ ଦିଗରେ ସତର୍କ ରହିବା ଉଚିତ୍। ଜଣେ ଉପଭୋକ୍ତାଙ୍କୁ ଅନେକ ଅଧିକାର ଦିଆଯାଇଛି, ଯାହା ବିଷୟରେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ। ପ୍ରତିବର୍ଷ ୧୫ ମାର୍ଚ୍ଚରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନ କରାଯାଏ। ଏହି ଦିନ ଉପଭୋକ୍ତାଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଅନେକ ପ୍ରକାରର ଅଭିଯାନ ମଧ୍ୟ ଚାଲେ। ଉପଭୋକ୍ତା ଦିବସ ମାର୍ଚ୍ଚ ୧୫ରେ ପାଳନ କରାଯିବ ପଛରେ ବି କାରଣ ରହିଛି।

ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର କଳ୍ପନା ପ୍ରଥମେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜନ ଏଫ କେନେଡି କରିଥିଲେ। ୧୫ ମାର୍ଚ୍ଚ ୧୯୬୨ରେ ଜନ ଏଫ କେନେଡି ଆନୁଷ୍ଠାନିକ ଭାବେ ଆମେରିକା କଂଗ୍ରେସକୁ ସମ୍ବୋଧିତ କରିଥିଲେ। ଏହି ସମୟ ମଧ୍ୟରେ ସେ ଉପଭୋକ୍ତା ସମ୍ବନ୍ଧୀୟ ଅଧିକାର ବିଷୟରେ ଦାବି ଉଠାଇଥିଲେ। ଜନ ଏଫ କେନେଡି ଦୁନିଆର ପ୍ରଥମ ନେତା, ଯିଏ ପ୍ରଥମ ଥର ପାଇଁ ଉପଭୋକ୍ତାଙ୍କ ଅଧିକାର ବିଷୟରେ କହିଥିଲେ।

୧୯୮୩ରେ ୧୫ ମାର୍ଚ୍ଚରେ ପ୍ରଥମ ଥର ପାଇଁ ଉପଭୋକ୍ତା ଦିବସ ପାଳନ କରାଯାଇଥିଲା। ଏହା ପରେ ପ୍ରତିବର୍ଷ ମାର୍ଚ୍ଚ ୧୫ରେ ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ପରମ୍ପରା ଚାଲିଛି। ବିଶ୍ୱ ଉପଭୋକ୍ତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ଗ୍ରାହକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ଅବଗତ କରାଇବା। ଆଜିର ଯୁଗରେ କଳାବଜାର ଏବଂ ନକଲି କାରବାର ବୃଦ୍ଧି ପାଉଛି। ଲୋକମାନେ ସେମାନଙ୍କର ଉପଭୋକ୍ତା ଅଧିକାର ବିଷୟରେ ଜାଣିବା ଜରୁରୀ।

### ଫୁରସତ

## ଫିଜ୍ ବଢ଼ାଇଲେ ରୋହିତ



ରୋହିତ୍ ଶେଟ୍ଟୀ

**ମୁମ୍ବାଇ:** ଷ୍ଟଣ୍ଟ୍ ଆଧାରିତ ରିଏଲିଟି ଟିଭି ଶୋ' 'ଖତରୋ କେ ଖିଲାଡ଼ି'ର ଚତୁର୍ଦ୍ଦଶ ସଂସ୍କରଣ ଆଗକୁ ଆସିବାକୁ ଯାଉଛି, ଯାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ମଧ୍ୟ ରହିଛି। ସବୁ ଥର ଭଳି ଚଳିତ ଥର ମଧ୍ୟ ଏହି ରିଏଲିଟି ଶୋ'ରେ ବହୁ ଲୋକପ୍ରିୟ ପ୍ରତିଯୋଗୀ ବିପଜ୍ଜନକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିବ। ସେହିପରି ପ୍ରତ୍ୟେକ ଥର ପରି, ଏଥର ମଧ୍ୟ ବିଶିଷ୍ଟ ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ୍ ଶେଟ୍ଟୀ ଏହି ଶୋ'କୁ ହୋଷ୍ଟ କରିବାକୁ ଯାଉଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳିଥିବା ଖବର ଅନୁଯାୟୀ, ଏଥର ରୋହିତ ଏହି ଶୋ'କୁ ହୋଷ୍ଟ କରିବା ପାଇଁ ତାଙ୍କର ଫିଜ୍ ବୃଦ୍ଧି କରିବାକୁ ଦାବି କରିଛନ୍ତି।

କୁହାଯାଉଛି ଯେ, ରୋହିତ ଶେଟ୍ଟୀ 'ଖତରୋ କେ ଖିଲାଡ଼ି'ର ଚତୁର୍ଦ୍ଦଶ ସଂସ୍କରଣକୁ ହୋଷ୍ଟ କରିବା ପାଇଁ ଏହାର ନିର୍ମାତାଙ୍କଠାରୁ ବିପୁଳ ପରିମାଣର ଫିଜ୍ ଦାବି କରିଛନ୍ତି। ଖବର ଅନୁଯାୟୀ, ରୋହିତ ଏଥର ପ୍ରତ୍ୟେକ ଏପିସୋଡ୍ ପାଇଁ ପ୍ରାୟ ୬୦ରୁ ୭୦ ଲକ୍ଷ ଟଙ୍କା ଫିଜ୍ ଆକାରରେ ନେବେ। ସେହିପରି ସମଗ୍ର ସିଜନ୍ ପାଇଁ ତାଙ୍କର ଦରମା ୧୬ କୋଟିରୁ ଅଧିକ ରହିବ। ଗତ ସିଜନରେ ରୋହିତ୍ ଗୋଟିଏ ଏପିସୋଡ୍ ପାଇଁ ୫୦ ଲକ୍ଷ ଟଙ୍କା ଫିଜ୍ ନେଇଥିଲେ। ତେବେ ଏନେଇ ରୋହିତ ଶେଟ୍ଟୀ କିମ୍ବା ତାଙ୍କ ଟିମ୍ ପକ୍ଷରୁ କୌଣସି ଆଧିକାରୀକ ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନା ଅନୁଯାୟୀ, ରୋହିତ ଶେଟ୍ଟୀ ଏବଂ 'ଖତରୋ କେ ଖିଲାଡ଼ି-୧୪'ର ପ୍ରତିଯୋଗୀମାନେ ଶୁଟିଂ ପାଇଁ ଦକ୍ଷିଣ ଆଫ୍ରିକା ଯିବେ। ଏହାର ଶୁଟିଂ ଆସନ୍ତା ମେ' ମାସରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ସେହିପରି 'ଖତରୋ କେ ଖିଲାଡ଼ି-୧୪'ର ପ୍ରତିଯୋଗୀମାନଙ୍କ ବିଷୟରେ ଅନେକ କଳ୍ପନାଜଳ୍ପନା ଜାରି ରହିଛି। କିଛି ରିପୋର୍ଟରୁ ଜଣାପଡ଼ିଛି ଯେ ଏହି ଶୋ ପାଇଁ 'ଗମ ହେ କିସିକି ପ୍ୟାର୍ ମେଁ'ର ତାରକା ନିଲ୍ ଭଟ୍ଟଙ୍କ ନିକଟକୁ ଅଫର୍ ଆସିଛି। ଗତ ସଂସ୍କରଣରେ ତାଙ୍କ ପତ୍ନୀ ଐଶ୍ୱର୍ଯ୍ୟା ଶର୍ମା ଏଥିରେ ଭାଗ ନେଇଥିଲେ। ଏହା ବ୍ୟତୀତ ଭିକି ଜୈନ ଏବଂ ଅଙ୍କିତା ଲୋଖାଣ୍ଡେଙ୍କ ନାମକୁ ମଧ୍ୟ ଏହି ଶୋ'ର ପ୍ରତିଯୋଗୀ ହିସାବରେ ଯୋଡ଼ା ଯାଉଛି। ଏହି ଦମ୍ପତି ନିକଟରେ ସରିଥିବା ରିଏଲିଟି ଟିଭି ଶୋ' 'ବିଗ୍ ବସ୍-୧୭'ରେ ଭାଗ ନେଇଥିଲେ।

# ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତୃତୀୟ ପକ୍ଷ ୟୁପିଆଇ ଆପ୍ ହେବ ପେଟିଏମ୍

**ନୂଆଦିଲ୍ଲୀ,୧୪।୩**

ଦେଶର ଅଗ୍ରଣୀ ତଥା ଇ ପ୍ଲାଟ୍‌ଫର୍ମ (ଡିଜିଟାଲ) ଜରିଆରେ ଆର୍ଥିକ ସେବା ପ୍ରଦାନ କରୁଥିବା ପେଟିଏମ୍ ବର୍ତ୍ତମାନ ସମୟରେ ତୃତୀୟ ପକ୍ଷ ୟୁପିଆଇ ଆପ୍‌ରେ ପରିଣତ ହୋଇଛି। ଫଳରେ ପେଟିଏମ୍ ହିତାଧିକାରୀମାନେ ପ୍ରାଥମିକ ପର୍ଯ୍ୟାୟରେ କାରବାର ସହ ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କ ସହ ଜଡିତ ହେବା ପାଇଁ ମଧ୍ୟ କୁହାଯାଇଛି। ସେହିଭଳି ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଗୁରୁବାର ମଲ୍ଟି ବ୍ୟାଙ୍କ ମଡେଲ ଅଧୀନରେ ତୃତୀୟ-ପକ୍ଷ ଆବେଦନ ପ୍ରଦାନକାରୀ ଭାବେ ୟୁପିଆଇରେ ଅଂଶଗ୍ରହଣ କରିବାକୁ ପେଟିଏମ୍-ମାଲିକ ୱାନ୍ ନାଇନ ସେଭନ କମ୍ୟୁନିକେଶନ୍ ଲିମିଟେଡ୍‌କୁ ଅନୁମୋଦନ ପ୍ରଦାନ କରିଛି। ଏପରିକି ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୟେସ୍ ବ୍ୟାଙ୍କ ପେଟିଏମ୍‌କୁ ପେମେଣ୍ଟ ସିଷ୍ଟମ ପ୍ରଦାନକାରୀ ବ୍ୟାଙ୍କ ଭାବେ କାର୍ଯ୍ୟ କରିବେ। ସେହିପରି ୟେସ୍ ବ୍ୟାଙ୍କ ମଧ୍ୟ ୱାନ୍ ନାଇନ ସେଭନ କମ୍ୟୁନିକେଶନ୍ ଲିମିଟେଡ୍ ପାଇଁ ବିଦ୍ୟମାନ ତଥା ନୂତନ ୟୁପିଆଇ ବ୍ୟବସାୟୀମାନଙ୍କ ପାଇଁ ବ୍ୟାଙ୍କ ଅଧିଗ୍ରହଣକାରୀ ଭାବେ କାର୍ଯ୍ୟ କରିବ। ବିଶେଷକରି @ ପେଟିଏମ୍ ହ୍ୟାଣ୍ଡେଲକୁ ଗ୍ରହଣ ପାଇଁ ୟେସ୍ ବ୍ୟାଙ୍କକୁ ପୁନଃ ନିର୍ଦ୍ଦେଶ ପ୍ରଦାନ କରାଯିବ ବୋଲି ଏନ୍‌ପିସିଆଇ ପକ୍ଷରୁ ବିସ୍ତୃତ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ମଲ୍ଟି ବ୍ୟାଙ୍କ ମଡେଲ ଅଧୀନରେ ତୃତୀୟ-ପକ୍ଷ ଆବେଦନ ପ୍ରଦାନକାରୀ ଭାବେ ୟୁପିଆଇରେ ଅଂଶଗ୍ରହଣ କରିବାକୁ ଏନ୍‌ପିସିଆଇ ୱାନ୍ ନାଇନ ସେଭନ କମ୍ୟୁନିକେଶନ୍ ଲିମିଟେଡ୍‌କୁ ଅନୁମୋଦନ ପ୍ରଦାନ କରିଛି। ଅପରପକ୍ଷରେ ଏନ୍‌ପିସିଆଇର ନିଷ୍ପତ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ଅବଧି ସମୟ ସୀମାର ଗୋଟିଏ ଦିନ ପୂର୍ବରୁ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ୍) ର ଗ୍ରାହକ ଏବଂ ବଣିକମାନଙ୍କୁ ୨୦୨୪ ମାର୍ଚ୍ଚ ୧୫ ସୁଦ୍ଧା ସେମାନଙ୍କ ଆକାଉଣ୍ଟକୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ସହ ବିଜ୍ଞପ୍ତି ପ୍ରକାଶ କରିଛି।




## କର୍ମଚାରୀ ଛଟେଇ କରିବ ପେଟିଏମ୍

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ଅବଧି ଶେଷ ପୂର୍ବରୁ ପେଟିଏମ୍ ତା'ର କର୍ମଚାରୀ ଛଟେଇ ସହ ଅନ୍ୟାନ୍ୟ ସୁବିଧା ପ୍ରୟୋଗ କରିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ବିଶେଷକରି ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଉପରେ ଆର୍‌ବିଆଇ କଟକଣା ଜାରି କରିବା ଫଳରେ କମ୍ପାନୀ ନାନା ସମସ୍ୟାରେ ସମ୍ମୁଖୀନ ହେଉଛି। ଏପରିକି କାରବାର ବାଧାପ୍ରାପ୍ତ ହେବାରୁ ଶେୟାର ସହିତ ବଜାର ପୁଞ୍ଜିରେ ମଧ୍ୟ ହ୍ରାସ ଘଟୁଛି। କମ୍ପାନୀ କ୍ଷତିରେ ଚାଲୁଥିବାରୁ ପେଟିଏମ୍ ପ୍ରାୟ ୨୦% କର୍ମଚାରୀ ଛଟେଇ କରିବ ବୋଲି ଘୋଷଣା କରିଛି। ସେହିଭଳି ନିୟାମକ ନିୟମ ପାଳନରେ ଅବହେଳା କାରଣରୁ ଆର୍‌ବିଆଇ ୨୦୨୪ ଜାନୁଆରୀ ଶେଷ ସପ୍ତାହରେ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କକୁ ନିଷିଦ୍ଧ କରିଥିଲା। ତେବେ କୋଟି କୋଟି ଗ୍ରାହକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ନିୟାମକ ପ୍ରଥମେ ୨୦୨୪ ଫେବୃଆରୀ ୨୯ ପର୍ଯ୍ୟନ୍ତ କଟକଣା କୋହଳ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ୨୦୨୪ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏ ନେଇ ପେଟିଏମ୍ ପେମେଣ୍ଟସ ବ୍ୟାଙ୍କର ପ୍ରତିଷ୍ଠାତା ବିଜୟ ଶଙ୍କର କହିଥିଲେ, ପେଟିଏମ୍ ପେମେଣ୍ଟସ ବ୍ୟାଙ୍କକୁ ଭାରତୀୟ ରିଜର୍ଭ ବ୍ୟାଙ୍କଠାରୁ ପେମେଣ୍ଟ ବ୍ୟାଙ୍କର ଲାଇସେନ୍ସ ମିଳିଛି। ଉକ୍ତ କାରଣରୁ ପେଟିଏମ୍ ରିଜର୍ଭ ବ୍ୟାଙ୍କ ନିୟନ୍ତ୍ରଣ ଅଧୀନରେ ଆସୁଛି। ଏପରିକି ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ନିୟାମକ ନିୟମକୁ ଠିକ୍ ଭାବେ ପାଳନ କରୁ ନ ଥିବା ବେଳେ ଏହା ଉପରେ ପ୍ରତିବନ୍ଧକ ଲଗାଯାଇଛି।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧୪।୩**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩୫ (୩୩୫.୩୯) ପଏଣ୍ଟ ବଢି ୭୩,୦୯୭(୭୩,୦୯୭.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୯ (୧୪୮.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୪୭ (୨୨,୧୪୬.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।


**BIRTHDAY WISH**



**Manisha Sukalyani**
**Khandagiribari, BBSR**
**Sending you smiles for every moment of your special day.... Have a wonderful time and a very happy birthday.**

ଧ-୨୭୪୪

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |

OAS HUB
*Make your dreams into reality*
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବଜାରରେ ହିରୋ ମୋଟୋକର୍ପର ମାଭରିକ୍‌୪୪୦ ଆଣ୍ଡ ଏକ୍ସଟ୍ରିମ୍‌୧୨୫ଆର୍ ମଡେଲ



କଟକର ସନି ମୋର୍ଟସ ପରିସରରେ ହିରୋ ମୋଟୋକର୍ପର ମାଭରିକ୍‌୪୪୦ ଆଣ୍ଡ ଏକ୍ସଟ୍ରିମ୍‌୧୨୫ଆର୍ ମଡେଲ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସନି ମୋଟର୍ସର ଏମ୍.ପି .ଅର୍ଶଦୀପ ସିଂ ଉପସ୍ଥିତ ଗ୍ରାହକଙ୍କୁ ଗାଡି ଚାବି ହସ୍ତାନ୍ତର କରୁଛନ୍ତି।



କଟକର ଜେଏମ୍‌ଜି ଅଟୋମୋବାଇଲ ପରିସରରେ ହିରୋ ମୋଟୋକର୍ପର ମାଭରିକ୍‌୪୪୦ ଆଣ୍ଡ ଏକ୍ସଟ୍ରିମ୍‌୧୨୫ଆର୍ ମଡେଲ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏମ୍‌ଜି ଅଟୋମୋବାଇଲର ଏମ୍.ପି. ପ୍ରଦୀପ ଅଗ୍ରୱାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକର ଏସେନ ହିରୋ ପରିସରରେ ହିରୋ ମୋଟୋକର୍ପର ମାଭରିକ୍‌୪୪୦ ଆଣ୍ଡ ଏକ୍ସଟ୍ରିମ୍‌୧୨୫ଆର୍ ମଡେଲ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସେନ ଗ୍ରୁପ୍‌ର ନିର୍ଦ୍ଦେଶକ ହେମନ୍ତ ଠକ୍କର ଗାଡ଼ି ଚାବି ଗ୍ରାହକଙ୍କୁ ପ୍ରଦାନ କରୁଛନ୍ତି।


# Classified Everyday
**0674-2580101, 2549949**



**REAL ESTATE**

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

**Bank approved gharabari plot boundary wall** ସହିତ ବିକ୍ରି ହେଉଛି **near Oxford Engg. College just 7.5 K.M. from Hanspal Square. 9437005434.** D-75926

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

30 Acres fully developed all amenities near Trinath Bazar, Fulnakhara @ 1050/-. 8144391451. D-75925

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

**ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067.** D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928



**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

Tolet 1st and 2nd floor flat at Parvati Villa, Ravi Talkies Square, BBSR. Contact- 8340319270. D-76001




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

Relax, refresh your body, mind by expert therapist. Contact- 9938843929. D-76106


**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Newly open health benefits SPA special Offer @999 Bapuji Nagar. 8018429809. D-76107

**Bodymassage by experience good looking therapist @ 999/- (Bhubaneswar). 9078484455.** D-2688


**AFFIDAVIT**



ଆମ୍ଭେ ଗୋଦାବରୀ ସାହୁ ଓରଫ ସୀତାରାଣୀ ସାହୁ, ସ୍ୱାମୀ- ରାମଚନ୍ଦ୍ର ସାହୁ, ଗ୍ରାମ- ଧୂମପୁର, ପୋ.ଅ- ଚନ୍ଦ୍ରପଡ଼ା, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୧୨।୦୨।୨୪ରିଖରେ ତହସିଲଦାର ସିମୁଳିଆଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୪୭୮ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ଗୋଦାବରୀ ସାହୁ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବା ବେଳେ ଆମ୍ଭେ ଗତ ତା ୦୫।୧୦।୨୦୧୧ରିଖରେ ଆମ୍ଭର ଡାକ ନାମ ସୀତାରାଣୀ ସାହୁ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୨୭୬୬

I, Neha Rahim Kumar Sahoo, W/o- Tanmaya Mohapatra, resident of Plot No.40, Lane No.-3, Dibya Vihar, Samantarapur, P.O.- Old Town, P.S.- Shree Lingaraj, Bhubaneswar, 751002, Dist.- Khordha, Odisha, declare by this affidavit No.-50, dated 08.02.2024 that now onwards I shall be known as Neha Mohapatra for all future purposes. D-2766

I, DIWAN ASLAM KHAN, S/o- Late Shamsuddin Khan, resident of Plot No.- 414/4104, Bajrang Vihar, Patia, P.S.- Infocity, Dist.- Khordha, PIN- 751024, Odisha declare by this affidavit No.-CC-84 dt. 14.03.2024 that now onwards I shall be known ASLAM KHAN for all future purposes. D-2763

**LOST**

Sale Deed Lost: ଢେଙ୍କାନାଳ ଟାଉନ୍ ବଡ଼ଷାଠିଏ ବାଟିଆ ମୌଜାର Kabala Regd. No.-10501205303, dt. 13.08.2012 କୌଣସି ଜାଗାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। Contact- Sushree Punam Bhanja, Mob- 9556644554, 8260522056. D-75427

# ଭୁବନେଶ୍ୱରରେ ବେଦାନ୍ତୁ ଅଫ୍‌ଲାଇନ ଲର୍ନିଂ ସେଣ୍ଟର




**ଭୁବନେଶ୍ୱର,୧୪।୩ (ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ଅନ୍‌ଲାଇନ କୋଚିଂ ସେଣ୍ଟର 'ବେଦାନ୍ତୁ'ର ଅଫ୍‌ଲାଇନ ଲର୍ନିଂ ସେଣ୍ଟର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଆର୍‌ସିଏମ୍ କ୍ୟାମ୍ପସଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ୧୭ରେ ଉକ୍ତ ସେଣ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) ହେବାକୁ ଯାଉଛି।

ଏହି ପରିପ୍ରେକ୍ଷୀରେ ବେଦାନ୍ତୁ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବେଦାନ୍ତୁର ଭିପି (ବିଜ୍‌ନେସ୍) ସଚିନ ଅଗ୍ରୱାଲଙ୍କ ସମେତ ବେଦାନ୍ତୁ ଲର୍ନ ସେଣ୍ଟରର ପାର୍ଟନର ଜ୍ୟୋତିରଞ୍ଜନ ତ୍ରିପାଠୀ ଏବଂ ବିକାଶ ବାହିନୀପତି ଉପସ୍ଥିତ ରହି ଭୁବନେଶ୍ୱର ସେଣ୍ଟର ସମ୍ପର୍କରେ ବିସ୍ତୃତ ଆଲୋଚନା ସହିତ ସେଣ୍ଟରର ଆଭିମୁଖ୍ୟ ବିଷୟରେ ମଧ୍ୟ ମତପ୍ରକାଶ କରିଥିଲେ। ସେହିଭଳି ଏଡ୍-ଟେକ୍ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟିକାରୀ ବେଦାନ୍ତୁ ଅଫ୍‌ଲାଇନ କୋଚିଂରେ ମଧ୍ୟ ବିପ୍ଳବ ଆଣିବାକୁ ଯାଉଛି ବୋଲି ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଲର୍ନିଂ ସେଣ୍ଟର ଚଳିତ ବର୍ଷ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି ଏବଂ ଏହା ଅଫ୍‌ଲାଇନ ଚ୍ୟାନେଲରେ ଜେଇଇ/ଏନ୍‌ଇଇଟି ଭଳି ପରୀକ୍ଷାଗୁଡିକ ନିମନ୍ତେ ଗୁଣାତ୍ମକ ଶିକ୍ଷାର ସୁଯୋଗ ପରିବ୍ୟାପ୍ତ କରିବା ଦିଗରେ ଏହା ବେଦାନ୍ତୁର ରଣକୌଶଳାତ୍ମକ ପଦକ୍ଷେପ ହୋଇଛି। ଚଳିତ ମାସ ୧୭ରେ ଏହି ସେଣ୍ଟର ଶୁଭାରମ୍ଭ ଉପଲକ୍ଷେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜନ ହେବାକୁ ଯାଉଛି।

# କାରବାର ବୃଦ୍ଧିରେ ଆଇସି ନେଟ୍‌ୱର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୪।୩**

ଘରୋଇ ବଜାରରେ ବୀମା କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଗତ କିଛି ବର୍ଷ ହେଲା ବୀମା ପ୍ରତି ସବୁ ବର୍ଗର ଲୋକ (ଗ୍ରାହକ) ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବଜାଜ ଆଲିଆଞ୍ଜ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭାରତ ଏବଂ ଓଡ଼ିଶାରେ ଜୀବନ ବୀମାକୁ ଏକ ବହୁମୁଖୀ ନିବେଶର ବିକଳ୍ପ ଭାବେ ସଚେତନ ଏବଂ ସରଳ କରିବା ପାଇଁ ବୀମା ପରାମର୍ଶଦାତା (ଇନ୍‌ସ୍ୟୁରାନ୍ସ କନ୍‌ସଲଟାଣ୍ଟ ବା ଆଇସି)ର ନେଟ୍‌ୱର୍କକୁ ଉପଯୋଗ କରୁଛି। ସେହିଭଳି ସମଗ୍ର ଓଡ଼ିଶାରେ କମ୍ପାନୀର ୮,୫୦୦ରୁ ଅଧିକ ଏଜେଣ୍ଟ ଏବଂ ୩୮ଟି କାର୍ଯ୍ୟାଳୟ ସହ ଦୃଢ଼ ଉପସ୍ଥିତି ରଖିଥିବା ବେଳେ କମ୍ପାନୀ ସମ୍ପୃକ୍ତ ଅଞ୍ଚଳରେ ବୀମା ଉପଲବ୍ଧତା ବୃଦ୍ଧି ପାଇଁ ସମର୍ପିତ ରହିଛି। ବିଶେଷକରି ବୀମା ଏଜେଣ୍ଟ ଭାବେ ପରିଚିତ ଆଇସିମାନେ ଗ୍ରାହକମାନଙ୍କ ସହିତ କଥାବାର୍ତ୍ତା କରିବା ଏବଂ ସେମାନଙ୍କ ଜୀବନ ଲକ୍ଷ୍ୟ ସହ ଜଡ଼ିତ ଆର୍ଥିକ ନିଷ୍ପତ୍ତି ନେବାରେ ସେମାନଙ୍କୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ବଜାଜ ଆଲିଆଞ୍ଜ ଲାଇଫ୍‌ର ମୁଖ୍ୟ ଏଜେନ୍ସି ଅଧିକାରୀ ସମୀର ଜୋଷୀ କହିଛନ୍ତି, ଜୀବନ ବୀମାକୁ ପ୍ରାୟତଃ ଜଟିଳ ଭାବେ ବିବେଚନା କରାଯାଏ ଏବଂ ଗ୍ରାହକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ଜୀବନ ଲକ୍ଷ୍ୟ ଆଧାରରେ ଠିକ୍ ନିବେଶ ଚୟନ କରିବାରେ ମାର୍ଗଦର୍ଶନ କରିବା ପାଇଁ ଏଭଳି ଲୋକଙ୍କୁ ପସନ୍ଦ କରନ୍ତି, ଯାହାଙ୍କ ଉପରେ ତାଙ୍କର ବିଶ୍ୱାସ ରହିଛି।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟ୍‌ବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସ ମ୍ୟାଚ। (ଫଟୋ: ବିକାଶ ନାୟକ)।

# ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସର ଦ୍ୱିତୀୟ ଚରଣ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ପ୍ରତିଯୋଗିତାରୁ ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ ହୋଇଛି। ମାର୍ଚ୍ଚ ୭ରେ ନ୍ୟୁ ସାଉଥ୍ ୱେଲ୍ସର ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଫଳରେ ୨ଟି ମ୍ୟାଚ ପରେ ଏଗ୍ରିଗେଟରେ ୪-୦ରେ ଅଗ୍ରଣୀ ରହି ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସରେ ପ୍ରବେଶ କରିଛି। ଫାଇନାଲ୍ସରେ ପ୍ରବେଶ କରିବାକୁ ହେଲେ ଓଡ଼ିଶା ଏଫ୍‌ସିକୁ ଏଠାରେ ଅତିକମ୍‌ରେ ୫ ଗୋଲ ବ୍ୟବଧାନରେ ବିଜୟ ଆବଶ୍ୟକ ହେଉଥିଲା। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ମାରିନର୍ସ ନିକଟରୁ ପରାଜିତ ହୋଇଥିଲେ ହେଁ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେବେ ଉଭୟ ଦଳର ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ମ୍ୟାଚର ୨୮ତମ ମିନିଟରେ ମାରିନର୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ବକ୍ସ ଏରିଆରେ ଏଡମଣ୍ଡସନଙ୍କୁ ଡେଲଗାଡୋ ତଳେ ପକାଇ ଦେବାରୁ ମାରିନର୍ସ ଦଳକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ମାଇକେଲ ଡୋକା ମାରିଥିବା ଶଟ୍ ପୋଷ୍ଟରେ ବାଜି ଫେରି ଆସିଥିଲା। ଏଠାରେ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ପ୍ରଥମାର୍ଦ୍ଧ ଶେଷରେ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ଉଭୟ ଦଳର ଖେଳାଳି ମୁହାଁମୁହିଁ ହେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ମାତ୍ର ଅଫିସିଆଲଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଓ କିର୍ଗିଜସ୍ତାନର ଆବଡିଶ-ଆଟା କାଣ୍ଟ ମଧ୍ୟରେ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସ ଅନୁଷ୍ଠିତ ହେବ।



ଏକ ନିଷ୍ପତ୍ତିକୁ କେନ୍ଦ୍ରକରି ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି।

**ଏଏଫ୍‌ସି କପ୍**

**ଆନ୍ତଃ-ଜୋନ୍ ପ୍ଲେ-ଅଫ୍ ଫାଇନାଲ୍ସରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ**

# ୨୬୯ ପଦକ ପାଇଁ ଅର୍ଥରାଶି ପୁରସ୍କାର

**୨୦ କ୍ରୀଡ଼ା ବର୍ଗରେ କ୍ରୀଡ଼ାବିତ୍‌ଙ୍କୁ ୫୬ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯାଇଛି। ୨୬୯ ପଦକ ପାଇଁ କୃତି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡ଼ିୟମ ସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧକ୍ଷ ଦିଲ୍ଲୀପ ର୍ତିକୀ କ୍ରୀଡ଼ାବିତ ମାନଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଆଥଲେଟିକ୍ସ, ସୁଇମିଂ, ରଗବୀ, ହକି, ବ୍ୟାଡ଼ମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ଶୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିୟନଶିପ୍‌ରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପାଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ କି ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପ୍ରଦାନର ଏହା ଏକ ଅଂଶ ବିଶେଷ। ୫-ଟି ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତ୍‌କ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୋଚ ଏବଂ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ।




ଆର୍ଥିକ ପ୍ରୋତ୍ସାହନ ଲାଭ କରିଥିବା କୃତୀ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ଗହଣରେ।

# ଭାରତ ବିଜୟୀ

ନୂଆଦିଲ୍ଲୀ, ୧୪।୩: କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍‌ଡ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚରେ ଗୁରୁବାର ଭାରତ ୮ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଭାରତ ୪୦ ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାଗୁଣ୍ଡା ୪୨ବଲ୍‌ରୁ ୫୦ ରନ କରିଥିବା ବେଳେ ଦେବରାଜ ୨୯ ବଲ୍‌ରୁ ୫୪ ରନ କରିଥିଲେ।

**ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ**

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ୫୨ତମ ସଂସ୍କରଣ ଦାଦ୍ରା ଓ ନଗର ହାଭେଲିରେ ଚଳିତ ମାସ ୧୬ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜ ରାଜେଶ୍ୱରୀ ରାଉତ, ମୋନାଲିସା ନାୟକ, ପରିଜାନ ସାହୁ, ସୁଶୀଳା ମାଝି, ଗଙ୍ଗା ସାମନ୍ତ, ଅତୀକ୍ଷା ପ୍ରିୟଦର୍ଶିନୀ ପରିଡ଼ା, ଆକାଂକ୍ଷା ମିଶ୍ର, ଲୋମା ଦାସ, ଟ୍ୱିଙ୍କିଲ ପ୍ରଧାନ, ଅପର୍ଣ୍ଣା ଦାସ, ଶୁଭଶ୍ରୀ ସ୍ୱାଇଁ, ମୋନାଲିସା ଦଲେଇ, ମଧୁଶ୍ରୀ ନାୟକ, ରଶ୍ମୀପ୍ରିୟା ବାରିକ, ଲକ୍ଷ୍ମୀପ୍ରୀୟା ଦାସ ଓ ସ୍ୱର୍ଣ୍ଣଲତା ବୀରେନ୍ଦ୍ର। ଦଳ ସହ କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ନିହାରିକା ପଣ୍ଡା ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧକ୍ଷ ଉପେନ୍ଦ୍ର ନାଥ ଦାସ, ଉପସଭାପତି ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମଗୁରୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# ମୁମ୍ବାଇକୁ ୪୨ତମ ରଣଜୀ ଟାଇଟଲ

ମୁମ୍ବାଇ, ୧୪।୩ (ପି.ଟି.)

ବିଦର୍ଭକୁ ଫାଇନାଲରେ ୧୬୯ ରନରେ ପରାସ୍ତ କରି ମୁମ୍ବାଇ କ୍ରିକେଟ ଦଳ ୮ ସିଜନ ପରେ ପୁଣି ରଣଜୀ ଟ୍ରଫି ହାସଲ କରିଛି। ଟୁର୍ନାମେଣ୍ଟର ୯୦ ବର୍ଷ ଇତିହାସରେ ମୁମ୍ବାଇ ଦଳ ୪୮ ଥର ଫାଇନାଲରେ ପ୍ରବେଶ କରିପାରିଛି। ଦଳର ଏହା ହେଉଛି ୪୨ତମ ରଣଜୀ ଟାଇଟଲ। ସ୍ଥାନୀୟ ଆଇକନିକ ୱାଙ୍ଖଡେ ଷ୍ଟାଡିୟମରେ ଘରୋଇ ଦଳ ଭ୍ରମଣକାରୀ ଦଳ ବିପକ୍ଷରେ ୫୩୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୁରୁବାର ସକାଳେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୮/୫ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଅଧିନାୟକ ଅକ୍ଷୟ ୱାଦକର (୧୦୨) ଓ ହର୍ଷ ଦୁବେ (୬୫) ଚମତ୍କାର ବ୍ୟାଟିଂ କରି ବିଦର୍ଭ ସ୍ଥିତିରେ ସୁଧାର ଆଣିଥିଲେ। ତେବେ ଦଳ ୩୬୮ ରନରେ ଅଲଆଉଟ ହୋଇଯାଇଥିଲା। ବିଦର୍ଭ ସେତେବେଳେ ବିଜୟ ପାଇଁ ଆହୁରି ୨୧୦ରନ ଆବଶ୍ୟକ କରୁଥିଲା। ଲଢୁଆ ବ୍ୟାଟିଂ କରିଥିବା ୱାଡକର ବର୍ଷରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଚଳିତ ସିଜନରେ ତାଙ୍କ ରନ ସଂଖ୍ୟା ୬୦୦ ଅତିକ୍ରମ କରିଯାଇଥିଲା। ଅନ୍ୟପକ୍ଷରେ ଦୁବେ ପ୍ରଥମ ଶ୍ରେଣୀ କ୍ୟାରିୟରରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦୀର୍ଘ ସମୟ ଧରି କ୍ରିଜ୍‌ରେ ଜମି ରହିଥିଲେ। ସେମାନେ କ୍ରିଜ୍‌ରେ ୧୯୪ ମିନିଟ ଅବସ୍ଥାନ କରି ୨୫୫ ବଲ୍‌ର ସାମ୍ନା କରିଥିଲେ। ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନ ଖେଳ ଆରମ୍ଭର କିଛି ସମୟ ପରେ ତନୁଶ କୋଟିଆନ୍ (୪/୯୫) ୱାଡକରଙ୍କୁ ଲେଗ୍ ବିଫୋର କରି ଏହି ଯୋଡ଼ିକୁ ଭାଙ୍ଗି ଦେଇଥିଲେ। ଭ୍ରମଣକାରୀ ଦଳ ଦୁଇ ଥର ଟାଇଟଲ ଜିତିସାରିବା ପରେ ତୃତୀୟ ଥର ଫାଇନାଲରେ ପରାଜିତ ହୋଇଛି। ପରେ ତୁଷାର ଦେଶପାଣ୍ଡେଙ୍କ ଶର୍ଟ ବଲ୍‌ରେ ଦୁବେ (୧୨୮ ବଲ୍‌ରୁ ୬୫ରନ, ୫ ଚୌକା ଓ ୨ ଛକା) ଓ ଆଦିତ୍ୟ ସରୱଟେ ଶିକାର ହୋଇଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ସରୱଟେ ମ୍ୟାଚର ଅଧିକାଂଶ ସମୟ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ କୋଟିଆନଙ୍କ ଚତୁର୍ଥ ଶିକାର ହୋଇଥିଲେ ଯଶ ଠାକୁର (୬)। ମ୍ୟାଚର ଶେଷ ଉଇକେଟ ଅକ୍ତିଆର କରିଥିଲେ ଧାୱଲ କୁଲକର୍ଣ୍ଣୀ। ସେ ଉମେଶ ଯାଦବ (୬)ଙ୍କୁ ବୋଲ୍ଡ କରିଦେଇଥିଲେ। କୁଲକର୍ଣ୍ଣୀଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ଏଥିସହିତ କ୍ରିକେଟର ସମସ୍ତ ଫର୍ମାଟରୁ ସେ ତାଙ୍କର ଅବସର ନେଇଛନ୍ତି।

**ଅତିରିକ୍ତ ୫କୋଟି ଟଙ୍କା**

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଏହାର ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିଛି। ଫଳରେ ୪୨ ଥର ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିବା ମୁମ୍ବାଇ ଦଳ ଅତିରିକ୍ତ ୫ କୋଟି ଟଙ୍କା ପୁରସ୍କାର ପାଇବ। ଏମ୍‌ସିଏ ସଭାପତି ଆମୋଲ କାଲେ ଏବଂ ଆପେକ୍ସ କାଉନ୍‌ସିଲ ରଣଜୀ ଟ୍ରଫି ପୁରସ୍କାରକୁ ଦ୍ୱିଗୁଣିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେଣୁ ବିଜୟୀ ମୁମ୍ବାଇ ରଣଜୀ ଟ୍ରଫି ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ମିଳିବ ବୋଲି ଏମ୍‌ସିଏ ସମ୍ପାଦକ ଅଜିଙ୍କ୍ୟ ନାଏକ ପ୍ରକାଶ କରିଛନ୍ତି। ଏମ୍‌ସିଏ ପାଇଁ ଏହା ହେଉଛି ଏକ ମହାନ୍ ବର୍ଷ। କାରଣ ଆସୋସିଏଶନ ୭ ଟାଇଟଲ ହାସଲ କରିଥିବା ବେଳେ ସମସ୍ତ ବୟସ ବର୍ଗ ବିସିସିଆଇ ଟୁର୍ନାମେଣ୍ଟରେ ଆମେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛୁ ବୋଲି ସେ କହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୨୨୪ ଓ ୪୧୮। ବିଦର୍ଭ: ୧୦୫ ଓ ୧୩୪.୪ ଓଭରରେ ୩୬୮(ଅଥର୍ବ ଟାଇଡେ-୩୨, ଅମନ ମୋଖାଡେ-୩୨, କରୁଣ ନାୟାର-୭୪, ଅକ୍ଷୟ ୱାଦକର-୧୦୨, ହର୍ଷ ଦୁବେ-୬୫; ତନୁଷ କୋଟିଆନ-୪/୯୫, ମୁଶିର ଖାନ୍-୨/୪୮, ତୁଷାର ଦେଶପାଣ୍ଡେ-୨/୫୩)।



ରଣଜୀ ଟ୍ରଫି ବିଜୟ ପରେ ଉଲ୍ଲସିତ ମୁମ୍ବାଇ ଦଳ।

# ଭିଜି ଟ୍ରଫି: ନର୍ଥକୁ ହରାଇଲା ଇଷ୍ଟ ଜୋନ୍

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଆସାମରେ ଚାଲିଥିବା ବିସିସିଆଇ ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଇଷ୍ଟ ଜୋନ୍ ୧ ଉଇକେଟରେ ଗତଥରର ଚାମ୍ପିୟନ ନର୍ଥ ଜୋନ୍‌କୁ ପରାସ୍ତ କରିଛି । ଟସ୍ ଜିତି ବ୍ୟାଟିଂ କରିଥିବା ନର୍ଥ ଜୋନ୍ ୪୩.୫ ଓଭରରେ ୧୮୩ ରନକରି ଅଲ୍‌ଆଉଟ ହୋଇଥିଲା। ଇଷ୍ଟ ଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟର ଶିବାଶିଷ ସାହୁ ୪ଟି ଓ ପାର୍ଥ ସାରଥି ନାୟକ ୨ଟି ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟକୁ ଇଷ୍ଟ ଜୋନ୍ ୪୭.୨ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଆହାଟୀ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜାଲ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ କରିଥିଲେ।

# ଲକ୍ଷ୍ୟ କ୍ୱାର୍ଟରରେ, ସିନ୍ଧୁ ପରାସ୍ତ

ବର୍ମିଂହାମ୍, ୧୪।୩ (ପି.ଟି.): ଭାରତର ଲକ୍ଷ୍ୟ ସେନ୍ ବିଶ୍ୱର ୩ ନମ୍ବର ଖେଳାଳି ଆଣ୍ଡର୍ସ ଆଣ୍ଟନସେନ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଏଠାରେ ଚାଲିଥିବା ଅଲ୍ ଇଂଲଣ୍ଡ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ଖେଳ ଯୋଗୁ ପି.ଭି. ସିନ୍ଧୁ ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ୨୦୨୨ ସଂସ୍କରଣର ରନରଅପ୍ ତଥା ବିଶ୍ୱର ୧୮ ନମ୍ବର ଖେଳାଳି ସେନ୍ ଦ୍ୱିତୀୟ ରାଉଣ୍ଡରେ ୩ ଥର ବିଶ୍ୱ ଚାମ୍ପିୟନ ପଦକ ବିଜେତା ଆଣ୍ଟନସେନ୍‌ଙ୍କୁ ୨୪-୨୨, ୧୧-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ପୂର୍ବରୁ ଡବଲ୍ ଅଲିମ୍ପିକ ପଦକ ବିଜେତା ସିନ୍ଧୁ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବିଶ୍ୱର ନମ୍ବର ୱାନ ଖେଳାଳି ଆନ୍ ସି ୟଙ୍ଗଙ୍କଠାରୁ ୯-୧୧, ୧୧-୨୧ରେ ହାରିଯାଇଛନ୍ତି। କୋରିଆ ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କର ଏହା କ୍ରମାଗତ ୭ମ ପରାଜୟ। ଆନ୍ ସି ୟଙ୍ଗ ଗତବର୍ଷ କୋରିଆର ପ୍ରଥମ ମହିଳା ସିଙ୍ଗଲ୍ସ ଖେଳାଳି ହିସାବରେ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। କୋରିଆ ଖେଳାଳି ଏହି ସିଜନରେ ମାଲେସିଆ ଓ ଫ୍ରାନ୍ସରେ ଚାମ୍ପିୟନ ହୋଇଛନ୍ତି। ସିନ୍ଧୁ କିନ୍ତୁ ଆଣ୍ଠୁ ଇଞ୍ଜୁରୀରୁ ଫେରିବା ପରେ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି।

# ପଦାର୍ପଣ କଲେ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା

**ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୪।୩
(ତପନ ସ୍ୱାଇଁ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ପ୍ରଥମ ମହିଳା ଓଡ଼ିଆ ଯୋଡ଼ିଭାବେ ଦୁହେଁ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। କଟକର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ବିଶ୍ୱ ର୍‍ୟାଙ୍କିଂର ୫୧ତମ ସ୍ଥାନରେ ଥିବାରୁ ପ୍ରତିଯୋଗିତାର ମହିଳା ଡବଲ୍ସରେ ଖେଳିବା ସୁଯୋଗ ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏହି ଓଡ଼ିଶା ଯୋଡ଼ି କିନ୍ତୁ ପ୍ରଥମ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୩ ନମ୍ବରରେ ଥିବା ଜାପାନର ରିନ୍ ଇୱାନଗା ଓ କିଏ ନାକାନିଶିଙ୍କଠାରୁ ୯-୨୧, ୯-୨୧ରେ ହାରି ଯାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସନତ ମିଶ୍ର ପ୍ରଥମ ତଥା ଏକମାତ୍ର ଓଡ଼ିଆ ଭାବେ ୧୯୮୦ରେ ଅଲ୍ ଇଂଲଣ୍ଡ ଓପନ ଖେଳି ଇତିହାସ ସୃଷ୍ଟି କରିଥିଲେ। ଏହାର ୪୪ ବର୍ଷ ବ୍ୟବଧାନରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଅଲ୍ ଇଂଲଣ୍ଡ ଓପନରେ ପଦାର୍ପଣ କରିଥିଲେ। ରତପର୍ଣ୍ଣାଙ୍କ ଅଭିଜ୍ଞତା ଓ ଶ୍ୱେତପର୍ଣ୍ଣାଙ୍କ ପ୍ରତିଭାର ସମ୍ମିଶ୍ରଣରେ ଦୁଇ ଭଉଣୀ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରତପର୍ଣ୍ଣା ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ/ସିରିଜରେ ୭ ଟାଇଟଲ ଜିତି ସାରିଥିବାବେଳେ ୭ ଥର ରନରଅପ୍ ହୋଇଛନ୍ତି। ଶ୍ୱେତପର୍ଣ୍ଣାଙ୍କୁ ସାଥିକରି ସେ ୪ ଥର ଟାଇଟଲ ଜିତିଛନ୍ତି ଓ ୨ ଥର ରନରଅପ୍ ହୋଇଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଶ୍ରୀଲଙ୍କା ଇଣ୍ଟରନ୍ୟାଶନାଲରେ ଦୁଇ ଭଉଣୀ ରନରଅପ୍ ହୋଇଥିଲେ।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।


DSPL-856
ଆମ ଓଡ଼ିଶା ନବୀନ ଓଡ଼ିଶା
NABIN ODISHA MAGIC CARD
'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'ରେ
ଛାତ୍ରଛାତ୍ରୀଙ୍କୁ ମିଳିବ ଅନଲାଇନ୍ କ୍ଲାସ, ଦକ୍ଷତା ବିକାଶ ପାଠ୍ୟକ୍ରମ,
କ୍ୟାରିୟର କାଉନସେଲିଂ ଭଳି ଅନେକ ସୁବିଧା
ଆପଣଙ୍କ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼' ପାଇଁ ପଞ୍ଜୀକରଣ କରନ୍ତୁ
www.magiccard.odisha.gov.in
ସୁଗମ ଯାତାୟାତ
ଦକ୍ଷତା ବିକାଶ
ଡିଜିଟାଲ ସଂଯୋଗୀକରଣ
ବିଶେଷ ସୁବିଧା ସୁଯୋଗ
OIPR-15001/13/0826/2324


TATA MOTORS
Connecting Aspirations
TATA
ଆନନ୍ଦର ଉତ୍ସବ
ଏହି ହୋଲିରେ ଘରକୁ ନେଇ ଆସନ୍ତୁ ଖୁସିର ଜୁଆର
ଟାଟା ମୋଟର୍ସର ସବୁଠାରୁ ସୁରକ୍ଷିତ କାର ସହିତ
INDIA'S SAFEST VEHICLE RATED by GLOBAL NCAP
INDIA'S FIRST SUV RATED by BHARAT NCAP
₹140 000 ପର୍ଯ୍ୟନ୍ତ ସୁବିଧା ଉପଭୋଗ କରନ୍ତୁ
ଦ୍ରୁତ ଡେଲିଭରି । 100% ଅନରୋଡ୍ ଫାଇନାନ୍ସ । ପୁରୁଣା ଗାଡ଼ି ଉପରେ ଉତ୍କୃଷ୍ଟ ଏକ୍ସଚେଞ୍ଜ ଅଫର* । କର୍ପୋରେଟ୍ କର୍ମଚାରୀ ମାନଙ୍କ ପାଇଁ ବିଶେଷ ସୁବିଧା । ଏହି ଅଫର 31 ମାର୍ଚ୍ଚ 2024 ପର୍ଯ୍ୟନ୍ତ ବୈଧ ।
NOW WITH 3 years | 100 000 km WARRANTY^
GUGNANI AUTOCARS:
Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433.
TRUPTI ENTERPRISES:
Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412.
SHREEKHETRA AUTOMOBILES:
Bhubaneswar: 8291159378, Jagatsingpur: 8879229672, Parlakhemundi: 8879229831, Daspalla : 8291160652.
DION AUTOMOTIVES:
Bhubaneswar: 7506018735, Cuttack: 9167984347, Puri: 8879183329, Phulbani: 7506018735, Berhampur: 9152102460, Balugaon: 7506018735.
Terms and Conditions apply. *Benefits up to differs from model to model and is inclusive of consumer offer, exchange bonus and maximum corporate offer. All offers are valid for limited period or till stocks last. ^Warranty cover for 3 years/ 1 Lakh km, whichever ends earlier. Images and Illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features are subject to change without prior information. Colours may vary due to printing limitations. Local taxes and octroi extra.


Hero
Pleasure+ i3 XTEC
ମୋର ଲାଇସେନ୍ସ
ଯାହା ଦିଏ କିଛି ନୂଆ କରିବାର ଉତ୍ସାହ ।
ଯାହା ଦିଏ ନୂଆ ପଥ ଖୋଜିବାର ଉତ୍ସାହ ।
ଯାହା ଦିଏ ବିନ୍ଦାସ ରହିବାକୁ ଉତ୍ସାହ ।
#MyLicenseToRide
WITH A NEW SPORTY STRIPED THEME
 କ୍ୟାଶ୍ ବୋନସ୍ ₹3000~~
RS/Hero/03/24
ABRAX ORANGE BLUE
DIGI-ANALOG SPEEDOMETER
PROJECTOR LED HEADLAMPS
BLUETOOTH CONNECTIVITY CALL/SMS ALERT
BETTER MILEAGE FUEL-SAVING TECH
ରେଞ୍ଜ ଏକ୍ସ-ଶୋରୁମ ପ୍ରାରମ୍ଭିକ ମୂଲ୍ୟ ₹74278/-**
TOLL FREE NO. 1800-266-0018
WORLD'S NO.1 22 YEARS IN A ROW## MOTORCYCLE & SCOOTER COMPANY
INDIA'S FIRST 5 YEAR WARRANTY* *Conditions apply
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. ~~Offers amount and combination of offers may vary for model/variant & states. **Ex-showroom price of Pleasure LX variant in Bhubaneswar. T&Cs. Terms and Conditions apply.
Exchange Powered By Wheels of Trust^^
SCAN FOR BEST RESALE VALUE
Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Rayagada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolagir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736,
Authorized HeroSure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989.